
G. Kanungo.

# ଲଭ୍-ମ୍ୟାରେଜ

ଶ୍ରୀ ବିଜୟ କୁମାର ମଲ୍ଲ

*    *    *    *

ଦ୍ୱିତୀୟ ସଂସ୍କରଣ—୧୯୫୯

ପ୍ରକାଶକ
ଅଲକା ପ୍ରକାଶନୀ
କଟକ—୩

*

ପ୍ରାପ୍ତିସ୍ଥାନ
ପ୍ରକାଶ ବୁକ୍ ଷ୍ଟୋର
କଲେଜ ରୋଡ଼, କଟକ—୩

*

କଥାବସ୍ତୁ ମୁଦ୍ରଣ
ଶ୍ରୀ ପ୍ରଦୀପ୍ତ କିଶୋର ଦାସ
କୃଷକ ପ୍ରେସ, କଟକ—୧

*

ପ୍ରଚ୍ଛଦପଟ୍ଟ ରୂପକାର
ଶ୍ରୀ ଗୋପାଳ କାନୁନଗୋ

*    *    *    *

ମୂଲ୍ୟ—ଦୁଇଟଙ୍କା ମାତ୍ର

ମୋର ହାତରେ—

ତୁମ କଥା ଯେବେ କହିଲି ବନ୍ଧୁ
ମୋ କଥା କହିବା ନୁହେଁ ତ ?
ଜୀବନର ଶତ ମିଳନ ଛନ୍ଦେ
କରୁଣ ମଧୁର ନୁହେଁ ତ ।

ଶ୍ରୀ ଅଶୋକ ସାହୁ

## ✽ ଏକ ✽

ପ୍ରାଣର.........

ମୋତେ ଭୁଲ ବୁଝିବେନି ସତରେ ! କଣ କରିବି ? ଶତ ଚେଷ୍ଟା କରି ସୁଦ୍ଧା ନିଜର ଅକ୍ଷମତାକୁ ଲୁଚାଇ ପାରିଲି ନାହିଁ । ଭିତରର ମଣିଷ ବାହାର ମଣିଷକୁ ଥାପଡ଼ ମାରି ଆତ୍ମପ୍ରକାଶ କରିବାକୁ ବସିଛି । ମୁଁ ଆଉ ସହି ପାରୁନାହିଁ । ଅନ୍ତର ମୋର ଭାଙ୍ଗି ପଡ଼ୁଛି ।

ମୋତେ ପଞ୍ଚଲୁ କାହିଁକି ଟିକିଏ ବିଷ ଅବା ନ ଦେଲେ ? ସେଥିଠ ଏକ ମୁହୂର୍ତ୍ତର ଅସହ୍ୟ ଯନ୍ତ୍ରଣା ସାରା ଜୀବନର ଜ୍ୱାଳାଯନ୍ତ୍ରଣା ଅବଶୋଷ ତୁଳନାରେ କେତେ ଉଚ୍ଚ ଆଉ ମହତ୍, ଭାବି ପାରିଲେ ନାହିଁ ଆପଣ, ମୁଁ କଣ କରିବି ? ମନର ନିଭୃତ ଅନୁଭୂତିକୁ ଆପଣଙ୍କ ଆଗରେ ରୂପ ଦେବା ପାଇଁ ଯେବେ ମୋର ସ୍ୱାଧୀନତା ନ ଥାଏ, ତା'ହେଲେ ଏପରି ପରାଧୀନ ଜୀବନର ଶୀଘ୍ର ଯବନିକା ପଡ଼ିଯାଉ ।

ମୁଁ କିଛି ଲେଖି ପାରୁ ନାହିଁ । ସୁଜାତା ନତମସ୍ତକରେ ଜୀବନର ଶ୍ରେଷ୍ଠତମ ଅର୍ଘ୍ୟ ବାଢ଼ି ଦେଇଛି, ଜାଣେନା, ଦେବତା ତାର ଅର୍ଘ୍ୟ ସାଦରେ ଗ୍ରହଣ କରିବ କି ନା ?

ଇତି ।

ଥରେ, ଦୁଇଥର, ତିନିଥର, ଚାରିଥର ପଢ଼ିଗଲା । ପୁଣିଥରେ ପଢ଼ିବାକୁ ଇଚ୍ଛାହେଲା, ପଢ଼ିଲା । ସୁଜାତାର ତଥାପି ମନ ମାନିଲା ନାହିଁ । ଭାବିଲା ଚିଠି ଖଣ୍ଡିକ କାହାକୁ ଦେଖାନ୍ତା । କିଏ ନିକେ ଭଲ ଭାବରେ ମନମାଫିକେ ଲେଖି ଦିଅନ୍ତା···କିନ୍ତୁ ଦେଖାଇବ କାହାକୁ ? କିଏ ବା' ତାର ନିଜର ଅଛି ?

ସେଥିପାଇଁ ନିଃସହାୟା ସୁଜାତା କେତେଥର କାଗଜ କଲମ ଧରେ, ଚିଠି ଲେଖି ଆସେ ନି । ଦୁଇଧାଡ଼ି କଣ ଲେଖେ, ତାକୁ ଫୋପାଡ଼ି ଦିଏ, ପୁଣି ଲେଖି ବସେ···ଶେଷ ଚିଠିଟି ଲେଖିବା ଆଗରୁ ଆଉ ଖଣ୍ଡେ ଚିଠି ସେ ଏପରି ଲେଖିଥିଲା । ସେଥିରେ ତାର ମନ ମାନିଲା ନାହିଁ । ବହି ଭିତରେ ଥୋଇ ଦେଇ ସେ ପୁଣି ଲେଖିଲା ।

ବହୁତ ଚେଷ୍ଟାପରେ ତାର ସାଧନା ଫଳବତୀ ହୋଇଛି । ସାହସ ଓ ହୃଦୟର ଅନୁଭୂତିକୁ ସେ ଚିଠି ଆକାରରେ ଲେଖି ରଖିଛି । ରୂପହୀନ ଅଭିବ୍ୟକ୍ତି ଗୁଡ଼ିକ ତାର ଶ୍ଲେଟ କଲମରେ ରୂପାୟିତ ହୋଇ ଉଠିଛନ୍ତି ।

ଇବବାଉ-ନଷ୍ଟ୍ରନ୍ ଦିନଟିଏ । ଖରାବେଳ ହେବ, ଅତି ଗୋପନରେ ସୁଜାତାର ଚିଠି ଲେଖା ଚାଲିଛି । କେହି ଦେଖି ପାରିବେ ନାହିଁ, ଜାଣି ପାରିବେ ନାହିଁ । ସେ ଚିଠି ପଠାଇବ । ଏପରି ଚିଠି କଣ ସତରେ ଭୁବନବାବୁଙ୍କ ମନକୁ ଛୁଇଁବ ? ସେ ଜଣେ ଶିକ୍ଷିତ ମାର୍ଜିତ ରୁଚିର ତରୁଣ । ଆଶଙ୍କାରେ ହୃଦୟ ଉଦ୍ବେଳିତ ହୋଇ

ଉଠିଲା । ଆନନ୍ଦର ଆଶାରେ ମଧ୍ୟ ମନ ପ୍ରାଣ ପୁଲକିତ ହୋଇ ଉଠିଲା ।

ଲଫାପା ଉପରେ ଠିକଣା ଲେଖିଲା ବେଳେ ତାର କଲମ ଥରି ଉଠିଲା । ସ୍ମୃତି ଭିତରେ ନୂତନ ତନ୍ତ୍ରୀର ଆଶୁ କଂପନ ଖେଳିଗଲା । ସେ ଲେଖି ପାରିଲା ନାହିଁ । ଚିଠି ଖଣ୍ଡିକ ତା' ଭିତରେ ବନ୍ଦ ରଖି ପୁଣି କଲମ ଧରିଲା । ଲେଖିଲା—

ଶ୍ରୀ ଭୁବନ ବିହାରୀ ସୁନ୍ଦରା ମହାପାତ୍ର
ରୁମ୍ ନମ୍ବର ୭୪, ଉଏଷ୍ଟ ହଷ୍ଟେଲ
କଟକ-୩

ଥରେ ଦୁଇଥର ମଧ୍ୟ ନିଜେ ନିରେଖି ନିରେଖି ଦେଖିଲା । ଠିକଣାରେ ବନାନ୍ ଭୁଲ୍ ନାହିଁ ତ ? ମନ ବୁଝିଲା ନି । ପୁଣି ଥରେ ସାଦା କାଗଜ ଖଣ୍ଡିକରେ ଇଂରେଜୀରେ ଲେଖିଲା—ନାଁ···ଅବିକଳ ସବୁ ଠିକ ।

କବାଟ ଫିଟାଇ ସେ ଡାକିଲା, ରମା···ରମା···

ଘରର ରମା ଟିକେ ବିଶ୍ରାମ ନେବାକୁ ଯାଉଥିଲା, ରବିବାର ଦିନ···ଖରାବେଳ···କାମଦାମ ସାରି ଦେଇଛି । ପାଟି ଶୁଣି ସେ ଧାଇଁ ଆସିଲା । କହିଲା, କଣ ?

ଏଇଠିକି ଆ······

ସବୁଦିଆ କଥା ପଦକ ଶୁଣି ତାର ଚମଚମ ବିରକ୍ତଟା ଟିକେ ଧିରେଇ ଗଲା । ସେ ପଚାରିଲା, କଣ ?

ଏଇ ନେ'—ଆଠଣା ପଇସା···ଅତି ଗୁପ୍ତ ଭାବରେ ଏ ଚିଠିଟି ନେଇ ବୁଢ଼ାମାଳିକ ପୋଷ୍ଟଅଫିସରେ ପକାଇ ଦେଇ ଶୀଘ୍ର ଲେଉଟି ଆସିବୁ । ମନେ ରଖିଲୁ ନା···ଲେଟର ବାକସ ଆଉ ମିନ ସେ

ଛଡି ବାକ୍ସ ଭିତରକୁ ଛଟିଟା ଗଲା କି ନାହିଁ, ଭଲକରି ଦେଖିବୁ। ମନେ ରହିଲା ନା ?

ହଁ…ବାହିଁକି ଆମର ଏଠି ତ ଛଡ଼ି ବାକ୍ସ ଅଛି, ସେଇଥିରେ ପକାଇ ଦେଲେ ଚଳିବ ନି ଯେ ମୁଁ ପୁଣି ଏତେ ବାଟ ଯିବି ?

ନାଁ, ସେଥିପାଇଁ ମୁଁ ତୋତେ ବରଂ ଆଉ ଆଠଣା ଦେଉଛି। ତୁ ଜଲଦି ଯା।

ଶ୍ୟାମା ମନେ ମନେ କହିଲା, ଆଜି ଏକ ନୂଆ କଥାଟେ ମା…ଦିନେ ନାହିଁ କାଳେ ନାହିଁ…ଆଜି କଣ ଗଳ୍ପାପୁନେଇଁ ଦିନ ମାଇଁ…ସେ ଚାଲିଯାଉଥିଲା। ତାକୁ ପୁଣି ସୁଜାତା ଡାକିଲା, ଦେଖ ଶ୍ୟାମା, ଯେପରି କେହି କିଛି ଗନ୍ଧ ସମ୍ବନ୍ଧ ନ ପାଆନ୍ତି।

ଏଇ କଥା ନାଁ……

ଶ୍ୟାମା ତାର ତରବରରେ ଚାଲିଗଲା। ଝରକା ଖୋଲି ସୁଜାତା ତାର ଗଲା ବାଟକୁ କିଛି ବେଳଯାଏ ଚାହିଁ ରହିଲା। ଶ୍ୟାମାର ସାବର୍ଣ୍ଣ କମିଜ ଖଣ୍ଡିକ ମଧ୍ୟାହ୍ନ ଖରା ଭିତରେ କ୍ରମେ କ୍ରମେ ଦୂରକୁ ଦୂରକୁ ଅଦୃଶ୍ୟ ହୋଇଗଲା। ସୁଜାତା ଭାବିଲା, କେହି କାଳେ ତାର ଗତି ବିଧି ଲକ୍ଷ୍ୟ କରୁଥିବେ, ସେ ସାଙ୍ଗେ ସାଙ୍ଗେ କବାଟ ବନ୍ଦ କରି ଦେଲା।

ଦେହ ସାରା ପୁଣି କମ୍ପନ…ଝାଳ କଣ୍ଠେ ଆହିଲାଣି। ଝାମ ଲାଗୁଛି। ସେ ଖଟ ଉପରେ ଶୋଇ ପଡ଼ିଲା। ଟିକେ ଦମ୍ଭ ବାନ୍ଧିଲା। ମନରେ ପୁଣି ଭୟ ହେଲା, ଆଜି ଯାଏ ତ ସେ ଭୁବନବାବୁଙ୍କୁ ଛଡ଼ି ପତ୍ର ଲେଖି ପାରିନାହିଁ। ଏ'ଟା ତାର ନୂଆ କି ପ୍ରଥମ ଛଡ଼ି…ସେ ଯେବେ ଖରାପ ବୁଝନ୍ତି, ତା' ହେଲେ ତା'ର ଦଶା କଣ ହେବ ?

ମନ ଭିତରେ ଏମିତି ଜଞ୍ଜାଳଆ କଳନା ଛନ୍ଦା…ବାପା ବୋଉ ଜାଣିବେ। କି ମୁସ୍କିଲ କଥା। ତା' ପରେ ସେ ତ ଭୁବନ-

ବାବୁଙ୍କ ଚିଠି ପତ୍ର ଦେବା କଥା ବିଶେଷ କିଛି ନାହିଁ । ଖାଲି ମାତ୍ର ପରିଚୟ—ଠିକଣା, ବନ୍ଧୁତା······

ଆଚ୍ଛା, ଏତିକି ପରିସରରେ କ'ଣ ଚିଠିପତ୍ର ଦିଆ ନିଆ ଚଳେନା ।

କିଏ ତାଙ୍କୁ ଏ ନୂଆ ବାଟ ବତାଇ ଦେବ ?

ଛଟପଟ ହେଲା ସେ···ନିଦ ଆସୁନି । ଭାବିଲା, ଠିକଣାଟି ଚିଠି ଗୁଡ଼ିକୁ ସେ ଶରିଦେଇ ମୋଡ଼ି ଦେବ । ଖଟ ଉପରୁ ଉଠି ସେ ଟୁକୁରା ଟୁକୁରା ଚିଠି ଗୁଡ଼ାକ ସାଇତିବାକୁ ଲାଗିଲା । ମନେ ପଡ଼ିଲା, ଖଣ୍ଡେ ତ ବଡ଼ ଚିଠି ସେ ଲେଖିଥିଲା ।

ବହିପତ୍ର, ବିଛଣାତଳ, ଖଟତଳ, ମଶାରି ଉପର—ସବୁ [illegible] ଖୋଜିଗଲା, ତଥାପି ପାଇଲା ନାହିଁ । ଗୁପ୍ତ ଆତୁର ଚମକି ଉଠିଲାଣି । କିଏ ନେଲା ? କୋଉ ଜଣ ସନ୍ଦେହ କରି ବହିପତ୍ର ଖୋଜା ଖୋଜି କରୁଥିଲା କି ? କ'ଣ କରିବ ସେ ? ସୁଜାତାର ଆଖି ଛଳ ଛଳ ହୋଇ ଆସିଲା । ସେ ଈଶ୍ୱରଙ୍କୁ ଡାକ ପକାଇଲା······

ତଥାପି ବହିର ପୃଷ୍ଠା ଦେଉଛି ଓଲଟୁଛି । ଗଣିତ ପରେ ଜ୍ୟାମିତି, ଜ୍ୟାମିତି ପରେ ବୀଜ ଗଣିତ, ଇତିହାସ, ଭୂଗୋଳ, ଗ୍ରାମାର, ସଂସ୍କୃତ, ହିନ୍ଦୀ, ଇଂରାଜୀ ସବୁ ବହି ପୃଷ୍ଠା ଓଲଟା ସରିଲାଣି । କାହିଁ, ତାର ଚିଠି, କାହିଁ ତାର ଚିଠି ? କାହିଁ, କାହିଁ···

ମଥା ଘୂରିଗଲା ସୁଜାତାର, ଏ ରକମ ଯନ୍ତ୍ରଣା ପାଇଲୁ ପାଇଲୁ ସେ ପାଇଲାଣି ? ଆହୁରି ତ ଅନେକ ବାଟ ଅଛି ।

ରାମ ଫେରିନାହିଁ ।

ବିକ୍ଷିପ୍ତ ଭାବରେ ସେ ପହଞ୍ଚିଲା ମା'ଙ୍କ ଶୋଇବା ଘରେ । ଟୁନୁ ଓ କୁନି ଶୋଇ ପଡ଼ିଛନ୍ତି । ଏପାଖ ସେପାଖ ଘରସାରା ବୁଲିଲା । ପୁଣି କ'ଣ ଭାବି ନିଜ ରୁମକୁ ସେ ଫେରି ଆସିଲା ।

ରମା ଝାଳ ନାଳ ହୋଇ ଫେରି ଆସିଲା । କବାଟରେ ହାତ ମାରି ଡାକିଲା, 'ଝିଅ କବାଟ ଫିଟା ।'

ସୁଜାତା ସେତେବେଳକୁ ବସି କାନ୍ଦୁଛି । ମୁଣ୍ଡ ଭିତରେ ଅସହ୍ୟ ଉତ୍ତାପ…ଦେହସାରା ଗରମ । ଦୁଃଖ ଓ ଆଶଙ୍କାର ଛାପ ତାର ମୁଁହରେ ଫୁଟି ଉଠୁଛି । ରମାର ଡାକ ଶୁଣି ସୁଜାତା ଧଡ଼ପଡ଼ କରି କବାଟ ଫିଟାଇ ଦେଲା । କହିଲା, ଫକାଇଲୁ ଶଠି ? ବାଟରେ କିଏ ଦେଖିଥିଲା କି ! ରମା ଅଙ୍ଗ ଥଙ୍ଗ ହୋଇ କହିଲା, ଅମଳ ବାବୁ…

ସୁଜାତା ପ୍ରମାଦ ଗଣିଲା । ଅମଳ ବାବୁ ତାର ଟିଉଟର । କଲେଜରେ ପଢ଼ନ୍ତି । ଅତି ତୀକ୍ଷ୍ଣ ବୁଦ୍ଧି ତାଙ୍କର । ନିର୍ମମ ଆଉ ନିଷ୍ଠୁର ହୃଦୟ…ସେ ତ ଏ କଥାର ଠେର ପାଇ ସାରିବେଣି ! ଲୁଣ୍ଠାକୁଣୀ କ'ଣ ନ କଲା ?

ସନ୍ତର୍ପଣରେ ପଚାରିଲା, କ'ଣ କହୁଥିଲେ କି ?

ନାହିଁ, ପଚାରୁଥିଲେ ଖାଲି କୁଆଡ଼େ ଆସିଚୁ ?

ତୁ କଣ କହିଲୁ ?

କହିଲି ଏଇ ବଜାରକୁ ଆସିଥିଲି ।

ସେ କଣ କହିଲେ ?

କିଛି କହିଲେ ନାହିଁ ।

କିଛି କହିଲେ ନାହିଁ ?

ମୁଁ ପଚାରିଲି, କୁଆଡ଼େ ଆପଣେ ଆସିଥିଲେ । ସେ କହିଲେ ହୋଟେଲକୁ ଆସିଥିଲେ । ତାଙ୍କ ପୁଅଟା କ'ଣ ଖାଇଥିଲା, ସେଇ ପଇସା ଦେବା ପାଇଁ…

ଆଉ କିଛି କହୁ ନ ଥିଲେ ?

ନାହିଁ ତ ! ମୁଁ ପଚାରିଲି ଆଜି ଆପଣ ଯିବେ ତ ? ସେ ମନା କଲେ ।

ରମା ଏତିକି କହି ବସି ପଡିଲା । ସୁଜାତାର ଚଞ୍ଚଳ ସୁଅ କ୍ଷିପ୍ତ ବିକ୍ଷିପ୍ତ । ସେ ପଚାରିଲା, ଆଚ୍ଛା ରମା, ଆଜ କେହି ଏ ଘରକୁ ଆସିଥିଲା କି ?

ନାହିଁ ତ !

ହିଁ, ତୁ ଠିକେ ମନେ କଲୁ, ବୋଉ ହେଉକି କେହି ଆସି ନାହାନ୍ତି ?

ବୋଉ ଜଣ ଆପଣଙ୍କ ଏଠିକି ଆସନ୍ତି ଆପଣ ଥିଲାବେଳେ ?

ନାଇଁ ମୁଁ କେତେବେଳେ ନଥିବି, କେହି ଆସି ନାହାନ୍ତି ?

ମୋର ସେମିତି କିଛି ଲକ୍ଷ୍ୟ ନାହିଁ ।

ସୁଜାତାର ମୁହଁ ବିବର୍ଣ୍ଣ ଓ ଆଶଙ୍କାରେ ଆତୁର ନାଲି ପଡିଗଲା ।

ରମା ଜଡିତ କଣ୍ଠରେ ପଚାରିଲା, କାହିଁକି ?

ହୁଁ…

ଅନ୍ୟମନସ୍କ ଭାବରେ ସୁଜାତା ହୁଁ ଭରିଲା । ରମା କହିଲା, କଣ କଏ ନେଇଛି ନା କଣ ?

ହଁ ଖଣ୍ଡେ କାଗଜ…

କଣ ଜରୁରି ଦରକାରୀ କାଗଜ ନା କଣ ?

ସୁଜାତା ଚିଡ଼ି ଉଠିଲା । କହିଲା ତୁ କଣ ଖୋଳୁଚୁ ?

ନାଇଁ ମୁଁ ସେଇ କଥା ପଚାରୁଥିଲି ନା, ମୋ ଉପରେ ଖାଲି ରାଗୁଚନ୍ତି କାହିଁକି ? ବର୍ତ୍ତମାନ ତ ଖଣ୍ଡେ କାଗଜ ଦେଲ ଡାକଘରେ ଦେଇ ଆସିଲି ।

ରମା—ଚୁପ୍ ଚୁପ୍…

ରମା ଚୁପ୍ ଚୁପ୍ କରି କହିଲା, ଦେଖ, ଆଚ୍ଛା କାଲି ରାତିରେ ତମେ ମତେ ଖଣ୍ଡେ ବହି ଦେଇଥିଲ, କହିଲ ସାର୍ ଛୁଡ଼ା ହୋଇଛନ୍ତି, ଯା ଏ ଖଣ୍ଡିକ ଶୀଘ୍ର ଦେଇ ଆ—

ସୁଜାତାର ତନ୍ଦ୍ରା ଘର ଧରିଲା । ଗୋଟି ଗୋଟି ହୋଇ ସମସ୍ତ ଘଟନା ମନେ ପଡ଼ିଲା । ସେ ତକିଆ ଉପରେ ମୁଣ୍ଡ ଦେଇ କାନ୍ଦିବାକୁ ଲାଗିଲା । ମାତ୍ର କାନ୍ଦି ପାରିଲା ନାହିଁ ।

ମନେ ପଡ଼ିଲା, ଇଂରେଜୀ ପ୍ରୋଜ୍ ବହିର ପ୍ରୋଡିଗାଲ୍ ସନ ଷ୍ଟୋରୀଟା—ସେ ସେଥିରୁ ବିଷୟ ପଢ଼ି ପଢ଼ି କେତେ ଲେଖିଥିଲା । କେତେଟି ତ ତାର ଭିତରେ ରହି ଯାଇଛି କେଜାଣି ।

କଣ କରିବ, ସୁଜାତା କିଛି ଭାବି ପାରିଲା ନାହିଁ । ସାର୍ ନିଶ୍ଚୟ ତାର ଦୁର୍ବଳତା ଜାଣି ନେଇ ସାରିଥିବେ । ରମାକୁ ଅବା କୋଉ ବିଶ୍ୱାସ । ସେ ଯଦି ତାଙ୍କୁ କେତେ ପଚାରିବାକୁ ଆସିବା କଥା କହି ଦେଇଥାଏ, ତା ହେଲେ ତ କଥା ସରିଗଲା ।

ସୁଜାତା କଳାକାଠ ପାଲଟି ଗଲା । ମନେହେଲା ତା ମୁଣ୍ଡ ଉପରେ ଯେମିତି ଆକାଶ ଛିଣ୍ଡି ପଡ଼ୁଛି । ଆଖି ଦିଟା ଅତି ନାଲି ପଡ଼ିଗଲା । ପାଟିରୁ ବି ବଚନ ବାହାରିଲା ନାହିଁ । ଛାତି ତ ଥରୁଛି ।

ଟିକିଏ ଧୈର୍ଯ୍ୟ ଧରି ସେ ରମାକୁ ଆଡୁଆର ପାଖକୁ ଡାକିଲା । କହିଲା, ରମା ସତ କହ, ତୁ ସାରଙ୍କୁ କେତେ କଥା କହିଲୁ ?

ନାଁ...

ମୋ ରାଣ !

ଠାକୁରଙ୍କ ଦେଇ, ତମ ଦିହ ଛୁଇଁକି ହେଉ—ମୁଁ ତାଙ୍କୁ କିଛି କହିନ ।

ଆଚ୍ଛା ଏ କଥା ତୁ କାହାକୁ କହିବୁ ନ ।

ମୋ ରାଣ, ତମ ଦିହ ଛୁଇଁ କହୁଛି କାହାରିକି କହିବି ନାହିଁ ।

ସତ ?

ହଁ ସତ !

# ✻ ଦୁଇ ✻

ଝାଳ ସର ସର ସିଲ୍କ ପଞ୍ଜାବୀଟାକୁ ସୁଟକେଶରେ ରଖି ରଖି ଭୁବନ ହାତରୁ ସେଣ୍ଟଟା ଖସି ପଡ଼ିଲା । ବାସୁ ରୁମ ଭିତରେ ବସି 'ବ୍ଲୁ ବାର୍ଡ' ପଢ଼ୁଥିଲା । ଶ୍ରାନ୍ତ ଭୁବନକୁ ଦେଖି ସେ ବହି ଉପରୁ ମୁଣ୍ଡ ଟେକି ପଚାରିଲା, ମିଷ୍ଟର ସୁନ୍ଦର, ତୁମେ ଏତେବେଳେଯାଏ କେଉଁଠି ଥିଲ ?

ନାଁ ଠିକେ ଟାଉନ ଆଡ଼େ ଯାଇଥିଲି ।

ଟାଉନ ଆଡ଼େ ଯାଇଥିଲ—ନାଁ···

ବଡ଼ ତୀକ୍ଷ୍ଣ ଆକ୍ରୋଶରେ ବାସୁ ଭୁବନକୁ ଚାହିଁଲା । କହିଲା, ଭୁବନ ସୁରୁଣୀ ଆଗରେ ପେଟ ଲୁଚାଇଲେ ଚଳିବନି ! ବାସୁ ବିଲକୁଲ ବୋକା ନୁହେଁ, ସେ ପ୍ରେମ କରି ନାହିଁ କିନ୍ତୁ ତାର ଦୂରଦୃଷ୍ଟି ଅଛି ସେ କୌଣସି ପ୍ରେମିକକୁ ଷ୍ଟଡ଼ି କରିବାକୁ···

ଭୁବନ ଜୋତା ଖୋଲି ସାରି କୋଟଟା ଫିଙ୍ଗିଲା । ଲୁଗା ପାଲଟି ଲୁଙ୍ଗି ପିନ୍ଧିଲା । ଫତେଇଟା ଦୂରପର ଘର୍ମାକ୍ତ ହୋଇ ଉତ୍ତର କହିଲା, କ'ଣ ମୁଁ ପ୍ରେମିକ ?

ନାଁ ଭୁବନ ତୁମେ ପ୍ରେମିକ ନୁହଁ, କିନ୍ତୁ ବ୍ୟାଧିଗ୍ରସ୍ତ ଏକ ତରୁଣ—ଠିକ ରାହୁଗ୍ରସ୍ତ ଚନ୍ଦ୍ରପରି ।

ମାନେ···

ଅର୍ଥାତ୍ ତୁମେ'ପ୍ରେମିକ, କିନ୍ତୁ ବନ୍ଧନ, ପ୍ରତିଘାତ ଓ ବାଧାବନ୍ଧ ତୁମ ଆଗରେ ହିମାଳୟ ପରି ରହିଛି । ସତ କହିଲ, ଭୁବନ, ତୁମେ ଲଭରେ କାହାର ପଡ଼ିନାହଁ ?

ହୁଁ ପଢ଼ିଛ, କ'ଣ ହେଲା ସେଠୁ ?

କନ୍ତୁ ନାହିଁ, ବ୍ୟାଧିଗ୍ରସ୍ତ ତରୁଣ···ବାବା, ଧୀରେ ସୁସ୍ଥେ ଚାଲ୍—ପଥ ବଡ଼ ଦୁର୍ଗମ···

ବାସୁ ଗୀତ ଗାଇଲା, 'ସୁଜାତା, ପୀରତି ପଥ ଖସଡ଼ା'···କହିଲା, ଆଜିକି ପ୍ରାୟ ଛଅମାସ ହେବ ତୁମର ଭାବଭଙ୍ଗୀ, ଚିନ୍ତାଧାରା ସବୁ ବଦଳି ଯାଇଛି । ଦ୍ୱିତୀୟ ବର୍ଷ ଛାତ୍ରଙ୍କର ଗ୍ରୁପ୍ ତୁ—ସିଙ୍ଗଲ ରୁମ୍ ମାଇକ୍ରୋ-ପଡ଼ିନାହଁ, ଅଥଚ ବେଶଭୂଷା, ଆସନାମା କଳ୍ପନା ଓ ଟେପମଣ୍ଟ ଲେଖିବାରେ ତୋର ଶକ୍ତି, ସମୟ ଓ ଅର୍ଥ ଅଜସ୍ର ବ୍ୟୟ କରୁଛୁ । ଟିକେ ଶୁଣାଇବ କି ବନ୍ଧୁ, ତୁମର ସେ ପ୍ରେମିକାଙ୍କ ନାଁଟି କ'ଣ ?

ଭୁବନ ଓ ବାସୁ ମାଇନର ସ୍କୁଲର ସାଙ୍ଗସାଥୀ । ବାସୁ ଅଭାବ-ଗ୍ରସ୍ତ କନ୍ତୁ ମାତ ନୁହଁ । ତାର ଉନ୍ନତ ହୃଦୟ ନିକଟରେ ଭୁବନ ନଇଁ ପଡ଼ିଛି ।

ଅଟେଇ ଅଟେଇ ବାସୁ ପଚାରିଲା, ଭୁବନ, ଆଚ୍ଛା ମୁଁ ସେ ତୁମର ପ୍ରେମିକାଙ୍କୁ ଜାଣେ ?

ଜାଣ ତୁମେ ବାସୁ···ଭୁବନ ତାକୁ ଆନନ୍ଦରେ କୁଣ୍ଢାଇ ପକାଇଲା । କହିଲା, ଭାଇ, ବାସୁ ! ତୋତେ ନ କହିବି ତ ଆଉ କାହାକୁ ଏ ପ୍ରାଣର କଥା କହିବି । ଶୁଣିବ ଏବେ ତୁମେ ମୋର ଜୀବନର ଇତିହାସ । କିନ୍ତୁ ବନ୍ଧୁ, ମୁଁ କ'ଣ ତାକୁ ପାଇବି ?

ହଁ ନ ପାଇବ କାହିଁକି ? ତୁମର ଅଜସ୍ର ଧନସମ୍ପତ୍ତି, ଅନନ୍ୟ ଚେହେରା ଆଉ ଝଣାଳ ଯୌବନ ପଡ଼ି ରହିଛି । ତୁମେ ତାକୁ ପାଇଲେ ଏ ଗୁଡ଼ିକ ତୁମର ଧନ୍ୟ ହେବେ । ହଁ, ତାଙ୍କର ନାଁଟା କ'ଣଟିକେ ?

ସୁଜାତା—ଆଚ୍ଛା ବାସୁ, କେଡ଼େ ସୁନ୍ଦର ଆଉ ରୋମାଣ୍ଟିକ ଏ ନାଁଟା ?

ହଁ ନଷ୍ଟସ୍ୟ ରମାଣ୍ଟିକ୍—ଲଭର୍ ଆଖିରେ ତାର ପ୍ରେମିକାର ଦୋଷ ଗୁଣ ମଧ୍ୟ ଅତି ସ୍ୱର୍ଗୀୟ ।

ରଖିଚ୍, ତୋର ଖାଲି ସବୁବେଳେ ସେଇ କଥା—

ଆଚ୍ଛା, ଏଣିକି ଭଲ କଥା କହିବି । କହିଲୁ, ଚିଠି ପତ୍ରର କିଛି ଆଦାନ ପ୍ରଦାନ ଚାଲିଲାଣି ?

ହଁ, ସେମିତି କିଛି ।

କାହିଁ, ତୁ ତ ଏତେ ଦିନ ହେଲା ମୋତେ ଏ ଖବର କିଛି କହୁନାହୁଁ । ମୁଁ ଖାଲି ଅନ୍ଦାଜ କରି ଯାହା ଜାଣୁଚି ।

ହଠାତ୍ ହଷ୍ଟେଲ ଲାଇଟ ନିଭିଗଲା । ରାତି ଏଗାର ବାଜିଲାଣି, ଭୁବନ ତାର ଅଲମିରାରୁ ମହମବତି ବାହାର କରି ଲଗାଇଲା । ରୁମଟି ପୁଣି ହସି ଉଠିଲା ।

ବାସୁ ଓ ଭୁବନ ଦୁଇଖଣ୍ଡ ସିଗାରେଟ୍ ଧରାଇଲେ । ବାସୁ ପଚାରିଲା—Orient କୁଆଡ଼େ ଗଲା ··

କ'ଣ ହେ Cross Words Puzzleଟା ସରି ନାହିଁ ? କେମିତି ହେବ ଭୁବନ, ତୋ ଜୀବନରେ ତ ପୁଣି ଆସି ପଜଲ୍ ଦେଖା ଦେଲାଣି । ଆଚ୍ଛା, ଚିଠି ଗୁଡ଼ାକ ଦେଖାଉ ?

ଭୁବନ ସୁଟକେଶ ଖୋଲି ଚିଠି ସବୁ ବାହାର କଲା । ବାସୁ ଖଟ ଉପରେ ଶୋଇ ରହି ଟେବୁଲ ଉପରର ମହମବତି ଆଲୁଅରେ ନେଳି କାଗଜରେ ପ୍ରେମର ପୂର୍ବରାଗ କଥା ପଢ଼ିବାକୁ ଲାଗିଲା । ଏକ ଧ୍ୟାନରେ ଭୁବନ ଚୌକିରେ ବସି ଶୁଣୁଥିଲା ।

ବାସୁ କହିଲା, ତୋର ଚିଠି ସବୁ କଣ ଡାକରେ ଯାଏ ?

ନା ।

ଆଉ ?

ମୁଁ ଠିକ୍ ଗାର୍ଲସ୍କୁଲ ଛୁଟି ବେଳକୁ ପାର୍କ ସାମନାରେ ଠିଆ ହୋଇଥାଏ । ଦେଖା ସାକ୍ଷାତ ହୁଏ । ଚିଠିପତ୍ର ଦିଆନିଆ ହୁଏ—ତା ପରେ ମୁଁ ଫେରିଆସେ ।

ଚିଠିରୁ ଯାହା ଜଣା ପଡ଼ୁଛି, ଝିଅଟା ତୋ ପାଇଁ ଏକ ରକମ ପାଗଳ ହୋଇ ଉଠିଲାଣି । ଦିନେ ନାଁ ଦିନେ ଗୋଟିଏ ଏନ୍ଗେଜମେଣ୍ଟ ଷ୍ଟନ୍ସ ବି ତୋତେ ମିଳିଯିବ ।

ତୋର ସବୁବେଳେ ଖାଲି ଥଟ୍ଟା !

ନା ନିହାତି ସତକଥା କହୁଛି ବୋଲି ?

ଭୁବନର ଆଖି ଦୁଇଟା ଚକ୍ ଯାଉଛି । ଦେହଟା ଥରି ଥରି ଲାଗୁଛି । ସେ ଶୋଇ ରହିଲା ।

ବାସୁ ଚିଠି ଗୁଡ଼ିକ ପଢ଼ି ଗ୍ଲାଲ୍ ଅତ୍ୟନ୍ତ ଗମ୍ଭୀରରେ । ପଚାରିଲା, ଭୁବନ, ଆଜ ଏ ଚିଠିଟିର ଉତ୍ତର ବୋଧହୁଏ ଦେଇ ନ ଥିବୁ । ଦେବୁ ତ ନିଶ୍ଚୟ । ମୁଁ ତୋତେ ଯାହା ଇଙ୍ଗିତ ଦେଉଛି, ସେଗୁଡ଼ିକ ବି ଲେଖ ।

ପାଗଳଙ୍କ ପରି ଭୁବନ କହିଲା—ଆଚ୍ଛା କଣ କହ—

ବାସୁ ଡାକିଲା—

ଭୁବନ ଉଠିଲା । ରାଇଟିଂ ପ୍ୟାଡ ବାହାର କରି ଲେଖିଲା ।

ବାସୁ ଡାକିଲା, ସତେ ଯେମିତି ବାସୁହିଁ ଭୁବନ ।

ଭୁବନ ତାର କଲମ ମୁନ ଚଳାଇଲା । ଲେଖିଲା—

ପ୍ରିୟା ମୋର,

ଦେଖା ହେଲାବେଳେ କିଛି କହି ପାରିଲି ନାହିଁ···କହି ପାରିବାର ଶକ୍ତି ନ ଥିଲା ମୋର । ତୁମର ଚଞ୍ଚଳ ଛଳ ଛଳ ଆଖିର ମରମ କଥା ମୁଁ ବୁଝି ପାରିଛି । ମନର କଥା ଓଠରେ ମୋର

ମରିଗଲା । ଅବୁଝା ଦରଜ ନେଇ ଭୁବନ ଫେରିଲା ତାର ପ୍ରାଣର ଦୋସର ପାଖରୁ······

ଜୀବନଟା ମୋର ଥିଲା ମରୁମୟ । ତୁମେ କାହିଁକି ଗୋଟିଏ କ୍ଷୀଣ ଜଳାଧାର ସୃଷ୍ଟି କଲ । ମରୁ ଅଞ୍ଚଳରେ ଭରି ଥିଲା ତପ୍ତ ସିକତା ।

ବାପୁ ଅଟକି ଗଲା — ନାଁ ନାଁ ଭୁବନ, ଲେଖ ଲେଖ ଚତଲା ବାଲି । କ'ଣ ହେଲା ସେ ବାକ୍ୟଟା—ଭୁବନ ପଢ଼ିଲା, ମରୁ ଅଞ୍ଚଳରେ ଭରିଥିଲା ତପ୍ତ ସିକତା—

ବାପୁ କହିଲା, ଲେଖ, ମରୁ ଭୂଇଁରେ ଭରି ଥାଲି ଚତଲା ବାଲି, ଖଇଫୁଟା ବାଲି, ଝାଞ୍ଜି ପବନ, ଉତ୍ତପ୍ତ ଝଡ଼—ଯାତ୍ରୀ ମୁହିଁ ପଥଭ୍ରଷ୍ଟ, ଦିଗଭ୍ରଷ୍ଟ—ପିପାସାରେ ଜୀବନ କାତର, ବିକଳ ଓ ମୁମୂର୍ଷୁ ହୋଇ ଉଠୁଥିଲାବେଳେ କେଉଁ ସ୍ୱର୍ଗର ଦେବକନ୍ୟା ତୁମେ, ଜଳଧାର ସଞ୍ଚାର କରିଦେଲ ?

ଭୁଲି ହୁଏ ନାଁ ।—ଜୀବନରେ ପରିଚିତ ଚମର ମୋର ହୃଦୟ ବିଜୟୟୁକ୍ତ ଭୁଲି ହୁଏ ନାଁ, କେଦାରଗୌରୀର ପୁଣ୍ୟ ସୁରକ୍ଷିତ ମନ୍ଦିର ପ୍ରାଙ୍ଗଣର ସ୍ମୃତିକୁ, କିନ୍ତୁ ଭୁଲି ହୁଏ, ଏ ଜୀବନର ଅସହ୍ୟ ଜ୍ୱାଳା ଯନ୍ତ୍ରଣା ତୁମକୁ ଥରେ ମାତ୍ର ଦେଖିବାକୁ ପାଇଲେ ଅତି ନିକଟରେ, ଆହୁରି ନିକଟରେ·········

ଜାଣେ ନାଁ, ସୁଜାତା, ଏ ଜୀବନରେ ତୁମକୁ ମୁଁ ଅତି ନିକଟ-ତମ କରି ପାରିବି କି ନାହିଁ ? ଆଜି ତୁମେ—କାହିଁ କେଉଁ ନନ୍ଦନ ବନର ଦେବଦୁର୍ଲଭ ପାରିଜାତ, ବସୋରାର କେଉଁ ନିଭୃତତମ ବାଦସାହୀ ଉପବନର ସୁରକ୍ଷିତ ଗୋଲାପ···ଦ୍ରାକ୍ଷାବନର ବିର୍‌ବଳୟ ସ୍ୱର୍ଣ୍ଣୀ ଅପାର ସବୁଜ ପଲ୍ଲବର ଶରସାଥୀ ବୁଲ୍‌ବୁଲ୍···ଆଜି ମୁଁ କାହିଁ ହୀନତମ ପ୍ରାଣୀଟିଏ, କଣ୍ଟକିତ ମୋର ଜୀବନ ପିପାସିତ

ମୋର ବକ୍ଷ ଆଜି ପ୍ରତୀକ୍ଷାଶାଣିତ ମୋର ଦୃଷ୍ଟି···ସୁଜାତା···ଭୁଲ ବୁଝିବନି । ସତେ କ'ଣ···ସତେ କ'ଣ···ମୋର ଭାଗ୍ୟରେ ସୁଜାତାର ସୁକୋମଳ କୋଳଶଯ୍ୟା ଅଛି ଭାବି ପାରୁନାହିଁ କହି । ହୃଦୟ ଫାଟି ଯାଉଛି । ଚକ୍ଷୁ ବୁଜି ହୋଇ ଆସୁଚି ଅଶ୍ରୁର ପ୍ଲାବନରେ···ମୁଁ ଆଜି ଲେଖି ପାରୁନାହିଁ କହି···

ମୋର କ'ଣ ମନେ ହୁଏ ଜାଣ ସୁଜାତା ? ଦୁନିଆର ନଗଣ୍ୟ ବନ୍ଧନକୁ ତୁମେ ଓ ମୁଁ ହାତରେ ବଳ ଭାଙ୍ଗି ଚୂରମାର କରି ହସି ହସି ଚାଲି ଯାଆନ୍ତେ ଏମିତି ଏକ ଜାଗାକୁ—ଯେଉଁଠିକି ଦୁନିଆଁର ତାପ ସୁଧା ବାଜନ୍ତାନି ନିର୍ଜନତମ ନିଭୃତତର ବନଭୂମି, କଳମର୍ମର ପଲ୍ଲବ···କଲ୍ଲୋଳିତ ଝରଣା, ସୁରଭିତ ସମୀର, ଚନ୍ଦ୍ରକର ନିଶୀଥ···କଳକଣ୍ଠ କୋକିଳ···ଶୁଭ୍ର ସୁନ୍ଦର କୁଟୀରଟିଏ···ତହିଁରେ ଥାଆନ୍ତେ ତୁମେ ଓ ମୁଁ···

ବସନ୍ତ ଆସନ୍ତା ତାର ରୂପସମ୍ଭାର ନେଇ, ଫୁଲ ଫୁଟନ୍ତା, ପକ୍ଷୀ ଗାଆନ୍ତା, ମଳୟ ବହୁଥାନ୍ତା···ନୂତନ ପଲ୍ଲବର ମୃଦୁମର୍ମର ଗହଳରେ ନିଦାଘର ମରୀଚିକା ହୋଇଥାନ୍ତା ମୃତଅତୀତର ସ୍ମୃତି, ମଲ୍ଲୀ ଫୁଟନ୍ତା, ଶୀତଳ ଜ୍ୟୋତ୍ସ୍ନାରେ ମୃଦୁଳ ସମୀର ପରେ ପ୍ରାଣମନ ଭରି ଉଠ୍‌ଥାନ୍ତା ପୁଲକିତ ଶିହରଣ···ତା'ର ସ୍ରୋତରେ ଭାସୁ ଭାସୁ ଦେଖା-ଦିଅନ୍ତା ମୌସୁମୀର ଆଭାସ···ବାହାରେ ଝିଙ୍କର ଝିଙ୍କର···ବିଦ୍ୟୁତର ଉଦ୍ଦାମ ସ୍ଫୁରଣ ଅନାବିଳ ଆସାର···ଗମ୍ଭୀରତର ନିଶୀଥ···ନିଭୃତ କୁଟୀରରେ ତୁମେ ମୁଁ···ମୁଁ ତୁମେ···ଦୁହେଁ ଦୁହିଁଙ୍କୁ ଘନ ଆଶ୍ଳେଷରେ ବାନ୍ଧିରଖିଥାନ୍ତେ, ଆଉ ମୁଁ କହୁଥାନ୍ତି ରୂପକଥାର ସ୍ୱପ୍ନସୃଷ୍ଟ ଆଉ ତୁମେ ଶୁଣୁଥାନ୍ତ ତନ୍ଦ୍ରାଳ ଅବକାଶରେ···ତା'ର ତଳେ ପୂର୍ଣ୍ଣ ଶରତର ଜ୍ୟୋତ୍ସ୍ନା ହସି ଉଠନ୍ତା···ବୁକୁରେ ରଖି ମୁଁ ତମର କବରୀ ସାଜିଥାନ୍ତି ନବ ଶେଫାଳୀର ନୂତନ ବିନ୍ୟାସରେ ଆଉ

ପାଖାପାଖି ବସି ଖଟେଣ୍ଡ୍ରି ଧୂପ କ ପ୍ରେମଶସ୍ୟ ଗଢ଼ି ଗୃହସ୍ଥ ଥାନ୍ତେ ଦୁହିଁଙ୍କୁ ଦୁହେଁ । ଅନନ୍ତ ହୋଇଯାନ୍ତା ଆମର ଅବକାଶ···ସୁଧା ମେଣ୍ଟନ୍ତା-ନାହିଁ ଏ ସୃଷ୍ଟିର ପରେ ସୃଷ୍ଟି ଆଉ ନ ଥାଉ ପରକେ ଅଣୁ-ପରମାଣୁର ଶକ୍ତିଷମ ଅଦୃଶ୍ୟ ବିତାନରେ ବସି ଝୁଲୁଥାନ୍ତେ ତୁମେ ଆଉ ମୁଁ···ଶିଶିରଜର୍ଜର ସ୍ନାମମଗ୍ନ ନଶୀଥରେ ଆମେ ଦୁହେଁ ଆତ୍ମର ନିବିଡ଼ ଭାବରେ ମିଶିଯାଆନ୍ତେ ··ଯୁଗ ଯୁଗ ଧରି, କଳ୍ପ କଳ୍ପ ଧରି ଆମର ମିଳନ ଥାନ୍ତା ଅଜର ଅମର, ଶାଶ୍ୱତ ଓ ସୁନ୍ଦର···

ଆଉ କ'ଣ ଲେଖି ପାରୁ ନାହିଁ । ହୃଦୟ ଭିତରର ଅକୁହା କଥା ମୋର ଅସରନ୍ତି ପ୍ରବାହରେ ପ୍ଲାବିତ ହୋଇ ଉଠୁଛି । ବେଶୀ ଗୁଡ଼ାଏ ଲେଖିଦେଲି—କ୍ଷମା ଦେବ ।

ମୋର ଆଶ୍ଳେଷ ଗ୍ରହଣ କରିବ । ତୁମ ଓଠରେ ଇତି ଲେଖିଲେ ମନରେ ବଡ଼ କ୍ଷୋଭ ଆସେ । ଆମର ପ୍ରଣୟ ଜୀବନରେ ଇତି ଯେ ନାହିଁ ସୁଜାତା·········!

ବାସୁ ପଚାରିଲା, କେମିତି ହେଲା ଭୁବନ ?

ଏ···ଏତ ବଢ଼ିଆ—ଅବିକଳ ମୋର ହୃଦୟର କଥା ! ବାସୁ, ତୁ ମୋର ପ୍ରାଣର କଥା କିପରି ଜାଣିଲୁ ?

ବାସୁ ଈଷତ୍ ହସିଲା । କହିଲା, ଦେଲୁ, ଚିଠିଟା ମୋ ଆଡ଼କୁ ଦେଲୁ—

ଭୁବନ ତା' ଆଡ଼କୁ ଚିଠି ଖଣ୍ଡ ବଢ଼ାଇ ଦେଲା । ବାସୁ ତନ୍ମୟ ଅବସ୍ଥାରେ ଚିଠିଟା ପଢ଼ିବାକୁ ଲାଗିଲା । ଭୁବନ ଏକଧ୍ୟାନରେ ଶୁଣୁଛି । କେତେ ପୁଣି ଯୋଗ କଲା···

କ'ଣ ଭାବି କେଜାଣି ବାସୁ ତଳ କାଟି ଦେଲା । ଭୁବନ କହିଲା, କ'ଣ କଲୁ···

ରୁକନର ସ୍ୱର କ ନମନ···କେତେ ଗାଢ଼···ସତେ ଯେମିତି ଭୁବନର ହୃଦୟରେ କିଏ ଶାଣିତ ତରବାରୀରେ ରକ୍ତାକ୍ତ ଘାଉ ଦୁଇଟି କାଟି ଦେଲା । ସେ ଚମକ ପଡ଼ିଲା । କହିଲା, ବାସୁ ତୁ କ'ଣ କଲୁ ।

ଏ ସବୁ ଅବାନ୍ତର ହୋଇଗଲା ବୋଧହୁଏ—ସେଥିଲାଗି କାଟି ଦେଲି ।

କିନ୍ତୁ ତୁ ବୁଝି ପାରିଲୁ ନାହିଁ ବାସୁ, କାହାର ହୃଦୟ ଉପରେ ତୁ ଚଳାଇ ଦେଲୁ ଏ ଶାଣିତ ଘାଉ···

ଆଚ୍ଛା ତୁ ଆଜ ଖଣ୍ଡେ ଉତ୍ତର ଦେ ।

ନଉଚ ।

ମୁଁ ଏବେ ଯାଏ ।

ଭୁବନ କିଛି କହିଲା ନାହିଁ ।

ବାସୁ ଚାଲିଗଲା । ଭୁବନ ନୂଆ ଚିଠି ଲେଖିବାରେ ଲାଗି ପଡ଼ିଲା । ଅଧଘଣ୍ଟା ପରେ ଚିଠି ଲେଖା ସରିଲା । ମୁଦା ହେଲା । ପ୍ରେମ ଘର ଏନ୍‌ଭଲପରେ ସୁନ୍ଦର ଭାବରେ ଲେଖିଲା —

ସୁଜାତା ଦେବୀ
କଟକ

ମଧ୍ୟମବର୍ଷ ନଭିଲା । ଭୁବନ ଶୋଇ ପଡ଼ିବାକୁ ଚେଷ୍ଟା କଲା । କଳ୍ପନା, ସ୍ୱପ୍ନ, ଉତ୍ତେଜନା ଓ ଆବେଗରେ ତାକୁ ନିଦ ଆସିଲା ନାହିଁ । ବାସୁ ତାର ରୁମ୍‌କୁ ଚାଲି ଯାଇଛି । ହୃଦୟର ନିଭୃତ କକ୍ଷରେ ସୁଜାତାର ପ୍ରଣୟ ମୃଦୁ ମୃଦୁ ଉଙ୍କି ଦେଉଛି । ମନର ପଦ୍ମଶଯ୍ୟା ଉଡାନରେ ବାସୁର ସମବ୍ୟଥାର ସ୍ମୃତି ପଡ଼ିଛି । ଭୁବନ ଦେଖୁଛି, ବାସୁର ପ୍ରାଣରେ ଅକଳ ପ୍ରତିଧ୍ୱନି—ସୁଜାତାର ପ୍ରାଣରେ ତାର ପ୍ରାଣର ସ୍ପନ୍ଦନ···

ମନେ ପଡ଼ୁଚି, ପାଠପଢ଼ା କଥା, ପରୀକ୍ଷା କଥା, ପାଶ ଓ ପ୍ରଶ୍ନର କଥା । ପରୀକ୍ଷା ବହୁତ ଦୂରରେ ନାହିଁ—ଦୂରରେ ରହିଚି ସୁଜାତା···

ଟର୍ଚ୍ଚିର ଆଲୋକରେ ଭୁବନର ସ୍ୱପ୍ନ ସ୍ପଷ୍ଟ ହୋଇ ଉଠିଲା । ସେ ଉଠିବସିଲା—ଦେଖିଲା ବାସୁ···

ଭୁବନ ଶୋଇ ନାହିଁ ?

ପ୍ରଶ୍ନ ଶୁଣି ଭୁବନ ଆହୁରି ଆଶ୍ଚର୍ଯ୍ୟ ହେଲା । ମଶାରୀ ଟେକି ବାସୁ ଭୁବନର ଖଟ ଉପରେ ବସି ପଡ଼ିଲା । ଟର୍ଚ୍ଚ ମାରି ଦେଖେ, ଭୁବନ ତାର ଛାତି ଉପରେ ଅଶୋକସ୍ତବକଟିଏ ରଖି ଦେଇଚି । ବାସୁ ତାକୁ ଉଠାଇ ନେଇ ପଚାରିଲା, ତୋତେ କିଏ କହିଲା ଭୁବନ, ଏ ଶୁଖିଲା ଅଶୋକସ୍ତବକ ତୋର ଛାତି ଉପରେ ରଖି ବାକୁ···ଏ ବ୍ୟାଧିର ଔଷଧ ଏ ନୁହେଁ···ଏ'ଟା କ'ଣ ପ୍ରିୟତମାର ସ୍ମୃତି ନା କଣ ?

ଭୁବନ ନିରୁତ୍ତର । ମନେ ମନେ ଭାବିଲା, ବାସୁ ନିକଟରେ ତାର ପ୍ରଥମ ପ୍ରଣୟର ଇତିହାସ ଆଜଯାଏ ନ କହି ସେ ଯେ କି ଭୁଲ ନ କରିଚି ? ସେଥିପାଇଁ ସେ ତାକୁ କ୍ଷମା ମାଗିବ ।

ମୋତେ ଭୁଲ ବୁଝନା ବାସୁ !

କାହିଁକି ?

ତୋ ପରି ସାଥିକୁ ମୁଁ ମୋର କଥାଟି ଏ ପର୍ଯ୍ୟନ୍ତ ଯାହା ଲୁଚାଇ ରଖିଚି ।

ବେଶ୍ ରଖିଥା—ସଂକ୍ରମିତ କରନା ବାସୁକୁ ଏତେ ଶୀଘ୍ର··· ତେବେ ଏତିକି ଯେ ଏ ସ୍ତବକଟା ତୁ ରଖିଚୁ କାହିଁକି ?

ବଡ଼ କରୁଣ ଓ ବିଦ୍ରୋହୀ ତାର ଇତିହାସ ।

ଭୁବନର ଜଡ଼ିତ କଣ୍ଠ, ଉଚ୍ଛ୍ୱସିତ ଦୃଷ୍ଟି—

ତୁମ୍ ଭିତରେ ଅନ୍ଧକାରର ନିଭୃତ ରହସ୍ୟ ।

### * ତିନି *

ଘୁରି ଆଖିର ଦେଖା, ନିତି ହୁଏ, ନିତି ନିଭି ଯାଏ । ଛୁଟନ୍ତା ନିଶା ପୁଣି ବହୁ ବେଗରେ ଛୁଟି ଚାଲେ—ସତେ ଯେପରି ତାର ସୀମା ନାହିଁ, ଶେଷ ନାହିଁ···ଚିରନ୍ତନ ଆଉ ଅସୀମ ତାର ଅଭିପ୍ରାୟ···

ନୂଆ ନୂଆ ଚିଠି, ଉଛୁଳା ପ୍ରେମର ଶିହରଣରେ ସୁଜାତାର ଜୀବନ ଯୌବନ ସବୁ ଯେମିତି ବିଭୋର······

ସୁଜାତା ଭାବେ, ନିଜକୁ ନିଜେ ପଚାରେ । ଏ କଣ ? ଏକ ପରିବର୍ତ୍ତନ ? ଜୀବନରେ ଏତେ ସୁନ୍ଦର ପୁଣି କରୁଣ ଏ ଅନୁଭୂତି··· ନିଜ କଥା ଛାଡ଼ି ପର କଥା ଭାବିବାରେ ଏତେ ମାଦକତା, ଏତେ ଆନନ୍ଦ ଓ ଆକାଂକ୍ଷା ଭରି ରହିଛି—ବର୍ଷେ ଦୁଇ ବର୍ଷର ପରିଚୟ··· ବିକ୍ଷିପ୍ତ ସାକ୍ଷାତ—ହୃଦୟରେ ଆଶଙ୍କା, ପ୍ରାଣ ଭିତରେ ଆହ୍ଲାଦ···

ସୁଜାତାର କଳ୍ପନା ବହୁଦୂର ଚାଲିଯାଏ । ପୁଣି ଫେରିଆସେ । ସେ ନିଜକୁ ସଂଯତ କରି ରଖିପାରେ ନା !

କ୍ଲାସକୁ ଯାଏ—ଗାର୍ଲ୍‌ସ୍କୁଲ ପାଠ···ଉପନ୍ୟାସ ମଟର··· ସମବୟସୀ ସାଥୀ···ଫୁରଫୁର ଜୀବନ···ଥଲ୍‌ଥଲ୍ ଶରୀର···ଦେଖା-ଶିକ୍ଷା ଚଟକ···ସଜଫୁଟା ଯୌବନ ଆଉ ଜଳନ୍ତା କୌତୂହଳ— ଶ୍ରେଣୀ କକ୍ଷାରେ ଧ୍ୟାନ ହୁଏ ନା । ଦୃଷ୍ଟିପଥ ଏଣେ ତେଣେ ଫେରାଇ ଦେବାକୁ ଇଚ୍ଛା ହୁଏ । ଗଡ଼ି ଭିତରର ଆବଦ୍ଧହୋଇ ପକ୍ଷୀ ଏତେ କାଳ ଅପେକ୍ଷା କରିବାକୁ ଇଚ୍ଛା ହୁଏ ନା···ଭୁବନର କୋଳରେ ମୁହଁ ଗୁଞ୍ଜି ରଖିବାକୁ ପ୍ରାଣ ଅବିରଳ ଲୋଡ଼େ । କିନ୍ତୁ ମିଳେ ନାହିଁ ସୁଯୋଗ ଓ ସୁବିଧା । କଳ୍ପନା କଳ୍ପନାରେହିଁ ଲୋଡ଼େ, ବଢ଼େ ଏବଂ ବଢ଼େ ।

ସେ ଭାବି ପାରେ ନାଁ, ଏ ସବୁର ପରିଣତି କଣ ? କ୍ଲାସ୍‌ରେ ବସି ଏମିତି କେତେ କଣ ଭାବୁଛି, ଉଷା ଆସି ତା' କଥାରେ ବାଧା ଦେଲା । କହିଲା, ସୁଜାତା, ଗୋଟିଏ କଥା ତୋତେ ପଚାରିବାକୁ ମନସ୍ଥ କରିଛି । ପଚାରିପାରେ କି ?

ସୁଜାତାର କଳ୍ପନା ଅଟକିଗଲା । ସେ କହିଲା, 'ହଁ ପଚାରିପାରୁ ।' 'ଏଇ କେତେଦିନ ହେଲା—' ଉଷା ଏତିକିରେ ଅଟକିଗଲା । ସୁଜାତା ପଚାରିଲା—କ'ଣ ଏଇ କେତେଦିନ ହେଲା......

'ତୋତେ ମାନିଆ ଧରିଛି—ରୋଗ...'

'ନାହିଁତ, ମୁଁ ବେଶ ସୁସ୍ଥ ଅଛି । ମୋର କିଛି ରୋଗ ନାହିଁତ ? ତୁ ମିଛରେ ଖାଲି ଆରୋପ କରୁଛୁ ।'

'ନାଁ, ସୁଜାତା, ରୋଗ ନିଶ୍ଚୟ । ନ ହେଲେ କି ତୁ......'

'କ'ଣ ନ ହେଲେ କି ମୁଁ ?'

'ତୁ ସବୁବେଳେ ଅନ୍ୟମନସ୍କ ରହନ୍ତୁ, ଖାଲି କୁହୁଡ଼ି ପଡ଼ିଁଲୁଚୁ ଯା ସେଇଆ, ନ ହେଲେ ଲଭ କିଛି ନାହିଁ ।'

'କ'ଣ କୁହୁଡ଼ି ପଡ଼ିଁଲୁଚି, ଲଭ କିଛି ନାହିଁ—ତୋର ଏ ସବୁ କଥାରୁ ମୁଁ କିଛି ବୁଝି ପାରୁନାହିଁ......

ଅଞ୍ଜଳି କ୍ଲାସ ଦୁଆର ମୁହଁରୁ ପାଟିକରି ପଳାଇ ଆସିଲା । ହେଇ ସାର୍ ଆସିଲେ...

ସମସ୍ତେ ଚୁପ୍‌ଚାପ ରହିଗଲେ । ମାତ୍ର ଫୁସ୍‌ଫୁସ୍ ହେଲେ ଏଇ ଦୁଇଟି ପ୍ରାଣୀ...ନନ୍ଦ ପଣ୍ଡିତେ ପଢ଼ାଉଥିଲେ—ବୟସତ ପଚାଶ ପାଖାପାଖି । ହଠାତ୍ ଆଖି ପଡ଼ିଲା, ଅଞ୍ଜଳି ଓ ସୁଜାତା ଉପରେ... ଅଭିଜ୍ଞତା ମୁଖର ଭଙ୍ଗୀରେ ସେ କହିଲେ, 'ମନ ଭଲ ନାହିଁ...' କ୍ଲାସ ପିଲା ସମସ୍ତେ ଛିଡ଼ା ହୋଇଥିଲେ । ପଛରେ ଛିଡ଼ା ହେଲେ

ଏ ଦୁହେଁ । ପଣ୍ଡିତେ ମହା ଗୁଲାକ···ସବୁ ଲକ୍ଷ୍ୟ କରୁଛୁ । କହିଲା, 'ବସ···'

ବସି ପଡ଼ିଲେ ପଞ୍ଚାଏ ନହୁଲା କଡ଼ି । କଞ୍ଚ ବୟସର ଚଞ୍ଚଳତାଖୋଇ ଫଣ୍ଡିତର ଏ ପାଚଲାବାଳରେ ସମାଧି ନେଇଛି । ତଥାପି ତା'ର ମାଂଶ ଅଛି । ଅଭିଜ୍ଞତା ଅଛି । ତିକ୍ତ ଅନୁଭୂତି ନ ଥିଲେହେଁ ଗାଢ଼ କଳ୍ପନା ଅଛି ।

ଗମ୍ଭୀର ସ୍ୱରରେ ଚଷ୍ମା ନଚାଇ ସେ କହିଲେ, 'ଦେଖ, ସାବଧାନ ନ ହେଲେ ପରିଣତି ସାଂଘାତିକ—ବିପଦ ଓ ପତନ ଅନିବାର୍ଯ୍ୟ ।'

କଥା ପଦକ ଠାଇଁ ଠାଇଁ ମରମରେ ବାଜିଲା । ଯାହାଙ୍କର ମନର କଥା ପଣ୍ଡିତ କହିଦେଲା । ଅନୁମାନ କରିଥିଲା ଯାହା, ପ୍ରକୃତରେ ଦେଖିଲା କ୍ଳାସରୁ ଅନ୍ତତଃ ଛଅଜଣ ପିଲା ସେଥିରେ ଲଜ୍ଜିତ ଓ ବିବ୍ରତ ହୋଇ ପଡ଼ିଛନ୍ତି ।

ଅଞ୍ଜଳି ସୁଜାତା ମୁହଁକୁ ଚାହିଁଲା । ସୁଜାତା ଅଞ୍ଜଳି ମୁହଁକୁ ଚାହିଁଲା ।

ସୁଧା ଏ କଥା ପଦକ ଶୁଣି ମୁହଁ ମୋଡ଼ି ଦେଲା । ପଣ୍ଡିତଙ୍କ ଆଖି କାହା ଉପରେ—ସୁଧାର ବିକୃତ ଭଙ୍ଗୀ ସେ ଦେଖି ପାରିଲେ ନାହିଁ । କହିଲେ, 'ମୁଁ ଯାଉଛି, ଅଫିସରେ ମୋର କାମ ଅଛି । ପ୍ରିନସିପାଲ ଡକାଇଛନ୍ତି, ତୁମେ ଚୁପ୍‌ଚାପ ହୋଇ ବସି ପଢ଼ ।'

ସେ ଚାଲିଗଲେ ।

ମୁହୂର୍ତ୍ତକ ପାଇଁ ହାଡମାଂସର ସ୍ତବ୍ଧତା ଭଟେଲା—ପଡ଼ିଲା ।

ତା'ପରେ···

କ୍ଳାସରେ ଗୋଳମାଳ···ଗୁଡ଼ିକନେଇ ସାଙ୍ଗସାଥୀ ଜୁଟିଗଲେ । କେତେ କଥା ପଡ଼ିଲା । ଦେଶକଥା, ପ୍ରେମକଥା, ରାଜନୀତି କଥା,

ଧର୍ମଶାସ୍ତ୍ର କଥା—ଅନ୍ତତଃ ବେଶୀ ଆଲୋଚନା, ଫ୍ରସ୍‌ଫ୍ରସ୍ ଆଲୋଚନା, ପ୍ରେମକଥା—(Love affairs) କଏ କେତେକଥା, କହିଲା ସିନେମା ଥିଏଟରର ଉଦାହରଣ ଦେଲା···ଅବଶେଷରେ ରଖି କଏ ଅବା କହିଲା, 'ପରେ···'

ସୁଧା ଚକ୍‌ଟାଏ ଧରି ଡେସ୍କ ଉପରେ କ'ଣ ଲେଖୁଥିଲା । ହଠାତ୍ ବ୍ଲାକ୍‌ବୋର୍ଡରେ ଲେଖିଦେଲା ଦୁଇଧାଡ଼ି କବିତା—

"ସ୍ୱାର୍ଥୀ ପରଜନେ କପରି ଏ କଥା କହିବ
ମରମ ଦୁଃଖ ସରମେ ବା କେତେ ସହିବ
କହିଲେ ବାଳିକ ଅପଯଶ ସାରା କଟକେ
ଏତିକ କଥା ସେ···ଏତିକ ବୁକେ କ ଅଟକେ ।"

—ଅ୧

ଅଞ୍ଜଳିର ଆଖି ପଡ଼ିବା ମାତ୍ରେ ସେ ସୁଜାତାକୁ ପଚାରିଲା—'ଏ ତମରି ରୋଗର କଥା—'

ସୁଜାତା କୃତ୍ରିମ ଛଳନାରେ କହିଲା, 'କାହିଁ, ତୋର କ'ଣ ନୁହେଁ କି ? ସେ ଲେଖିଛି ବାଲାର ନୁହେଁ···ଏତ ସବୁରି ଜୀବନର ନିଭୃତ୍ୟ ରହସ୍ୟ···'

ସୁଜାତା ପଚାରିଲା, 'ସୁଧା, ଏ କବିତା ଦି' ଧାଡ଼ି କେଉଁଠୁ ପାଇଲୁ ମ···'

'ନିଜେ ବାନ୍ଧି ଦେଇଛି ।'

'ଭଲ କୋବି ତ ।'

କ୍ଲାସର ପିଲା ଜଣେ କେଣ୍ଟୁ ହସି ଉଠି କହିଲା, 'ବନ୍ଧାକୋବି ନ ହେଲେ ଭଲ ।'

ଅଞ୍ଜଳୀ ପଚାରିଲା, 'କ'ଣ ସତେ ?'

ନାଇଁ ଅଞ୍ଜଳି, ଭାଇଙ୍କ ଇଂଲିଶ ଖାତାରେ ଲେଖାଥିଲା, ମୁଁ ଶିଖି ନେଲି । ଦେଖିଲି ଭାବଟା ବେଶ୍ ସୁନ୍ଦର ···

ସୁଜାତାକୁ ଚାହିଁ ଅଞ୍ଜଳି ହସିଲା ।

କ୍ଲାସ ପିଲାଏ ସେଇଆ ଧନ୍ଦାରେ ଲାଗିଗଲେ । ଅଞ୍ଜଳି ଓ ସୁଜାତା ପଛବେଞ୍ଚକୁ ଚାଲିଗଲେ । ସୁଧା ପଚାରିଲା, 'କ'ଣ ପଛବେଞ୍ଚର ମାରପେଞ୍ଚ—Love Politics

ନାଁ ଗୋଟାଏ ଘରେଇ କଥା ।

ଆଚ୍ଛା, ମୁଁ ଏଇଠି ବସି ଶୁଣିନେବି ।

ଅଞ୍ଜଳୀ ପଚାରିଲା, 'ସୁଜାତା, ମୋର ଅନୁମାନ କଣ ଠିକ ନୁହେଁ !

ହୁଁ ।

ବର୍ତ୍ତମାନ ପରିସ୍ଥିତି କିପରି ?

ପରିସ୍ଥିତି ଭଲ ନୁହେଁ । ତାଙ୍କୁ ଆମଘରର ଲୋକ କେହି ଚାହାନ୍ତି ନା । ବୋଉ କେବଳ ତାଙ୍କୁ ଦେଖିଛି ।

କ'ଣ ଭମର [redacted] ନୁହେଁ ତ ? They as a class mate the centre of nuisance .

ନାଁ ସେତ [redacted] ଜାତି ?

ତା' ହେଲେ ତ ମିଳନ [redacted] । ଭୟ କାହିଁକି ! ସନ୍ଦେହ କାହିଁକି, ଏତେ ଅବିଶ୍ୱାସ କାହିଁକି ! ସେ କ'ଣ ତୋର love ପ୍ରତ୍ୟାଖ୍ୟାନ କରୁଛନ୍ତି ?

ନାଁ, ମୁଁ ତାଙ୍କର ହୃଦୟ ଯେତିକି ଜାଣେ, କହୁଛି, ସେ ମୋତେ ଠକିବେ ନାହିଁ ।

ହଁ, ତୁ ତା କହିପାରୁ ! କିନ୍ତୁ ଠକିବାହିଁ ପ୍ରେମର ଅନ୍ୟ ସ୍ୱତ୍ତ୍ୱ ।

ତା ବୋଲି କ'ଣ ମୋର ପ୍ରେମର ଲକ୍ଷଣ ତା'ହା ?

ଗର୍ବକରି କହି ପାରିବନି ସୁଜାତା, ତୁ ତାଙ୍କୁ ଠକିବୁ କି ସେ ତୋତେ ଠକିବେ ।

ସୁଜାତା ଗ୍ରବଲା । କହିଲା, 'ନାଁ, କେବେ ନୁହେଁ, କେବେ ନୁହେଁ ।
···ଅଞ୍ଜଳି ପଚାରିଲା, ତେବେ ତୁମର ଏ ପ୍ରଣୟ ସ୍ଥିର ଓ ଅଚଞ୍ଚଳ ?

ନିଶ୍ଚୟ !

ଏ ପ୍ରଣୟଟା ଏତେଦୂର ସୁନିଶ୍ଚିତ ତୋର, ଅଥଚ ତୁ ଥରେ ହେଲେ ତା'ର ପ୍ରଥମ କାହାଣୀଟା ତ ମୋତେ କହୁ ନାହୁଁ । ଆଜ ମୁଁ ତୋର କି ସାଙ୍ଗ ? ଅଞ୍ଜଳି କଣ୍ଠରେ ଅଭିମାନର ଗୁଞ୍ଜନ ।

ସୁଜାତା କହିଲା, ତୋତେ ନ କହିବି ତ ମୁଁ ଆଉ କହିବି କାହାକୁ ?

ଆଜି କ'ଣ କଏ ତୋର ନାହିଁ ।

ନାହିଁ ଅଞ୍ଜଳି !

ହଁ, ଅଛି । ଆଜି ସେ ହେଉଛନ୍ତି ତୋର ପ୍ରେମ !

ଲାଜରେ ସୁଜାତାର ମୁହଁ ତଳକୁ ହୋଇଗଲା । ସେ କହିଲା, ମୋର କାହାଣୀ ଅତି ଆକସ୍ମିକ, ଅତି ମଧୁର ଓ ଆଦର୍ଶମୟ ।

ଆଜ, ତୋର ଏତେ ଇଣ୍ଟ୍ରୋଡ଼କ୍ସନ, ଏତେ ମୁଖବନ୍ଧ, କହ ନା ଘଟଣାଟି ମୁଁ ଶୁଣେ !

କିମିତି କହିବି ? ଜୀବନର ସେ ସୁଦୀର୍ଘ ଅନୁଭୂତି ଏତେ କମ୍ ସମୟ ଭିତରେ ।

ତେବେ···

ନିଶ୍ଚୟ ତୋତେ କହିବି ଅଞ୍ଜଳି ! କିନ୍ତୁ କହ, ତୁ ମୋତେ ଏଥିରେ ସାହାଯ୍ୟ କରିବୁ କି ନାଁ ?

ଯାହା ପର୍ଯ୍ୟନ୍ତ ସାହାଯ୍ୟ କରିବି । କହିବୁ ଯେବେ ମୁଁ ତୋର ତାଙ୍କୁ ଧରିଇ ଆଣି ତୋ ନିକଟରେ ପହଞ୍ଚାଇ ଦେବି ।

କିମିତି ?

ମୁଁ କମିଆଁ ଜାଣେ ।

କମିଆଁ କ'ଣ ?

ଆଚ୍ଛା, କହତ ସେ କେଉଁଠି ରହନ୍ତି ?

କଲେଜ୍ ହଷ୍ଟେଲରେ ।

କାହିଁକି ?

ତାଙ୍କର ପରିଚୟ ନେଇସାରି ମୁଁ ମୋର ପ୍ଲାନ୍ ଖଞ୍ଜିବି । ବ୍ୟସ୍ତ ହୁଅ ନାଁ । ମୋର ସାଙ୍ଗ ଭଉଣୀ ଆଇ. ଏ ପଢ଼େ । ତୋର ସେ କ'ଣ ପଢ଼ନ୍ତି ?

ସାଇନ୍ସ ।

ଓଃ, ଦେଖିତ ଭ ମୁସ୍କିଲ ପାଠ, ଆଚ୍ଛା ମୁଁ ଭଉଣୀ ସହିତ ଆଗେ ପ୍ଲାନ କରେ । ପରେ ତୋତେ ଜଣାଇବି ।

କେତେଦିନ ପରେ ?

ତୁ ଏତେ ଅଧୀର ହୁଅନାଁ ସୁଜାତା···ମୁଁ ତାର ବନ୍ଦୋବସ୍ତ କରି ତମ ଘରକୁ ଯିବି । ଆଚ୍ଛା, ତମ ଘର ଟଣ୍ଡାଲା ସଜାଣି !

ହଁ, ଜାନୁଆରୀରେ ତାର ପ୍ରତିଷ୍ଠା । ବାପା ମଧ୍ୟ ଏ ବର୍ଷ ବ୍ୟବସାୟରେ ପ୍ରଚୁର ଲାଭ କରିଛନ୍ତି । 'ଅଷ୍ଟିନ୍' ଗୋଟିଏ କିଣାହେବ ।

'ତା' ହେଲେ ତ ତୋର ମଜା—ଅଷ୍ଟିନ୍ ଧରି ଛୁଟିବୁ ପ୍ରେମିକଙ୍କ ପାଖକୁ—କହିବୁ ଗ୍ରିପ୍ସୁ—ଏ ନୂଆ ମଟର ନିଅ ।

ଟେଁସି ଦେଇ ସୁଜାତା କହିଲା, ତୋର ଖାଲି ଥଟ୍ଟା···ହେଇତ ଘଣ୍ଟା ବାଜିବାକୁ ଆଉ ଦଶ ମିନଟ, ଏଇକ୍ଷଣି ମିସ୍ ରାପ୍ ଆସି ପହଞ୍ଚିବେ । କେଜାଣି ସିଟରୁ ଉଠିଯାଇଥିବାର ଦେଖିଲେ ଖାର ଖଣ୍ଟା ଦେବେ ।

ହଁ, ସୁଜାତା···ତାଙ୍କର ଖାଲି ଦୃଷ୍ଟି କିଏ କେଉଁଠିକି ଗଠିଦେଲା, କିଏ Love କଲା, କିଏ ତା ସହିତ ଦେଖାକଲା, ସିନେମା ଗଲା, ଏଇ ସବୁ ଆଉ—ଆପଣାର ଗୁଣ ତ ଖାଲି ବକଟି ଉଠାଇ ବଣ୍ଟୁ-ବଜାଣି କାହାକୁଁ ନେଇ···ଆମ ଭାଇ ଏବଂ ତାଙ୍କର ଦଳେ ବନ୍ଧୁ ବନେ ଏମିତି ଘଟଣା ସବୁ କହୁଥିଲେ—ଦେବାଉ ଶୁଣିଲି, ମତେ ପଚାରୁଥିଲେ । ମୁଁ ଆଉ ତା' ଆଗରେ ମାନିଲି ନାହିଁ, ତେଣୁ କେତେଟା କଥା କହିଦେଲି ।

ତା ପାଖିରେ ତ ଲୁଣ ମିଳାଏ ନ, ଦେଖ ଅଞ୍ଜଳି, ଏ କଥାର ଟେର ସେମାନେ କେହି ନ ପାନ୍ତି ।

ଚନ୍ଦ୍ର ସୂର୍ଯ୍ୟ ମଧ୍ୟ ଜାଣି ପାରନ୍ତେନି ।

ଏତିକିବେଳେ ଘଣ୍ଟା ଆସି ବାଜିଗଲା । କ୍ଲାସ ବନ୍ଦ । ସ୍କୁଲ ଛୁଟି ହୋଇଗଲା ।

ପିଲାମାନେ କ୍ଲାସ ଛାଡ଼ିଗଲେ ।

ବସି ରହିଲେ ସୁଜାତା ଓ ଅଞ୍ଜଳୀ । ଅଞ୍ଜଳୀର ହାତ ଧରି ସୁଜାତା କହିଲା, କେଜାଣି ଅଞ୍ଜଳୀ ତାଙ୍କୁ ମୁଁ ଠିକେ ମୁକ୍ତ ଓ ସ୍ୱାଧୀନ ଭାବରେ ଦେଖିବାକୁ ପାଆନ୍ତି—

ଥୟ ଧର, ଆଚ୍ଛା କହିଲୁ ଗୋଟେ ଗପ ଶୁଣେ ?

ନୀରବ ରହିଲା ସୁଜାତା । ତାର ନୀରବତାକୁ ସମର୍ଥନ କଲା ମୁହଁର ଲଜ୍ଜାରାଗ ଓ ଓଠର ମୃଦୁସ୍ମିତ ।

ହୁଁ···ଆଖିବୁଜି ମଞ୍ଜାରୀ ଦୁଧ ପିଉଚି—କାହିଁକି ? ଅଞ୍ଜଳି ତ ମଞ୍ଜାରୀ ମାଉ ଧରିଲାଣି ! ଦୁହେଁ ହସି ଉଠିଲେ ।

× × ×

ଛୁଟିପରେ ସୁଜାତା ଘରକୁ ଗଲା । ପଢ଼ାପଢ଼ିରେ ଆଦୌ ମନ ଲାଗେ ନାଁ । ସେ ଦିନ [redacted] ଠିକେ ଡ୍ରେସରେ ଆସିଲେ । ସୁଜାତା ନୀରବରେ କେତେ କ'ଣ ଭାବୁଥାଏ । ଅଞ୍ଜଳୀର ପ୍ରତିଶ୍ରୁତି, ଭୁବନର ହସ ହସ ମୁହଁ, ଗାର୍ଲସ୍କୁଲର ଆଦବ କାଇଦା ଆଜି ଉଭୟଙ୍କ ମଝିରେ ଅବୁଝା ବ୍ୟବଧାନ ଓ ପ୍ରତିବନ୍ଧକ ।

କେତେବେଳେ [redacted] ଆସି ବସିଲେଣି, ତାକୁ ଜଣାନାହିଁ । ସେ ତାର ଭାବନା ଭିତରେ ବୁଡ଼ି ରହିଛି । ଦୀର୍ଘଶ୍ୱାସଟିଏ ପକାଇଲା ବେଳକୁ ତାର ନିଜତ୍ୱବୋଧ ଆସିଲା । ଦେଖିଲା ବିନୋଦ ତାକୁ

ଶୁଣି କ'ଣ ଭାବୁଛନ୍ତି ? ପଚାରିଲେ, 'ସୁଜାତା···ମୁଁ ତମକୁ କେତୋଟି ପ୍ରଶ୍ନ ପଚାରିବାକୁ ଚାହେଁ । ଉତ୍ତର ଦେବାକୁ ହେବ···'

ସୁଜାତାର ମୁହଁରୁ ଅତର୍କ ଖସି ପଡ଼ିଲା । ସେ କିଛି କହି ପାରିଲା ନାହିଁ । ଆଖି ଲୁହ ଥପ ଥପ ହୋଇ ଆସିଲା । ସେ ତାଙ୍କ ମୁହଁକୁ ଚାହିଁ ପାରିଲା ନାହିଁ ।

ବିନୋଦ [redacted] ପୁଣି ସେଇ ପ୍ରଶ୍ନ ପଚାରିଲେ ।

ବହୁତ ସମୟ ନୀରବ ରହିବା ପରେ ସୁଜାତା କହିଲା, 'ହଁ, ପଚାରି ପାରନ୍ତି ।'

ବିନୋଦ କହିଲା, 'ସୁଜାତା, କିନ୍ତୁ ତମକୁ ସତ କହିବାକୁ ହେବ ?'

'ମୁଁ ତ ଆପଣଙ୍କ ଆଗରେ କେବେହେଲେ କିଛି ମିଛ କହେ ନି ବିନୋଦ ବାବୁ-- [redacted]··· ··'

ବିନୋଦ ଟିକଏ ଭାବିଲା । କହିଲା, 'ଦେଖ ସୁଜାତା, ମୁଁ ତମର ଗତିବିଧି ଲକ୍ଷ୍ୟ କରି ଦେଖୁଛି ଯେ ମନର ଗତି ଅଶୁଭଲକ୍ଷଣ । ତୁମେ କିଛିଦିନର ଅନ୍ୟମନସ୍କା ହେଉଛ ଏବଂ ପୂର୍ବପରି ପଢାଶୁଣା କରିବାକୁ ଆଜି ଯେମିତି ତୁମର କିଛି ଆଗ୍ରହ ନାହିଁ··· ଏ ସବୁ କାହିଁକି ଘଟୁଛି, ସୁଜାତା ?'

'ମୁଁ କିଛି କହି ପାରିବି ନି ସାର !'

'ଲଜ୍ଜାବୋଧ କରନା, ମୁଁ ବୁଝୁଛି ତୁମର ଜୀବନରେ ସାଥୀର ଆହ୍ୱାନ ଆସିଲାଣି । ଛଳନା କଲେ ସୁଦ୍ଧା ତାହା ସ୍ୱତଃ ସ୍ପଷ୍ଟ ଜଣାପଡୁଛି । ତୁମେ ମିଛ ଟିଉଟରକୁ ଛଳନା କରି ଆତ୍ମଗୋପନ କରୁଛ । କିନ୍ତୁ ତୁମର ହୃଦୟ ବନ୍ଧାପଡ଼ିଛି ଅନ୍ୟ ଜଣକ ନିକଟରେ । ତୁମର ହୃଦୟ ଆଉ ଆତ୍ମଗୋପନ କରି ନାହିଁ । କହି ପାରିବ କି କିଏ ସେ

ହତଭାଗ୍ୟ ଜୀବନଟିଏ—ଯିଏ ନିଜର ଭବିଷ୍ୟତର ସର୍ବନାଶ କରି ତୁମ ଜୀବନର ସର୍ବନାଶ କରିବାକୁ ବସିଛି ?'

'ଏ କ'ଣ କହୁଛନ୍ତି [redacted]...ମୁଁ ତ ଆପଣଙ୍କୁ...'

'ହଁ, ଆପଣଙ୍କୁ ଗୁରୁତୁଲ୍ୟ ମାନେ—'

ସୁଜାତାର ପୂର୍ବ ଘଟଣା ମନ ଭିତରେ ଉଦିତ ହେଲା । ସେ ଛଳ ଛଳ ନେତ୍ରରେ କହିଲା, '[redacted], ମୋତେ କ୍ଷମା କରିବେ ।'

'କ୍ଷମା ମୋର ଦେୟ ନୁହେଁ । ତୁମର ହୃଦୟ ହିଁ ତୁମକୁ କ୍ଷମା ଦେବ । ସତ କୁହ, ତୁମର ଜୀବନର ଗତି ଏତେ ବ୍ୟସ୍ତ, ଅଧୀର କଲା କିଏ ? ମୁଁ ସେଇ ଦୁର୍ଭାଗ୍ୟ ନୁହେଁ ତ !'

'ନା [redacted]!' ।

'ତେବେ ସେ କିଏ ଆଉ ଜଣେ ?'

ସୁଜାତା କୌଣସି ଉତ୍ତର ଦେଲା ନାହିଁ ।

ବିନୋଦ ମନେ ମନେ କହିଲା, ସୁଜାତା ତ ପୁଣି ଛଳନା କଲା । ପଚାରିଲା, 'ଯେବେ ତୁମର ସେପରି କିଛି ଧାରଣା ଆସିଥାଏ, ତା' ଭୁଲ—ହେଇ ଦେଖ, ନିଅ ତୁମର ଚିଠି—କିନ୍ତୁ କୁହ, ତୁମର ହୃଦୟ ତୁମର ହୋଇଅଛି କି ନାଁ '

'ମୋ ହୃଦୟ ମୋର ହୋଇ ଅଛି । ଆପଣ କିନ୍ତୁ...'

'ଆପଣ କିନ୍ତୁ କିଛି କହୁଛନ୍ତି ନାଁ ? ସୁଜାତା, ବିନୋଦର ଅନୁମାନ କେବେ ବିଫଳ ହୁଏ ନ । ତୁମେ ଆଜ ସତ ଘଟଣା ନ କହିଲେ ସୁଦ୍ଧା ମୁଁ ମୋର ଅନୁମାନ ଉପରେ ପ୍ରତିଷ୍ଠିତ ରହି ତମର ଭବିଷ୍ୟତର ବ୍ୟବସ୍ଥା କରି ଦେବି ।'

କାରଣ, ସେଇଟା ମୋର କର୍ତ୍ତବ୍ୟ । ମୁଁ ଏଠିକି ପ୍ରେମପ୍ରୀତି ପାଇଁ ଆସି ନାହିଁ କିମ୍ବା ନୂତନ ସୁଧାରେ ତୁମର [redacted] ହୋଇନ ।

ମୁଁ ଅଶ୍ରାବକଗ୍ରସ୍ତ, ଆସିଥିଲି ଅଶ୍ରାବ ମେଣ୍ଟାଇବା ପାଇଁ । କାଲି ସକାଳେ ହୁଏ ତ ମୁଁ ବିଶ୍ୱବିଦ୍ୟାଳୟର ଜଣେ ସାମାନ୍ୟ ଗ୍ରାଜୁଏଟ ହୋଇ ଯାଇବି । ପୁଣି ମୋ ଉପରେ କଞ୍ଚିବା ପାଇଁ ଉପାୟ ଚିନ୍ତା କରିବାର ଗୁରୁତର ଦାୟିତ୍ୱ ପଡ଼ିବ । ଆଉ ହୁଏତ ତୁମ ସାଙ୍ଗରେ ଦେଖା ହୋଇ ନ ପାରେ । ମୁଁ ତୁମର ଉତ୍‌ଥାନ ପତନ ଦେଖିଛି । ଦେଖିଛି, ତୁମର ଏଇ ଘର ଥରେ ଥିଲା ହସର ଗୃହର ··ଆଜି ତାହା ସୁନ୍ଦର ହିତଳରେ ପରିଣତ ହୋଇଛି । ରିକ୍‌ସାରେ ତୁମେ ଯିବା ଆସିବା କରୁଥିଲ, ଏବେ ଅଷ୍ଟିନ୍ କମ୍ପା ଷ୍ଟୁଡ଼ିବେକର ଦରକାର ପଡ଼ିବ । ତୁମର ମାନସିକ ଅବସ୍ଥା ମଧ୍ୟ ସେଇପରି । ତୁମେ ତ ଆଜି ଭାରତବର୍ଷର ସୁଜାତା ନୁହଁ ଯେ ମୁଁ ତମକୁ ରୂପକଥା କହି ଭୁଲାଇ ରଖିବି ?'

[redacted], ଆପଣ ଆଜି କାହିଁକି ଏ ସବୁ ଗପ କହୁଛନ୍ତି ?'

'କହୁଛି ଆଜି [redacted]ର ଜନ୍ମଦିନ । ଏଣିକି [redacted] ଭୟ ନାହିଁ କମ୍ପା ତୁମର [redacted] ଦାୟିତ୍ୱ ନାହିଁ । କାଲିଠାରୁ ତୁମେ ଆଜି ଏକ ନୂତନ [redacted] ମୂର୍ତ୍ତି ଦେଖିବାକୁ ପାଇବ । ତୁମର ଦାୟିତ୍ୱ ମୁଁ ନେଇଥିଲି, ଏ ଦାୟିତ୍ୱଟା ନ ନେବି କାହିଁକି ? ତୁମେ ଆଜି ନିଜକୁ ଏତେ ଶୀଘ୍ର ଜଳାଇ ପୋଡ଼ାଇ ମାରିବାକୁ କାହିଁକି ଚେଷ୍ଟା କରୁଛ ? ସତ ଘଟଣା କ'ଣ କୁହ ? ମୁଁ ତମର ମା'ଙ୍କୁ କହି ସବୁ ବନ୍ଦୋବସ୍ତ କରି ନେବି ।'

[redacted], ମୋତେ କ'ଣ ଭୁଲ ବୁଝୁଛନ୍ତି । ଆପଣ ଯାହା ସନ୍ଦେହ କରୁଛନ୍ତି, ଠିକ୍ ନୁହେ ।'

'ଠିକ୍ ନୁହେ ସୁଜାତା, ଠିକ୍, ଠିକ୍ ଅକ୍ଷରେ ଅକ୍ଷରେ ସତ । ତୁମର ହୃଦୟ ବିଚଳିତ ହୋଇ ପଡ଼ିଛି ।'

ତୁମେ ଆଶ୍ରୟ ଖୋଜୁଚ କିନ୍ତୁ ମୋ ଆଗରେ ଲୁଚାଇବା ପାଇଁ ତୁମର ଚେଷ୍ଟା ବୃଥା । ମୁଁ ତୁମର ମା'ଙ୍କ ସହିତ ଏ ବିଷୟରେ ଆଜି ଆଲୋଚନା କରି ଆସିଛି । ସତ କହିବାକୁ ପଡ଼ିବ ।'

'ମୁଁ ମିଛ କହିବିନି !'

ସୁଜାତାର ମୁଣ୍ଡ ଭୂମି ଛୁଇଁଲାଣି ।

ବିନୋଦ ପଚାରିଲେ, 'ଜାଣିବ ନାହିଁ କମ୍ବା କହି ପାରିବ ନାହିଁ । ତୁମେ କ'ଣ...'

[redacted], ସବୁ ଆଶଙ୍କା ବୃଥା ।'

'ମିଛ କଥା—ତୁମରି ଅଭିମାନ, ଲଜ୍ଜା ଏବଂ ଦମ୍ଭ ଦିନେ ନାଁ ଦିନେ ଏଇ ପ୍ରଣୟ ପାଇଁ ଧରା ପଡ଼ିବ । ବିନୋଦ ପଚାରୁଚି—ତୁମେ ଆତ୍ମଗୋପନ କରୁଚ । ଏଣିକି ଯାହାର କଳ କୌଶଳରେ ତୁମେ ଧରା ପଡ଼ିବ, ସେ ତୁମର ସର୍ବଶ୍ୱ ଲୁଣ୍ଠିତ କରିବ । ଜୀବନର ସେଇ ସନ୍ଧିକ୍ଷଣରେ କିଛି ଯେବେ ଘଟିଯାଏ, ମନେ କରିବ ସୁଜାତା, ବିନୋଦ ବାବୁଙ୍କ ତୁମର ହୃଦୟର କଥା ଜାଣିବାକୁ ଚାହୁଁଥିଲା... ଆଚ୍ଛା, ମୁଁ ଆସେ...

'ଆପଣ କ'ଣ ସତେ ଆଉ ଆସିବେ ନି ?'

'ନାଁ...'

'ବଡ଼ ନିଷ୍ଠୁର ଆପଣ । ଆସନ୍ତା ପରୀକ୍ଷାରେ ମୁଁ କ'ଣ କରିବି ?'

'ପାଠ ପଢ଼ିବ ମନ ଦେଇ । ପାସ୍ କରିବ ।'

ଏତିକିବେଳେ ସୁଜାତାର ମା ପହଞ୍ଚିଗଲେ । ବିନୋଦ ଉଠି ଠିଆହେଲେ । କହିଲେ, 'ସୁଜାତା, ନିଅ ତୁମରି କାଗଜଟା...'

ଥର ଥର ହାତରେ ସୁଜାତା ଚିଠିଟା ନେଇ ରଖିଲା । ତାର ମା ପଚାରିଲେ, 'ବିନୋଦ ବାବୁ...'

ଶଶିକାନ୍ତ ବିନୋଦ ଏତିକି କହିଲା, 'ମୁଁ ଯାହା କହୁଚି, ସେ ଦିଗରେ ଚେଷ୍ଟା କରୁଚେ—' କଥା କହିଲେ ନାହିଁ—

'ଆଚ୍ଛା, ତା' [redacted] ଆଉ [redacted]—'

'[redacted]'

ସେ କେମିତି ସନ୍ଦେହ ଚକ୍ଷୁରେ ବିନୋଦ ଓ ସୁଜାତାକୁ ଚାହିଁଲେ ଓ ଚାଲିଗଲେ ।

ବିନୋଦ କହିଲା, 'ସୁଜାତା, ମୁଁ ଚାଲିଯାଉଚି ଖାଲି ନୁହେଁ, ତୁମର ଛଳନାକୁ ନେଇ । ଏତେଦିନ ଯାହାକୁ ଗଢ଼ିଲି, ସେ ମୋତେ ଭୁଲାଇ ଦେଲା ଆଜି ଛଳନା କରି । ପ୍ରକୃତ ହୃଦୟର କଥା—ସତ କଥା ମୁଁ ତା'ଠାରୁ ଆଦାୟ କରି ପାରିଲି ନାହିଁ, ଏତିକି ମୋର ଦୁଃଖ ...'

'ଆଜି ଶୁଣ ତୁମର ହୃଦୟରେ ପ୍ରେମ-ବ୍ୟାଧି ଦେଖା ଦେଇଚି । ସୁଶୀଳ ପରି ସ୍କଲାରର ଭାଗ୍ୟରେ ମଧ୍ୟ ଫେଲ୍ ଥିଲା, ଏଇ ପ୍ରେମ ପାଇଁ—ନିରୂପମାର ଭାଗ୍ୟରେ ଥିଲା, ସୁଦୂର ପୁରପଲ୍ଲୀର ନିଭୃତ କୋଣରେ ମା' ହୋଇ ପୁଣି କୁମାରୀ ଅବସ୍ଥାରେ ପୁଣି ଜଟିଳ ଜୀବନ କଟାଇବାକୁ । ପ୍ରମିଳା ଚିରକୁମାରୀ ରହିଲା ତାର ପ୍ରେମିକ ପାଇଁ—ପ୍ରବଞ୍ଚିତା ରଜନୀ ପୁଣି ସଂସାର କଲା ନିଜେ ସତୀ ସାଜି—ସ୍ୱୈରିଣୀ ହେଲା ପଳାତକ ସନ୍ଧ୍ୟାର ବିବାହ ପରେ । ସୁଗାୟକ ବନ୍ଧୁ ରତନ ଆଜି ଉଦ୍‌ଭ୍ରାନ୍ତ···ଶଶୀକାନ୍ତ କଲା ପୋଟାସିଅମ ଖାଇ ଆତ୍ମହତ୍ୟା—ଭାରତୀର ସଂସାର ଜଳପୋଡ଼ି ଗଲା ? ତୁମେ ପିଲା ଲୋକ—goue marriale ର ସାଂଘାତିକ ପରିଣତି ଓ ଏହି ସଂପର୍କ ବିଷୟ ନେଇ ତୁମର ମୋଟେ ଧାରଣା ଆସିନି । ବେଳହୁଁ ସାବଧାନ ନ ହେଲେ, ତୁମର ପରିଣତି କ'ଣ ହେବ ସୁଜାତା, ଭଗବାନ ଜାଣନ୍ତି । ସେ ତୁମର ମଙ୍ଗଳ କରନ୍ତୁ । ଏତିକି ମୋର କାମନା ।'

ସୁଜାତା ଚମକି ଉଠିଲା । ଗୁଣ୍ଡ ଥରିଲା, ତୁଣ୍ଡ ଶୁଖିଗଲା, ଝାଳ ମାରିଲା ସାରା ଦେହ । ସେ ଖାଲି ଚାହିଁ ରହିଲା, ବିନୋଦର ବିଦାୟ-ବିଧୂର ମୁହଁଟିକୁ ।

ବିନୋଦ କହିଲା, 'ମୁଁ ଯାଉଛି ।'

ଚେଆର ଛାଡ଼ି ସେ ବାହାରିଲା । ସାଙ୍ଗରେ ସୁଜାତା ଆସୁଛି । ରାସ୍ତା ଉପରେ ଘର । ଦୁଇ ବର୍ଷର ମାୟା ମମତା ତୁଟାଇ ବିନୋଦ ଏ ପରିବାରଟିକୁ ଛାଡ଼ି ଯିବ । ସେଥିପାଇଁ ତାର ଦୁଃଖ ନାହିଁ । ଦୁଃଖ କେବଳ, ସୁଜାତାକୁ ସେ ଯେଉଁ ପରିସ୍ଥିତିରେ ଦେଖି ଯାଉଛି, ସେ ପରିସ୍ଥିତିର ପରିଣତି ବିଷୟରେ···

ସୁଜାତା ନମସ୍କାର କଲା । ବିନୋଦ ହସି ହସି ପଚାରିଲା, 'ଏଇଟା ଛଳନା ନୁହେଁ ତ···'

[redacted] ବୋଲି କହି ସୁଜାତା ବିନୋଦର ବିଦାୟ-ବିଧୂର ଆଖିକୁ କରୁଣ କାତର ଭାବରେ ଚାହିଁ ରହିଲା ।

ବିନୋଦ ରାଜପଥ ଧରିଲା—

ପଥ ଚାହିଁଲା ସୁଜାତା···ବିନୋଦ ରାଜପଥରେ ଚାଲି ଯାଉଛି ଆଉ ତା' ଭିତରେ ଢାଳି ଦେଇ ଯାଉଛି ଅସହଣି ନିଆଁ ।

× × ×

ରାତି ସାରା ଛଟପଟ ହୋଇ ସୁଜାତାକୁ ନିଦ ଆସିଲା ନି । ଏଇ ଦିନଟିର ସ୍ମୃତିଗୁଡ଼ିକ ତାର ହୃଦୟକୁ ଆହୁରି ବିବ୍ରତ କରି ପକାଇଲା । ଅଞ୍ଜଳୀର ଆଶା ଆଶ୍ୱାସନା—ବିନୋଦ ବାବୁଙ୍କର ସତର୍କବାଣୀ ଏବଂ ବିଦାୟ ବ୍ୟଥା——ସବୁ ଯେମିତି ଜୀବନ ମଞ୍ଚରେ ପ୍ରହେଳିକା ଓ ସ୍ୱପ୍ନ ପରି ଜଣାଗଲା । ଭୁବନର ଚିଠି ପାଇ ସେ ଉତ୍ତର ଦେଇନାହିଁ । ହୁଏତ ସେ ବ୍ୟସ୍ତ ବ୍ୟଥିତ ହେଉଥିବେ ।

କିଛି ଭଲ ଲାଗୁନ । ସୁଜାତାର ମନରେ ଚାରି ଗୁଣ୍ଡାଏ ଜମି ଯାଉଛି । ରାତି ପ୍ରାୟ ୩ ବାଜିବା ଉପରେ । ଶୀତ ଦିନ । ଶୋଇବାକୁ ଆଖି ରାଜିନ । ହୃଦୟର ବ୍ୟଥାକୁ ଲଘୁ କରିବା ପାଇଁ ସେ ଚିଠି ଲେଖିବାକୁ ସ୍ଥିର କଲା···ଲାଇଟ୍ ମାରି ସେ ଲେଖି ବସିଲା—

ପ୍ରିୟତମ,

କଣ ଲେଖିବି କିଛି ଭାବି ପାରୁନି । କଲମ ମୁନ ବନ୍ଦ ହୋଇ ଯାଉଛି । ଆଖି ଦିଟାକୁ ତ ଦିଶୁନି—ଲୁହ ଜମି ଯାଉଛି । ହୃଦୟ ଜଡ଼ ପାଲଟିଛି । ମୋର ଭାଷା ନାହିଁ, ଭାବ ନାହିଁ—ମୁଁ ଗୋଟିଏ ନିରାଶ୍ରୟ ପ୍ରାଣୀ ।

କିଛି କହିବି ନାହିଁ ଭୁବନବାବୁ, ଜାଣେ ନି । ଆପଣଙ୍କୁ ମୁଁ କାହିଁକି ଏତେ ଭଲ ପାଇଲି । ଏତେ ନିଜର କରି ହୃଦୟ ଦିଗଲି । ହୁଏତ ଆମର ଏ ସମ୍ପର୍କ ଜନ୍ମ ଜନ୍ମଧରି, ଯୁଗ ଯୁଗଧରି ଚାଲି ଆସିଛି—ନିତ୍ୟ, ସତ୍ୟ, ଶାଶ୍ୱତ ଓ ସୁନ୍ଦର । ଆପଣ କ'ଣ ସତେ ମତେ ଏତେ ଭଲ ପାଆନ୍ତି ? ଜାଣେନି—ଆପଣଙ୍କ କଥା ଭାବିବାରେ ଏ ଦୁଃଖିନୀ ହୃଦୟର କି ଅଧିକାର ଅଛି । ଆଉ କାହିଁକି ଭାବିଲେ, ଏ ହୃଦୟ ଆନନ୍ଦରେ ପୂରି ଉଠୁଛି ।

ଯେଉଁଦିନ ଆପଣଙ୍କୁ ଦେଖିଲି, ଦେଖିଲା ମାତ୍ରେ ଜୀବନ ଯୌବନ ସବୁ ଉଜାଡ଼ି ଦେଲି ଆପଣଙ୍କ ଶ୍ରୀଚରଣ ତଳେ । କି ଯୋଗରେ କାହିଁକି ମୋତେ ଦେଖା ଦେଲେ ? ପୁଣି ଦେଖା ଦେଇ ଦେଖା ଦେଉ ନାହାନ୍ତି ? କାହିଁକି ବେଳେବେଳେ ଏ ପ୍ରାଣକୁ ଏତେ ଦହଗଞ୍ଜ କରି ମାରୁଛନ୍ତି—ବୋଧହୁଏ ଭାବୁଛନ୍ତି, ମୋର ହୃଦୟ ଅଟଳ ରହିଚି କି ନା ? ମୋତେ ପରୀକ୍ଷା କରୁଛନ୍ତି । ଅନ୍ତରାଳରେ ରହି ମୋର ଜୀବନର ଆଉ ହାହାକାର ଦେଖି କି

ସୁଖତୃପ୍ତି ଆପଣ ଲଭ୍ୟକରନ୍ତି କେଜାଣି, ତା ମୁଁ ଜାଣି ପାରୁନାହିଁ । ହଉ ! ଆପଣଙ୍କ ଯେ ଇଚ୍ଛା ।

ଆପଣଙ୍କ ସହିତ ଚିଠିପତ୍ର ସମ୍ପର୍କ ବୋଧହୁଏ ମୋର [redacted] ଜାଣି ସାରିଲେଣି । ଶୁଣିଲି, ସେ ମଧ୍ୟ ଆମ୍ଭ ସଙ୍ଗରେ ଏ ବିଷୟ କହି ଦେଇଛନ୍ତି । [redacted] ମୋର ମଙ୍ଗଳ [redacted] ଆସିଲେ ଏ ରହସ୍ୟ ଭେଦକରି ପାରିବ ନାହିଁ ।

ଆଶାରେ ଭଲ ଥିବେ । ଚିଠି ଦେବେ ।

ସୁଜାତା

ଚିଠି ମୁଡ଼ିଦେଇ ସେ ତାକୁ ଛାତି ଉପରେ ଭିଡ଼ି ଧରିଲା । ତୃଷ୍ଣପିପାସୁ ବକ୍ଷ ତାର ଆସ୍ୱାଦନ କଲା ପ୍ରଣୟୀର ନୂତନ ସ୍ପର୍ଶ— ଚକ୍ଷୁ ତାର ଅର୍ଦ୍ଧ ନିମୀଳିତ ହୋଇ ଆସିଲା । ତାର ମନେ ହେଲା । ଜଗତର ସକଳ ଆନନ୍ଦ ଯେପରି ତାର ପ୍ରାଣ ମନ୍ଦିରରେ ଉଦ୍‌ବେଳିତ ହୋଇ ଉଠୁଛି···

## * ଚାରି *

ଘଣ୍ଟା ଘଣ୍ଟା ଧରି ଭୁବନ ଭାବୁଛି, ତାର ଜୀବନରେ ପ୍ରଣୟର ଏ ଅଦ୍ଭୁତ ଲୁଚକାଳି କାହିଁକି ? କାହିଁକି ସେ ସୁଜାତାକୁ ଭଲ ପାଇଲା—କି ରହସ୍ୟ ଥିଲା ସୁଜାତାର ଚାହାଣିରେ, କି ମାଦକତା ଥିଲା ତାର ହସରେ, କି ଅମୃତ ଥିଲା ତାର ଚେହେରାରେ ! ମୁଁ କେଉଁ ଅମୃତ ଯୋଗରେ ତାକୁ ପାନ କଲି—ବର୍ତ୍ତମାନ ମୋର ଅବସ୍ଥା ହେଲା ଚିର ପିପାସୀ ।

ସୁଜାତା···ନିଶୋଢ଼ ନିଦରେ ଶୋଇଥିଲେ ସେ ସୁଜାତାର ରୂପଦେଖି ଚମକି ଉଠେ । ଜାଗ୍ରତ ଅବସ୍ଥାରେ ଥିଲେ ସୁଜାତାର କଳ୍ପନାରେ ଅଭିଭୂତ ଥାଏ—ଭୁବନର ଶୟନ, ସ୍ୱପ୍ନ ଓ ଜାଗରଣ—ସବୁ ଯେପରି ସୁଜାତାମୟ···ସୁଜାତା ତାର ଚିରପିପାସିତ ଅଧରରେ ଅମୃତର ପରଶ ଆଣି ଦେଇଚି—ସେ ତାକୁ ସୁଧାଚକ୍ଷା 'ଗନ୍ଧ' ପରି କରିଚି । ସୁଜାତା, ସୁଜାତା—ସୁଜାତା······

ଭାବି ଭାବି ସେ କଲମ ଧରି ଲେଖିବସେ । ଝରଣା ପରି ତାର ହୃଦୟ, ଫୁଲପରି ନରମ ତାର ଅନୁଭୂତି ଆଜି ମଳୟ ପରି ମର୍ମରିତ ତାର ଅଭିବ୍ୟକ୍ତି···ସେ କଲମ ଧରି ବସିଛି । ଲେଖୁଚି ।

'ଯା, ଲାଗି ବିନବନ୍ତି କଣ୍ଠେ ମୋ ତୋଳି ଗାନ
ମରମ ତଳେ ତାର ବାଜେ କି ସେଇ ତାନ
ଲୋତକ ଝରି ଝରି ପଡ଼େ ଗୋ ବନ୍ଧୁମୋର
ନିମିଷ ଲାଗି ହୁଏ ସଜଳ କି ତା' ଡୋଳ
ମନ-ପଥିକ ଶିରେ ଯା'କଥା ବରି—ଥୁଇ
ସେ କି ମୋ ତାଳ ତଳେ ଆସେ ନିଭୃତେ ଧାଇଁ
ଜୀବନେ ହେଲା ସେ ମୋ ବରଷା ମଞ୍ଜୁସୁମୀ
ସ୍ମୃତିର ସରି ସେ କି ହେବ ମୋ ଅନୁଗାମୀ—

ଭୁବନ ଆଜି ଲେଖି ପାରିଲା ନାହିଁ । ମନର ଅତି ଗୁପ୍ତ କୋଣରେ ଜନ୍ମ ଉଠିଲା ଉଷାର ଅପୂର୍ବ ପରିଚୟ । ଉଷା ତାର କ୍ଲାସମେଟ ନୁହେଁ—ଉପର କ୍ଲାସରେ ପଢ଼େ । ବାଟରେ ଘାଟରେ କେବେ କାହିଁକି ସେ ତ ତାକୁ ଆଗରୁ କିଛି ପଚାରୁ ନ ଥିଲା । ଏବେ କାହିଁକି ଏତେ ଅଯାଚିତ ସ୍ନେହ···

ତେବେ ସେ କ'ଣ ତାକୁ ପ୍ରେମ କରିବା ପାଇଁ ଚେଷ୍ଟା କରୁଛି । ତା' ହୋଇଥିଲେ ସେ ତ ସୁଜାତାର ଛବି ଅବା ନିଜେ ଆଣନ୍ତା କାହିଁକି ?

ଏଇ କଲେଜରେ କେତେ ଅବା ଗାର୍ଲସ ନ ପଢ଼ୁଛନ୍ତି । କାହାର୍ନାରେ ନିତ ବ୍ଲାକବୋର୍ଡ଼ରେ ଲେଖା ହେଉଛି । କିଏ କେତେ ବେନାମୀ ଚିଠି ପାଉଛି, କା'ର ଅବା ପ୍ରେମ ପାର୍ଶଲ କେତେ ଆସୁଛି । କିନ୍ତୁ ଉଷା ? ଯାହାର ବଳିଷ୍ଠ ସ୍ୱାସ୍ଥ୍ୟ ବ୍ୟଞ୍ଜିତ ସୌନ୍ଦର୍ଯ୍ୟର ଗନ୍ଧ ସୁଧା ଦେହସାଗ୍ର ନାହିଁ, ତା' ପାଇଁ ତ କେହି ହେଲେ ଥରେ ବଦ୍‌ନାମି ଦେଇନି···କି ତାର ଦୋଷତ୍ରୁଟିର ସମାଲୋଚନା କରିନି । ଶତଶତ ତରୁଣର ଲୋଲୁପ ଦୃଷ୍ଟି ଏବଂ ସୁବିସୁଲଭ ଚପଳ ଦୁଷ୍ଟାମି ସତେ କ'ଣ ଉଷା ପାଇଁ ଏତେ ତୁଚ୍ଛ ?

ଆଜି ଏଇ କଲେଜ ଜଙ୍ଗଲର ତୁଚ୍ଛତର ଅବହେଳିତ ଫୁଲଟିଏ ତାର ହୋଇଛି ଦୁଖ— ? ? ?

ଭୁବନର ଭାବନା ଥମି ଆସେ । ମନେ ପଡ଼େ କେତେ କେତେ ଗାର୍ଲ୍, କଲେଜ ଷ୍ଟୁଡେଣ୍ଟଙ୍କ ସହିତ ଘଡ଼ି ଘଡ଼ି କି କଥାବାର୍ତ୍ତା କରନ୍ତି । ଭୁବନ କେବଳ ଦୁଇଚାରିପଦ ଶୁଣି ଚାଲି ଆସେ ।

ଉଷା କହେ, ମୋତେ ବିଶ୍ୱାସ କରିବାକୁ ଆପଣ ସଙ୍କୁଚିତ ହେଉଛନ୍ତି ?

ସେ ମନା କରେ ।

ତାର ଏଇ ଗତିବିଧି ଲକ୍ଷ୍ୟକରେ ବାସୁ । ବହୁ ଚେଷ୍ଟା କରେ ଭୁବନକୁ ପୂର୍ବବାଟକୁ ଫେରାଇ ଆଣିବାକୁ । ବାସୁର ମତ, ଭୁବନ ପଢ଼ୁ । ଦେଶର ଜଣେ କୃତବିଦ୍ୟ ଯୁବକ ହୋଇ ବାହାରୁ ପ୍ରେମ ନିଶାରେ ଉନ୍ମତ୍ତ ନ ହୋଇ ସେ ହେଉ ଜଣେ ନେତା ।

ଭୁବନ ବାସୁର ଅମୂଲ୍ୟ ଉପଦେଶ ଶୁଣେ, ମାତ୍ର ପାଳନ କରେ ନାହିଁ । ସେଥିପାଇଁ ବାସୁ ସହିତ ତାର ବେଳେବେଳେ ଲମାଚୋଡ଼ା ଆଲୋଚନା ଚାଲେ ପ୍ରେମର ମୂଳତତ୍ତ୍ୱ ନେଇ । ବାସୁ କହେ, ପ୍ରେମ, କି ନାରୀ ଆମର ଗୋଟାଏ ନିହାତି ଆବଶ୍ୟକୀୟ

ଦ୍ରବ୍ୟ । ଗୋଟାଏ ନେସେସିଟି—ନେସେସିଟି ଉପରେ ଏତେ ରୋମାଣ୍ଟିକ କଲର ଦେଇ ତାକୁ ଅତି ଆଦର୍ଶବତ୍ ମନେ କରି ଜୀବନକୁ ଜାଳି ପୋଡ଼ି ମାରିବା ପାଷାଣ୍ଡର କାମ ।

ଭୁବନ ଥଟ୍ଟା କରେ । କହେ ବାସୁ, ତୁମେ ତ କେବେ ପ୍ରେମରେ ପଡ଼ିନାହିଁ । ଜଣଙ୍କ ପାଇଁ ଜଣେ କିମିତି ଝୁରେ, ତା ଜାଣିନାହିଁ, ବୁଝୁନାହିଁ, ସେ ତ୍ୟାଗର ମୂଲ୍ୟ କେତେ ମହତ୍ ଓ ଉଦାର । ମରସ ତୁମେ, ତୁମେ ଏ କଥାର ଅବତାରଣା କରନାହିଁ ।

ବାସୁ ବୁଝେନା—ବୁଝାଏ, ଶୁଣ ଭୁବନ, ଆମର ନେସେସିଟି ନେଇ ଏତେ କାହିଁକି ଆଦର୍ଶ ବଖାଣ କରିବା, ଯାହା ଆସିବ ଆସୁ ।

ବାସୁର କଥା ଭୁବନ ବୁଝେନା କିନ୍ତୁ ଭୁବନର ବ୍ୟଥା ବାସୁ ବୁଝେ ।

ଦୁଇ ବନ୍ଧୁଙ୍କର ଏପରି ଜଣା ଅଜଣା ବିନିମୟ ଗହଳରେ ଦିନଗୁଡ଼ି କଟିଯାଏ । ବାସୁ ବୁଝେନି, ଭୁବନର ଆଶୁ ପରିଣତି···ସେ ଉପାୟ ଚିନ୍ତା କରେ । ଉଷା ସହିତ ନିଜେ ଦି'ପଦ କଥାବାର୍ତ୍ତା କରି ବିଶେଷ ଯୋଜନା କରିବାକୁ ମନେ ମନେ ଅଗ୍ରସର ହୁଏ, କିନ୍ତୁ ଉଷା ସହିତ ବାସୁର ପରିଚୟ ମିଳେ ନା···ସେ ଉଷାର ମନ ଖୋଜେନାଁ ।

ଭୁବନ ଜାଣେନା ବାସୁ କାହିଁକି ଉଷାର କଥା ଏତେ ପଚାରେ । ସେ ବୁଝେ, ବାସୁ ବୋଧହୁଏ ତାରି ପରି ଅନ୍ଧ ପ୍ରଣୟର ଭିକାରୀ । ମନେ ମନେ ହସି ଉଠେ । କହେ, ବାସୁର ଆଦର୍ଶ ନାହିଁ, ସେ କେବଳ ଗୋଟିଏ ରାତିର ସାଥୀ···

ଇମିତ୍ତ କ'ଣ କେତେ ଭାବୁଚ, ବାସୁ ଆସି ପହଞ୍ଚିଲା । ଭୁବନର ସ୍ୱପ୍ନ ଭାଙ୍ଗିଗଲା । କହିଲା, ଭୁବନ···କ'ଣ ଗୁଡ଼ାଏ ଭାବି ଯାଉଚୁ ।

ନାହିଁ କିଛି ନାହିଁ ।

ବାସୁର ଦୃଷ୍ଟି ପଡ଼ିଲା ଖଣ୍ଡେ ନେଳିଆ କାଗଜ ଉପରେ । ସେ ଟାଣି ନେଲା । ଭୁବନ ତା'କୁ ବାଧା ଦେଲା । ତଥାପି ସେ ବାଧା ସାମାନ୍ୟ । ବାସୁ ପଢ଼ିଲା । କବିତା···କବିତା···ପ୍ରେମ କବିତା···ଗ୍ଲୁର ଆଖିର ନୀଳ ଝୁରିବାର କଥା···ତରୁଣ ହୃଦୟର ବ୍ୟଥା କବିତା—ସରସ ଯୌବନର ଗୀତା କବିତା··· କ···ବି···ତା ।

କହିଲା, ମୁଁ ବେଶ୍ ବୁଝିଲିଣି, ତୁ ଆଉ ଏ ଜଗତରେ ନାହୁଁ । କଳ୍ପନାର ବିରାଟ ଆନନ୍ଦରେ ପ୍ରଣୟ ବିଭୋର ହେଲୁଣି । ତେବେ କହ ବନ୍ଧୁ ତୁମେ ପ୍ରଣୟିନୀଠାରୁ ସେହିପରି ସମାନ ପ୍ରତିଧ୍ୱନି ପାଉଛ ତ ?

ତୋ ଆଗରେ ମୋର ଲୁଚାଇବାକୁ କିଛି ଅ:ଏନ ବାସୁ, ସୁଜାତା ମୋର ମୂଲ୍ୟ ବୁଝେ—

ହଁ ବିଶେଷ ଖୋଲାଖୋଲି ଭାବରେ ମଧ୍ୟ ମୁଁ ବୁଝେ ତୋର ମୂଲ୍ୟ, ଆଉ ସେ ଯେଉଁ ଉଷା, ସେ ତୋର ମୂଲ୍ୟ ବୁଝେ ତୋର ଚେହେରା ଦୃଷ୍ଟିରୁ—ତୋର ମୂଲ୍ୟ ଦିଏ ହେମନ୍ତ, ତୋ ବଡ଼ଲୋକୀ ପାଇଁ···

ବାସୁ, କିନ୍ତୁ ମୁଁ କହେ ବାସୁ ମୋର ମୂଲ୍ୟ ବୁଝେ ତାର ବନ୍ଧୁ ପରି ତୋ ଆଗରେ ମୋର ହୃଦୟ ପଡ଼ି ରହିଛି—ଖୋଜି ଦେଖ ।

'ମୁଁ ଦେଖୁଚି ତୁମେ ନିକଟରେ I. Sc. ପରୀକ୍ଷା ପାଇଁ ପାଠ୍‌ ପଢ଼ି କରୁନା କହିଁକି ?

'କେମିତି କରିବି···

'କରିବାର ବାଟ ମୁଁ ବତାଇ ଦେବି । ଆଗେ ଭୂଷା ସମ୍ବନ୍ଧ ମୋର ପରିଚେଷ୍ଟ କରିଲ ଦିଅ । ତା ପରେ···

'ଭୁଲ ବୁଝିଲୁ ବାସୁ, ମୁଁ ଭୁଲେଁ ପ୍ରେମ···ମୁଁ କାମୁକ ନୁହେଁ ଯେ······

'କିନ୍ତୁ ଭୁବନ ଏତେ ବଡ଼ ଆଦର୍ଶ କଥା ମୋ ଆଗରେ କହନା । ଏ ବୟସର ଖାଦ୍ୟ ବା ନେସେସିଟିକୁ ତୁ ଖାଲି ରୋମାଣ୍ଟିକ ରଙ୍ଗ ଦେଇ ତାହାର ଦୁନିଆକୁ ଠକି ପାରିବୁ ନି । ଯଦେ ନା ଯଦେ ତମ ପ୍ରେମର ପରିଣତି ହେବ ଚୁମ୍ବନ···ତାର ପରିଣତି ଶିହରଣ···ତାର ପରିଣତି ପରିପୂରକ ଅବସ୍ଥା, ତାର ପରିଣତି ସୃଷ୍ଟି ଗୋଟାଏ ଜୀବନ··ସୁଜାତା, ସୁ··ଜାତା ।

ଭୁବନ ନୀରବ ।

ବାସୁ କହିଲା, 'ପ୍ରେମିକ ସାଜ କଞ୍ଚା ରକ୍ତ ମାଂସର ବୁଭୁକ୍ଷାକୁ ତୁ ଏଡ଼ି ଦେଇ Platovc Loine ଦେଖା ନାଁ । ତୁ ହୁଏତ ଘଣ୍ଟା ତଳେରେ ସୁଜାତାକୁ ନ ପାଇବାରୁ ସେ ଅନ୍ୟସ୍ଥ ବିବାହ କରିପାରେ ଓ ନିଜର ଅତୀତ ସ୍ମୃତିକୁ ଜାଳିପୋଡ଼ି ତା ଉପରେ ନୂଆ ସଂସାର କରିପାରେ—ଅଥଚ ମନ ଭିତରେ ସାଇତି ରଖିପାରେ ଜଳନ୍ତା ଅଙ୍ଗାର, ତୋର ସ୍ମୃତି ପାଇଁ । ଆଦର୍ଶ ନାଁରେ ତୁ ବି ଉଦ୍‌ଭ୍ରାନ୍ତ ସାଜି ଆଉ ବିବାହ ନ କରିପାରୁ ତୋର ଅତୀତର ସୁଜାତା ପାଇଁ—କିମ୍ବା ଜଳେ ସୁଦ୍ଧା ସୁଜାତାର ଅସମ୍ପୂର୍ଣ୍ଣ ସମାଧି ଉପରେ ନୂଆ ସଂସାରର ସୁଖଶାନ୍ତି ଆଣି ନ ପାରୁ···ଏମିତି ଭାବରେ ଜଳିପୋଡ଼ି ନିଜେ ମରିବା ପୂର୍ବରୁ ପ୍ରେମ ନ କରିବା ଭଲ । କାରଣ, ପ୍ରେମର

କୂଳ କନାର ନାହିଁ । ସେ ଗୋଟିଏ, ନଶା,ଆକାଶ କୁସୁମ ଗୋଟାଏ । Airy nothing ··

'ଡଥାପି ବାପୁ, ତାଙ୍କୁ ଟିକଏ ନ ଦେଖିଲେ ସେମିତି ମୁଁ ଅନ୍ଧ ହୋଇଯାଏ ।

ତାହାଙ୍କ ବ୍ୟାକୁଳତା—'ଶୃଙ୍ଗାର ଶତକ'ରେ ଅଛି—

'ଅଦର୍ଶନେ ଦର୍ଶନ ମାତ୍ରକାମା
ଦୃଷ୍ଟ୍ୱା ପରିଷ୍ୱଙ୍ଗର ସୈକଲ୍ଲୋକା
ଆଲିଙ୍ଗିତାୟାଂ ପୁନରାୟତାକ୍ଷା
ମାଶାସ୍ମହେ ବିଗ୍ରହୟୋ ରଭେଦମ୍ ।

ମାନେ ଦେଖି ନ ଥିଲେ ଦେଖିବାକୁ ଇଚ୍ଛା ହୁଏ । ଦେଖି ପାରିଲେ ଟିକଏ ଆଲିଙ୍ଗନ କରିବାକୁ ମନ ବଳେ—ଆଲିଙ୍ଗନ ପରେ ପ୍ରଣୟୀ ପ୍ରଣୟିନୀ ହୁଅନ୍ତି ଏକଆତ୍ମା, ଏକମନ, ଏକଦେହ, ଏକପ୍ରାଣ··· ବୁଝିଲୁ ।

'ବାପୁ, ତୁ ତ ଏକ ପକ୍କା ଓସ୍ତାଦ୍ ।

'ନ ହେଲେ କି ଭଞ୍ଜ-ଅଭିମନ୍ୟୁ ଦେଶରେ ମୋର ଜନ୍ମ ହୋଇ ଥାନ୍ତା ନା···

ହଠାତ୍ ହସି ଉଠିଲେ । ବାପୁ କାଗଜ ଖଣ୍ଡିଏ ଧରି କହିଲେ, 'ଭୁବନ, ଏ ତ ଅପୂର୍ଣ୍ଣ କବିତା···ଆଚ୍ଛା ଦେ—

ଲେଖିଲି—

'ହେଲେ ମୁଁ ଅନୁକୂଳ ଉଜାଣି ଉଠେ ଧାସ
ନାହିଁ ଗୋ ପଥ ଯେବେ, କାହିଁ ଗୋ ଆନ ଆସ

ଭୁବନ କହିଲା, ମୁଁ ଏଥରକ ଶଠରେ ଲେଖି ଦେଉଛି, ତଳ ଦୁଇଧାଡ଼ିଟି ବାପୁଙ୍କଙ୍କର ।

ବାପୁ ଚିତ୍କାର କରି କହିଲା—‘ନାଁ ନାଁ ଭୁବନ···ମୁଁ ଏତେ ଶୀଘ୍ର ସନ୍ଦାମିତ ହେବାକୁ ଚାହେଁ ନାଁ···ପ୍ରେମ ଏକ ସଂକ୍ରାମକ ଯୌନ ବ୍ୟାଧି ବିଶେଷତଃ ଏ ଯୁଗରେ, ଏ ବୟସରେ—

‘ବେରସିକ ବାପୁ—

‘ତାହା ପକ୍ଷେ ହେଇଛି ବଂଧୁ···ମୁଁ ଯାଉଛି ପ୍ରଫେସର ପାଢ଼ୀଙ୍କ ଘରକୁ । ଚାଲିଲି—

ବାପୁ ଚପଲ ଘୋଷାରି ଘୋଷାରି ଚାଲିଗଲା । ଭୁବନ ଲେଖିଲା ।

ମାନସି,

ଚୁମାଟିଏ ନେବ । ତୁମର ପ୍ରସ୍ତାବରେ ମୁଁ ଉଷା ଦେବୀଙ୍କ ସହିତ ରାଜି ହେଲି । ସମୟ, ସୁବିଧା ଓ ସ୍ଥାନ ବିଷୟ ତାଙ୍କୁ କହିଲେ ସେ ତମାଚେ କହିବେ ।

କଣ ଆଉ ଲେଖିବି । ମୋର ହୃଦୟର ଚନ୍ଦ୍ର ଏଇ ଦୁଇଧାଡ଼ି ଲେଖା······

\+ \+ \+ \+

ଭଲ ଲାଗୁନ । ମନ ହଉଛି, ତମକୁ ଧରି ଦିନ ରାତି ବସି ମୁଁ ଗୀତ ଗାଉଥାନ୍ତି—ଚୁମା ଦେଉଥାନ୍ତି·· ଦୁଇଟି ଶରୀରରେ ଥାନ୍ତା ଗୋଟିଏ ମନ, ଗୋଟିଏ ହୃଦୟ, ଆଉ ଗୋଟିଏ ପ୍ରାଣ···ନିଜକୁ କେତେ ଭାଗ୍ୟବାନ ନ ମଣନ୍ତି ମୁଁ ?

ସୁଜାତା—ନିଶ୍ଚୟ, ସବୁ ବ୍ୟବସ୍ଥା କର । ଅଧର ପ୍ରାନ୍ତ-ଦେଶରେ ରହିଲା ମୋର ବେଦନାଙ୍କ ଡ଼ ବଅଣ୍ଟି ଧରି । ତା’ ପରେ···                     ଭୁବନ

ବାହାରେ କାହାର ଜୋତା ଶବ୍ଦ ଶୁଣାଗଲା । ଭୁବନ ଚିଠି ମୁଡ଼ି ଦେଲା ଅତି ତରତରରେ ।

* ପାଞ୍ଚ *

‘ତୁ ନିତି କହିବୁ କହିବୁ କହି ଠକୁଚୁ—ଆଜି କିନ୍ତୁ ନ କହିଲେ ଚଳିବ ନି ।

ଅଞ୍ଜଳିର କଣ୍ଠରେ କୌତୂହଳପ୍ଲୁତ ଅଭିମାନ ।

ସୁଜାତା କହିଲା—କଣ ବା ନ କହିଛି ତମକୁ ପୁଣି କହିବ । ‘ମୁଁ କହୁଚି କି ତମର ଲଭ୍ କେମିତି କୋଉ ଘଟଣାରୁ ହେଲା, ସେଇ କଥାଟା କହିବୁ । ତା ହେଲେ ଆମେ ବେଶି ଚେଷ୍ଟା କରିବା, କାଳେ ଆମ ଭାଗ୍ୟରେ ଗୋଟା ଅଧେ ସେହିପରି ଘଟଣା ଜୁଟି ଯାଏ…’ ତାର ଭାଷାରେ ଆଗ୍ରହଭରା ଚାଞ୍ଚଲ୍ୟ । ନଚେତ୍ ପୁଣି କାହିଁକି ଗୋଟାଏ ଅବଶୋଷ ରହିଯିବ ।

ସୁଜାତା ଉତ୍ତର ଦେଲା—ମୁଁ ତ ପ୍ରେମ କରି ଜଳିପୋଡ଼ି ମରୁଚି ।

ଅଞ୍ଜଳି କହିଲା, ଆମେ ତ ତାର ଅଂଶ ମଧ୍ୟ ନେଇଛୁ; ଏ କ୍ଷେତ୍ରରେ ତୋର ଲଭ୍‌ର ଇତିହାସ ନ କହିବାଟା ଅଶିଷ୍ଟ ନୁହେଁ କି ?

ସୁଜାତା ନୀରବ ସମ୍ମତି ଜଣାଇଲା । କହିଲା, ଆଜି ଶନିବାର ତୁ ଚାଲ ଆମ ଘରକୁ, ସେଇଠି…

‘ତା ହେଲେ ମୁଁ ହଷ୍ଟେଲକୁ ଖବରଟା ଦେଇଯାଏ । ଏତିକି କହି ସେ ଚାଲିଗଲା ହଷ୍ଟେଲକୁ ।

କିଛି ସମୟ ପରେ ଫେରି ଆସିଲା । ଦୁହେଁ ବସ୍‌ରେ ଆସିଲେ । ସାଙ୍ଗସାଥୀ କେହି ପଚାରିଲା, ‘ଅଞ୍ଜଳି ପୁଣି ଏ ଉପନ୍ୟାସ ମଝିରେ …କଲେଜ ଗାର୍ଲ୍‌ସ ହଷ୍ଟେଲର ମେଘନାଦ ପ୍ରାଚୀର ।

ପଞ୍ଜୁରୀ ପକ୍ଷୀ ପୁଣି ଏ ମୁକ୍ତ ଆକାଶ ତଳେ ଆଜି କାହିଁକି ?

ସୁଜାତା କହିଲା, ଦେଖତ ଅଞ୍ଜଳି ଏ ମିସ୍ କମିତି ପାଗଳାମି କରି କଥା ଗୁଡ଼ାକ କହୁଛ ।

'ମୋ କଥା ଏଇଠୁ ରହୁ ।

'ମା ଅଞ୍ଜଳି ଆସିଚି ଆମ ଘରଆଡ଼େ ବୁଲି—

'ବେଶ୍—ଅଞ୍ଜଳି, ବୁଲବୁଲି ନାଁରେ କହୁ ସ୍କୁଲବାଳର ନାମ ନାହିଁର ?

ଅଞ୍ଜଳି ଉତ୍ତର ଦେଲା, ମୀରା—

ମୀରା ଚୁପ୍ ରହିଲା ।

ଗାଡ଼ି ଅଟକିଲା, ବଡ଼ ଝରକା ବୁଲବୁଲା ଗାର୍ଲସ୍କୁଲ ମଝିରୁ ପହଞ୍ଚିଲା ସୁଜାତା ଘର ଫାଟକରେ । କଣ୍ଡକ୍ଟର ଦୁଆର ଖୋଲିଦେଲା । ଦୁହେଁ ଓହ୍ଲାଇ ପଡ଼ିଲେ । ଅଞ୍ଜଳି ପଚାରିଲା—ସୁଜାତା ଆମକୁ ଏବେ ଲୋକ ଗହଳି ବଜାରରେ ବୁଲୁଛନ୍ତି ।

'ସେଠାର ଆମ ବନ୍ଧୁସ୍ତ୍ରୀ ହୋଇଗଲାଣି···ଆଗେ ଟିକେ ମୁଁ କମିତି କମିତି ଭାବୁଥିଲି । ଏବେ ଭାବୁଛି, ସୁନ୍ଦିଆ ଲୋକ ଗୁଡ଼ାକ କେତେ ଓଲୁ ମ···

'ନାଁ, ସେମାନେ ଓଲୁ ନୁହନ୍ତି, ସୃଷ୍ଟିବାଣି ସେମାନଙ୍କ ଜୀବନ—ଅଞ୍ଜଳିର କଥାପଦକର ମର୍ମ ସୁଜାତା ବୁଝି ପାରିଲା ନାହିଁ । ଅଞ୍ଜଳିକୁ ନେଇ ସେ ଭିତରକୁ ଚାଲିଗଲା—ମା' ଦେଖି ଟିକେ ପଚାରିଲେ, 'ଏ କିଏ' ?

ଅଞ୍ଜଳି ନମସ୍କାର କଲା ।

ସୁଜାତା କହିଲା—'ଏଇ ମୋର ସାଙ୍ଗ ଅଞ୍ଜଳି—

'ଓଃ—ଡପଟି ବାବୁଙ୍କ ଝିଅ ନାଁ···

'ହଁ···

'ତମର ପାଦ କେମିତି ଏ ଗରିବ ଘରେ ପଡ଼ିଲା—

ସୁଜାତା କହିଲା, ମୁଁ ତାଙ୍କୁ ଆଜ ନେଇ ଆସିଲି ତୋର ଜବରଦସ୍ତ—ନିତ ଡାକେ, ସେ ନିତ ମନା କରେ । ଭାରି ଲାଜୁଆ ପିଲାଟା ସେ—

ଅଞ୍ଜଳି ମୁଁହ ପୋଡି ଦେଲା । ସୁଜାତାର ମାଁ କହିଲେ—‘ତୁ ଯୋଉ ଶାନ୍ତ ଶିଷ୍ଟ ଦେଖୁନୁ ଝିଅ କିମିତି [redacted] ତୋ ଉପରେ ଝରକା ହୁଅନ୍ତି—

ଦୁଇ ସାଙ୍ଗ ହସାହସି ହେଲେ । ସୁଜାତାର ମା’ କହିଲେ, ‘ଯା, ଶୀଘ୍ର ଖାଇଆ ସାରିଦିଅ ।

× × ×

ଅଞ୍ଜଳି ଓ ସୁଜାତା ଖଟ ଉପରେ ଶୋଇଛନ୍ତି । ଅଞ୍ଜଳି ଦେଖୁଛି ବୋଡାଲି କୋଠାଟା ନିକଟରେ···ମଟର ଟ୍ରକ ଲୋକବାକ ବେଶ୍ ଭିଡ଼ । ଟଙ୍କା ପଇସାର ଅଜସ୍ର କାରବାର । କଣ୍ଟ୍ରାକ୍ଟର ଘର । କଟକ ସହର । ନିଜର ଘରର ଅବସ୍ଥା କଥା ସେ ଭାବି ବସିଲା । ବାବା ତାର ଜଣେ ଡେପୁଟୀ ; ଏବେ ରହନ୍ତି ସୁଦୂର ସମ୍ବଲପୁରେ ଭଡ଼ା ଘରେ—କଟକରେ ଥିଲେ-ଭୁଷଣବଖସ ଘର—ଏତେବଡ଼ (Establishment) ଆଉ ନାହିଁ-ସ୍ଥୁଳସ୍ଥ ଜୀବନ, ଅଛିଲେ ଟଙ୍କା ଥିଲେ ପନ୍ଦର ତାରିଖକୁ ଧାର···ସେ ନିଜେ ଘରର ହିସାବପତ୍ର ଦେଖିଛି ।

ଭାବିଲା ବାବା ତାର ଜଣେ ନାମାଜାଦା କଣ୍ଟ୍ରାକ୍ଟର ନ ହୋଇ କାହିଁକି ଏ ସ୍ଥୁଳସ୍ଥ ହେଲେ ?

ମନର ଅଙ୍କଶୋଷ ମନ ଭିତରେ ଲମିଯିବ ମରିଗଲା—

ସୁଜାତାକୁ ଅଞ୍ଜଳି ଖୁଣ୍ଟିଲା । ଦେଖିଲା ତାର ହୃଦୟ ଖାଲି ଛଳ ଛଳ । ପଚାରିଲା, ‘କଣ ଭାବୁଛୁ—

ନାଁ ଶୁଣିବି କଣ ? ଶୁଣ୍ଣିବାନ୍ତ ହୃଦୟକୁ ତ ତୋ ପାଖରେ ଡାଳି ଦେଇଛୁ ।

କିନ୍ତୁ—

କିନ୍ତୁ କଣ ?

କିନ୍ତୁ ତୋର ହୃଦୟର ଦେବତା ତୋ ହୃଦୟରେ ଅଧିଷ୍ଠିତ ରହିଛନ୍ତି ।

ସୁଜାତା କହିଲା, ତୋତେ ଆଜି ପାରି ହେବ ନାହିଁ କଥାରେ କିନ୍ତୁ ତୁ ତ କାମରେ ମୋ ଅପେକ୍ଷା ବେଶ୍ ଆଗେଇଲୁଣି, ଚୁପ୍ କର ମୁଁ କବାଟଟାର ହୁକ୍ ଦେଇ ଆସେ ।

ସୁଜାତାର ପ୍ରସ୍ତାବ ଥଇଲା । ହୁକ୍ ଦେଇ ସେ ତାର ସୁଟ୍‌କେଶ ଖୋଲିଲା-ଆଗ୍ରହରେ ଅଞ୍ଜଳି ଅନାଇଁଥାଏ । ଦେଖିଲା ଅଶୋକ କଡ଼ଗୁଡ଼ିଏ ଥିଆ ହୋଇଛି, ଏ କଣ ?

ଏଇତ ମୋର ଦୁନିଆଁର ଆଦର୍ଶ ।

ମାନେ ?

ହେଇ ଦେଖ, ମୋର କାହାଣୀ ।

ସୁଜାତା ତା' ହାତକୁ ପ୍ଲେନ୍ଟ ନୋଟ୍ ବୁକଟିଏ ବଢ଼ାଇ ଦେଲା । ଅଞ୍ଜଳି ପଚାରିଲା, ମୋର କଏ ପିଛି ଏ ଖାତାଟା ପଢ଼ିବାକୁ ।

ତୁ କହମ୍ ?

କଣ କହିବି ?

ପ୍ରଥମ ପ୍ରେମର ଇତିହାସ···

ଆଗୁ ଶୁଣ···

ସେ ଦିନ ଦୁଇବର୍ଷ ଆଗର କଥା···ଆମେ ସମସ୍ତେ ଭୁବନେଶ୍ୱର ଯାଇଥିଲୁ ଅଶୋକାଷ୍ଟମୀ ଯାତ୍ରା ଦେଖିବା ପାଇଁ ତ ମୁ ଓ ବୋଉ ଅଶୋକ କଢ଼ି କିଣି ପାଇଲୁ ।

ମାଇଟି ଯାତ୍ରା କରୁଥିଲେ ବେଶି ଅନ୍ତର୍ମୁକ୍ତ ହେବନ୍ତ । ସେଇ ଯାତ୍ରୀ ଗହଳରେ ଭୁବନ ବାବୁ ଗୋଟିଏ ଭଲ ଅଶୋକ କଢ଼ ଧରି ଟିକେ ଟିକେ ଜିଭ ଅଗରେ ରଖି ଚୁଷୁଥିଲେ । ମୁଁ ତ ସେତେବେଳେ ତାଙ୍କୁ ଚିହ୍ନି ନ ଥିଲି । କହି ପକାଇଲି ଏକ ଅପ୍ରାସଙ୍ଗିକ କଥା—

ବୋଉ ଶୁଣି କହିଲା କଣ ?

ହାତ ବଢ଼ାଇ ମୁଁ ତାଙ୍କୁ ଦେଖାଇ ଦେଇ କହିଲି, ଦେଖ୍ନ ବୋଉ ଏ ଟୋକାଟି କାହିଁକି ଅଶୋକ କଢ଼ ଗୁଡ଼ାଏ ଖାଇଯାଉଛି— ବୋଉର ସହଜ ବୁଦ୍ଧିରେ ସେ ସ୍ଥିର କଲା, ତାକୁ ପଚାରିବ । ମୁଁ ମନା କଲି, କହିଲି, ସିଏ କଏ ନାହିଁ କଏ ହୋଇଥିବେ, ଆମେ କେମିତି ତାଙ୍କୁ ଏ କଥା ପଚାରିବା । ହିଏ କଣ ଭାବିଲେ ଭାବିବେ ।

ବୋଉ କହିଲା ପୁଅଟା ଆସ ଏତେ ବଡ଼ ହେଲାଣି । ଟିକେ ବୁଦ୍ଧି ଶୁଦ୍ଧି ନାହିଁ-ଏ ତୀର୍ଥରେ ଆସି ଏ ଅବଧି କାମ କରୁଛି ?

ତା'ର ହିଏ କରୁ ଆମର ବା ସେଥିରେ କଣ ଅଛି ।

ବୋଉ ଆହା ଆହା କହିଲା । ତା' ବାପ ମା'ର ହୁଏତ ସେ ଗୋଟିଏ ବୋଲି ପୁଅ ହୋଇଥିବ ··

ମୁଁ ପ୍ରତିବାଦ କରି କହିଲି, ସିଏ ଯାହା କରିବ, ସେ ତା' ପାଇବ···ଆମର ସେଥିରେ ଯାଏ ଆସେ କଣ ?

ମୋର ପ୍ରତିବାଦ ମଝିରେ ଉଠେ ଗୋଟା କୌତୂହଳ । ତାଙ୍କର ସେ ଅଶୋକ କଢ଼ି ଚୁଷିବା ଭଙ୍ଗିଟା ଏବେ ସୁଦ୍ଧା ଆଖିରେ ନାଚୁଛି, ବୋଧହୁଏ ଏ ଜୀବନରେ ଭୁଲିବାର ନୁହେଁ···

'ହଁ—ତା' ପରେ କଣ ହେଲା ?

ତା' ପରେ ବୋଉ ଆମ ଝିଅଟା ହାତରେ ତାଙ୍କୁ ଡକାଇ ପଠାଇଲା । ପ୍ରଥମେ ପ୍ରଥମେ ସେ ମନା କରୁଥିଲେ । ଝିଅଟା ଟିକଏ

ଛୁଟିରେ କଲେଜରୁ ଲୁଚି ଲୁଚି ହୋଇ ଆସି ଆମ ଆଗରେ ଠିଆ ହେଲେଣି । [illegible] ସାଙ୍ଗରେ ଯାଇଥିଲେ । ସେତେବେଳେ ସେ ନ ଥାନ୍ତି; ବୁନିକୁ ସାଙ୍ଗରେ ଧରି ମନ୍ଦିର ବୁଲିବାକୁ ଯାଇଥାନ୍ତି ।

ବୋଉର ମୁହଁକୁ ସେ ଚାହିଁ ଦେଲେ ଓ ମୋତେ ଟିକିଏ ଅନେଇ ଦେଇ ଆଖି ତଳକୁ କଲେ ।

ବୋଉ ପଚାରିଲା, ପୁଅ ତମ ଘର,

'ସାଲେପୁର

'କାହିଁକି ଆସିଛ ?

'ଯାତ୍ରାକୁ ।

'ଘରୁ କଣ ଆଉ କେହି ଆସିଛନ୍ତି ?

'ନାଁ...

'ତେବେ ଏକା...

'ହଁ...

'ଆଚ୍ଛା, ଅଶୋକ କଉଠି ଯାଉଥିଲ କାହିଁକି ?

'ମୁଁ ଦେଖିଲି ସମସ୍ତେ କ'ଣ ଟିକେ ଟିକେ ପାଉଛନ୍ତି !

ବୋଉ ପଚାରିଲା, ସମସ୍ତେ ମାନେ ମାଇପେ...ସେମାନଙ୍କର ବାଧି—ତୁମେ ଏଡ଼େ ବଡ଼ ପୁଅ ହେଲଣି ଆସି, ତମର ଏତିକି ଜ୍ଞାନ ହୋଇନି ।

ବୋଉର ପ୍ରଶ୍ନ ଶୁଣି ଆଉ ତଳେ ଯାନ୍ତୀ ତାଙ୍କୁ ଦେଖି ଗଲେଣି । ନୀରବ, କରୁଣ ଓ ଆହତ ଦୃଷ୍ଟିରେ ସେ ବୋଉର ମୁହଁକୁ ଚାହିଁଥିଲେ । ମୁଁ ତାଙ୍କୁ ଚାହିଁଲି । ସତେ ଅଞ୍ଜଳି, ସେ ଚାହାଣିରେ ମୁଁ ମୋର ଅଭିମାନ ଓ ବ୍ୟକ୍ତିତ୍ୱ ଭୁଲିଗଲି । ସେ ନିଜର ଦୁର୍ବଳତାକୁ ଲୁଚି ରଖି କହିଲେ, କ'ଣ ଖାଇଲେ କ୍ଷତି ?

ବୋଉ କହିଲା, ଅବାଧ୍ୟ...

ତଧି ଅବଧି ଆମର କ'ଣ ? ଟିକେ ଦୃଷ୍ଟି ନେଇଲ, କଷ୍ଟ ଲାଗିଲା ।

ମୁଁ ଆଗନ୍ତୁକ ପକ୍ଷ କହିଲି, ବୋଉ ଥାଉ, ଭଦ୍ରଲୋକ ହେଣ୍ଡ; ଅପମାନ ପାଇଲେଣି—

ମୋର ଉଦ୍ଧତ ଅନୁରାଗ ଦେଖି ସେ କହିଲେ, 'ମାଉସି' ଏ କିଏ ?

ମୋ ଝିଅ ··

ବୋଧହୁଏ କଲେଜରେ ପଢ଼େ, ନ ହେଲେ କି···

ମୁଁ କହିଲି, ନା···ଗାର୍ଲସ୍ ସ୍କୁଲରେ ପଢ଼େ । କାହିଁକି, ଆପଣ କ'ଣ କରନ୍ତି ?

ମୁ ପଢ଼େ, କଟକରେ···

କ'ଣ ପଢ଼ନ୍ତି ?

I. Sc,

ଆଚ୍ଛା ମାଉସୀ···

ଏତିକି କହି ସେ ଅଟକି ଗଲେ । ବୋଉ ପଚାରିଲା କ'ଣ ? ସେ କହିଲେ, ତମ ଝିଅକୁ ମୁଁ ସେଇ ଅଶୋକ କଢ଼ି କଥା ପଚାରୁଛି । ସେ କହନ୍ତୁ ତ କାହିଁକି ଏ ଦିନ ଅଶୋକ କଢ଼ି ଖିଆଯାଏ···

ମୋର ହୃଦୟ ସୁଖିଲା । କାହିଁକି ଅଶୋକକଢ଼ି ଖାଆନ୍ତି ? ଭାବିଲି, ଏହାର ନିଶ୍ଚୟ ଗୋଟାଏ ନାଁ ଗୋଟାଏ କିଛି କାରଣ ଥିବ ? ବୋଉ ଖାଲି କହୁଥାଏ ବିଧି···ବିଧି···

ସେ ମୁଣ୍ଡ ହଲାଇ ମନା କଲେ । କହିଲେ, ଏଇ କଥା ତ ଜାଣି ନାଁ, ଆଉ ଖାଲି ଭଦ୍ରଲୋକଙ୍କୁ ଅପଦସ୍ଥ କର ଜାଣ ?

କି ଗମ୍ଭୀର ତାଙ୍କର ମୁହଁ—ମୁଁ ଆଉ ଚାହିଁ ପାରିଲିନି । ବୋଉ ମଧ କିଛି କହିପାରିଲାନି । ସେ ଟୁନାକୁ ପାଖକୁ ନେଲେ; ପଚାରିଲେ ତମ ବାପା ନାଁ କ'ଣ ?

ଝିଅଟା ସବୁ କହି ଦେଲା । ମୋ ନାଁଟା କହି ଦେଲାବେଳେ ମତେ ଭାରି ଲାଜ ମାଡ଼ିଲା । ଶୁଣି ସାରି ସେ ତାଙ୍କର ଅଶୋକସ୍ତବକ-ଟିକୁ ତା' ହାତରେ ଦେଇ କହିଲେ, 'ନିଅ,

ତୋଉ କହିଲା ଆମର କ'ଣ ହେବ ?

ସେ କହିଲେ, ଆପଣଙ୍କ ବଧୂ···ଆମର ଅବଧୂ···

ଝିଅଟା ଅଶୋକସ୍ତବକ ପାଇ ମୋ ହାତକୁ ଦେବାକୁ ବସିଲା । ବୋଧହୁଏ, ତାଙ୍କର ତାହାହିଁ ଲକ୍ଷ୍ୟ ଥିଲା । ପ୍ରଥମେ ମୁଁ ନେଲି ନାହିଁ ।

'ଆଚ୍ଛା, ଯାଉଛି' ମୁଁ ଯାଏ—ବୋଲି କହି ସେ ଅଗଣିତ ଯାତ୍ରୀ ଗହଳରେ ମିଶି ଯିବାକୁ ବସିଲେ ।

[redacted] ଆସି ପହଞ୍ଚିଗଲେ । ତୋଉ ପଚାରିଲା, ତମେ ତ ସବୁ ଭୋଗରାଗ କଲ—ବୁଲି ଯିବା ।

ମୁଁ ଏତିକିବେଳେ ଅଶୋକସ୍ତବକଟିକୁ ହାତରେ ଧରି ମନୋଯୋଗ ସହକାରେ ତା'ର କେଶରର ସୌନ୍ଦର୍ଯ୍ୟକୁ ନିରୀକ୍ଷଣ କରିବାକୁ ଲାଗିଲି । କେଡ଼େ ସୁନ୍ଦର ଗୁଚ୍ଛଟିଏ···

ମୁହଁ ଉଠାଇ ଦେଖେ, ଅଳ୍ପ ଦୂରରେ ଛିଡ଼ା ହୋଇ ସେ ମୋତେ ଲକ୍ଷ୍ୟ କରି ମୃଦୁ ମୃଦୁ ହସୁଛନ୍ତି । ମୋତେ ଦେଖି କାମେରା ଉଠାଇଲେ—ଚମକି ପଡ଼ିଲି ଓ ଅଶୋକସ୍ତବକ ହାତରେ ଥିଲା-ବେଳେ ଭଦ୍ରଲୋକ ସେ ମୋର ଫଟୋ ନେଇଗଲେ—ଭାରି ଲାଜ ଲାଗିଲା—ତୋଉ କି [redacted] କେହି ଜାଣି ପାରିଲେ ନାହିଁ ।

ମନ ଭିତରେ ଗୋଟାଏ କୌତୂହଳର ଲୁହେଇ ଦାଗ ପଡ଼ିଗଲା । ସେ କିଏ ? ମୁଁ କିଏ ? ସେ କାହିଁକି ମୋର ଫଟୋ ନେଲେ ?

ଯାତ୍ରୀ ଗହଳରେ ଯେତିକି ଦୂର ହଜିଗଲେ ମନର କୌତୂହଳ ସେତିକି ବଢ଼ିବାକୁ ଲାଗିଲା । ସେତେବେଳେ ମୋର

ମନ ହେଉଥାଏ, [redacted]କୁ ପଠାଇ ତାଙ୍କୁ ଡାକି ଆଣି ତାଙ୍କର ପୂରା ପରିଚୟ ନିଅନ୍ତି···ତା' ହେଲା ନାହିଁ ।

କେଦାରଗୌରୀ ନିକଟରେ ନିଜର କୌତୂହଳକୁ ପ୍ରଶମିତ କରିବା ପାଇଁ ପୂର୍ବର ସ୍ମୃତି ମନେ ପକାଇ ନେଲି । ମନେ ମନେ ସେଇଦିନୁ ଭାବିବାକୁ ଲାଗିଲି, ସେ କିଏ ମ ଆଜି ପରା ଦିନରେ ଏ ତୀର୍ଥରେ ଦେଖା ଦେଲେ ?

ରହସ୍ୟର ଅନ୍ତରାଳରେ ଆଶା ଓ ଅନୁରାଗ ନିତି ନିତି ରଞ୍ଜିତ ହୋଇ ଉଠୁଥିଲେ । ମୁଁ ସ୍ମୃତି ଚିହ୍ନରୂପେ ଅଶୋକସ୍ତବକକୁ ସାଇତି ରଖିଲି ।

ତା'ର କିଛି ଦିନ ପରେ —

ହଠାତ୍ ଘର ଠିକଣାରେ ଚିଠିଟିଏ ପାଇଲି — ଚିଠିରେ ଲେଖାଥିଲା —

ସୁଜାତା ଦେବୀ,

ଆପଣଙ୍କର ଫଟୋଟି ଆସନ୍ତା ଶନିବାର ୧୦ଟା ବେଳେ ଫଟୋ ଏମ୍ପୋରିୟମରୁ ନେଇ ଯାଇପାରନ୍ତି । ଫଟୋ ଫ୍ରେମ୍ ଓ ବନ୍ଧାଇ ସହ ମୂଲ୍ୟ ଟ୫୮ ।

ଆପଣଙ୍କର —

ଫଟୋ ଏମ୍ପୋରିୟମ

ଦସ୍ତଖତ୍‌ଟା ପଢ଼ିହେଲା ନାହିଁ । ମୋର ଜୀବନର ଏ ନିଗୂଢ଼ ରହସ୍ୟ ଭାବି ଭାବି କିଛି ଠିକ୍ କରି ପାରିଲି ନାହିଁ । ଟଙ୍କାଟା ସଜିଲ୍ କରି ନେଲି । ସାହାସ ହୁଏ ନାଁ, ଫଟୋ ଏମ୍ପୋରିୟମକୁ ଯିବାକୁ । ମନରେ ସନ୍ଦେହ ଆସେ । ଭଦ୍ରଲୋକ ଯେବେ ପ୍ରକୃତରେ ଫଟୋଗ୍ରାଫର ହୋଇଥାନ୍ତି, ତା' ହେଲେ କେତେ ବଡ଼ ଅଭଦ୍ର କଥା ଏ. ଲାଜ ଲାଜକ ଦେମ ନ ଦେତା ।

କିଛି ଠିକ୍ କରି ପାରିଲି ନାହିଁ । ରାତି ବସିଲି ବହୁତ, କୌଣସି କିଛି ଦିଶିଲା ନାହିଁ । ସ୍ଥିର କଲି, ଭଲ ହେଉ ମନ୍ଦ ହେଉ, ଫଟୋ ଏମ୍ପୋରିୟମକୁ ଯିବାକୁ ପଡ଼ିବ ସେଇ ନିର୍ଦ୍ଦିଷ୍ଟ ଦିନ । ଫଟୋଗ୍ରାଫର ଥିଲେ ତ ଚିହ୍ନିବେ । ନ ହେଲେ···

ରହସ୍ୟର ପ୍ରଦେଶ ଆବିଷ୍କାର କରିବା ପାଇଁ ମୁଁ ବଦ୍ଧ ପରି-କର ହୋଇ ଶନିବାର ଦିନ ସ୍କୁଲରୁ ଫେରି ଫଟୋ ଏମ୍ପୋରିୟମକୁ ଗଲି । ଦୁଆର ମୁହଁରେ ସେ ବସିଥିଲେ । ମୋତେ ଦେଖିଲା ମାତ୍ରେ ମୋର ଫଟୋଟି ଗୋଟିଏ ଖୋଲ ସହ ମୋ ହାତକୁ ବଢ଼ାଇ ଦେଲେ । ମୋ ଛାତି ଖାଲି ସେତେବେଳେ ପଡ଼ୁଥାଏ ଉଠୁଥାଏ । କେମିତି ତାଙ୍କୁ ଟଙ୍କା ଦେଇ ଚାଲି ଆସିବି ବୋଲି ବାଟ ଦେଖାଯାଉ ନ ଥାଏ । ଆଶଙ୍କା, କିଏ ଜାଣିଲେ କଣ ଭାବିବ ?

ଟଙ୍କା ବଢ଼ାଇଦେଲି, ସେ ମନା କଲେ । କହିଲେ, 'ଆପଣଙ୍କ ବାପା ଦେଇ ଯାଇଛନ୍ତି···ଆପଣ ଯାନ୍ତୁ ।'

ଫଟୋକୁ ଧରି ମୁଁ ତରତରରେ ଚାଲି ଆସିଲି । ମୁହଁ ଲାଲ ପଡ଼ିଗଲା । ଦିହଟା ଥରି ଉଠିଲା । ମନେ ହେଲା, ମୁଁ ଯେମିତି ଏକ ଆସନ୍ନ ବିପଦରୁ ରକ୍ଷା ପାଇଲି । ବହି ଭିତରେ ଫଟୋଟି ରଖି ଦେଇ ମୁଁ ମଟରରେ ବସିଲି । ଘରେ ଆସି ଦେଖେ ତ, ମୋର ସେଇ ଭୁବନେଶ୍ୱରର ଫଟୋ—ଫଟୋ ପଛପଟେ ଲେଖାଥିଲା ଭୁବନବାବୁଙ୍କ ପୁରା ଠିକଣା ।

ସେଇ ଦିନଠାରୁ ମୋର ଆଶଙ୍କା କ୍ରମେ ବଢ଼ିଲା । ଦିନସାରା ତାଙ୍କର ଗୋରାତକତକ ଚେହେରାଟି ଆଖି ଆଗରେ ନାଚିଲା— ମୁଁ ଯେଉଁଆଡ଼େ ଚାହେଁ, ସେଆଡ଼େ ତାଙ୍କୁ ଦେଖିବାକୁ ପାଏ ।

ଜୀବନରେ ବସନ୍ତର ଜ୍ୱାଳା ସହି ନ ପାରି ମୁଁ ତାଙ୍କୁ ଆଗ ଚିଠି ଦେଲି । କିଛି ଦିନ ପରେ ଖଣ୍ଡେ ଓଡ଼ିଆ ବ୍ୟାକରଣ ବହି

ରେଜିଷ୍ଟାର୍ଡ଼ ବୁକ୍ ପୋଷ୍ଟରେ ପାଇଲି । ତା' ଭିତରେ ଚିଠି ଥିଲା ଏବଂ ସେ ମୋତେ ନିର୍ଦ୍ଦେଶ ଦେଇଥିଲେ, ଯେ ତାଙ୍କର ଚିଠିଗୁଡ଼ିକ ସେ ନିଜେ ଆସି ଗାର୍ଲସ୍‌ସ୍କୁଲ ଦରଓ୍ୱାନକୁ ଦେଇଯିବେ ଓ ସେଇ ଦରଓ୍ୱାନଠାରୁ ମୁଁ ପାଇବି ।

ଏଇ ହେଲା ଅଞ୍ଜଳି ମୋର ଜୀବନର ଇତିହାସ । ଏଣିକି ଏପରି ହେଲାଣି ଯେ ତାଙ୍କୁ ସବୁ ମୁହୂର୍ତ୍ତରେ ଦେଖିବାକୁ ଓ ନିଜର କରି ପାଖରେ ରଖିବାକୁ ଇଚ୍ଛା ହେଉଛି । କିନ୍ତୁ ପାଉଛି କେଉଁଠୁ ?

ବୋଉ ବୋଧହୁଏ ଏ ସବୁ ଘଟଣାର ଆଭାସ ପାଇଲାଣି । ଅନେକ ସମୟରେ ସେ ମୋ ଉପରେ ଅଯଥା ବିରକ୍ତ ହୁଏ । ପରେ ମତେ ଏଣୁ ତେଣୁ କହି ଭୁଲେଇ ଦିଏ ।

ଅଞ୍ଜଳି ପଚାରିଲା, 'ଆଚ୍ଛା, ଶୀଘ୍ର ବିବାହ ସାରିଦେଲେ ତ କାମ ସରିଯାନ୍ତା—

ସୁଜାତା କହିଲା, ସେତେ ବଡ଼ ଭାଗ୍ୟ ମୋର କାହିଁ ?

'ଆଚ୍ଛା, ବନ୍ଦୋବସ୍ତ କରିବା—

ହଁ, ଟିକେ ଦେଖା କରେଇ ଦେବାକୁ ତ ତୋର ପ୍ଲାନ୍ ଠିକ୍ ହେଉନି…

ଆଚ୍ଛା, ଦେଖିବୁ ଏ ଆସନ୍ତା ରବିବାର ।

ସୁଜାତା ଭୁବନର ଫଟୋଟି ବାହାର କଲା । କ୍ଷଣକାଳ ଦେଖି ଅଞ୍ଜଳିକୁ ଦେଲା; କହିଲା, ଏଇ ମୋର ସର୍ବସ୍ୱ…

ଆଃ ଏକ୍‌ସଲେଣ୍ଟ ଚେହେରା ତ ?

ଦୁହେଁ ସ୍ମିତ ନୟନରେ ଫଟୋଟିକୁ ଅନାଇ ରହିଲେ ।

କ୍ଷତ ବିକ୍ଷତ ଅବ୍‌ଶୋଷ ନେଇ ଭୁବନ ଅପରାଧୀ ପରି ସୁଜାତାର ଚିଠି ପଢ଼ିଲା—

ଜୀବନର ଦେବତା—

ଏତେ ନିଷ୍ଠୁର ତୁମେ—ଏତେ ନିର୍ମମ ତୁମେ—ତୁମର ହୃଦୟ କଣ ପାଷାଣ ? ମୋର ଦେବତା ହୋଇ ତୁମେ ପୁଣି ଏତେଦୂର ଛଳନାମୟ, ଏତେ ଦଗାବାଜ ! ଟିକିଏ ଦେଖା ପାଇଁ ପ୍ରାଣ ମୋର କେତେ ବ୍ୟସ୍ତ ବିକଳ ହୋଇ ଉଠୁଛି ! ଆଉ ତୁମେ ଟିକିଏ ମୋତେ ଦେଖା ଦେଉ ନାହଁ ? ଏ ସବୁ ମୋର ହୀନତମ କପାଳର ଲେଖା ! କାହାକୁ କହିବି ?

ତୁମ ମନରେ ଯେବେ ଏତେକଥା ଥିଲା, ମୂଳରୁ ବିଷ ଟିକିଏ ନ ଦେଲ କାହିଁକି ? ଏତେଦୂର ନିଷ୍ଠୁର, କିନ୍ତୁ ତମେ ନିକଟରେ ଥିଲେ ମୁଁ ଆଜ ତମକୁ ଗାଳି ଫିଟାଇ ନ ଥାନ୍ତି କମ୍ୱା କଥା କହି ନ ଥାନ୍ତି । ଜଳାପୋଡ଼ା ପ୍ରାଣକୁ ଆହୁରି ଜାଳପୋଡ଼ ମାଡ଼ିଦିଅ ହଳେ ଦେବତା, ସୁଜାତା ଶେଷ ଆଶାର କ୍ଷୀଣତମ ଶିଖା ଧରି ପୂଜାରି ପ୍ରତୀକ୍ଷା କରୁଥିବ ।

ସୁଜାତା—

ଭୁବନର ଆଖି ଲୁହ ଛଳ ଛଳ ହୋଇ ଆସିଲା । ହୃଦୟର ନିଭୃତ ତନ୍ତ୍ରୀ କରୁଣ ବିତାନରେ ଫେରି ଉଠିଲା । ପ୍ରାଣର ଆବେଗରେ ସେ ଲେଖିଲା ।

ଜୀବନର ତୁମେ,

ବିରହୀ ହୃଦୟର ଅଶ୍ରୁଳ ଆଶ୍ଳେଷ ଗ୍ରହଣ କରିବା ସେବିନ ଯଥା ସମୟରେ ଯାଇ ପାରିଲି ନାହିଁ ବୋଲି ତୁମେ ମୋତେ ଅପରାଧୀ କରି ଲେଖିଚ । ବାସ୍ତବିକ ମୁଁ ଅପରାଧୀ, କିନ୍ତୁ ଅଦୃଷ୍ଟର ଶାଣିତ ଇଙ୍ଗିତରେ ମୁଁ ଅପରାଧୀ ; ଜାଣେନା ସୁଜାତା, ଏ ଜୀବନରେ ତୁମେ ମୋତେ କେତେ ବଡ଼ ସମ୍ମାନ ନ ଦେଇଚ । ପ୍ରଣୟ ତମର ମୋତେ କରିଚି ଅମର ସୁନ୍ଦର ଏବଂ ମହତ୍ । ଏପରି ପ୍ରତିଦାନର ଅମର୍ଯ୍ୟାଦା କ'ଣ ଘଟିପାରେ ସୁଜାତା !

ବାସ୍ତବିକ ତୁମର କୋମଳ ହୃଦୟରେ ମୁଁ ଯେଉଁ ଆଘାତ ଦେଇଛି, ସେଥିପାଇଁ ତୁମ ପାଖରେ କ୍ଷମା ମାଗୁଛି । ଅଞ୍ଜଳି ଓ ଉଷାଙ୍କ ମନବେଦନା ପାଇଁ ନିଜେ ତାଙ୍କୁ କ୍ଷମା ମାଗି ପାରିବି ନାହିଁ । ତୁମେ ନିଜେ ମୋତେ କ୍ଷମା ଦେଇ ମୋ ପାଇଁ ବ୍ୟଥିତ ହୃଦୟରେ ସେମାନଙ୍କଠାରୁ କ୍ଷମା ଆଣିବ । ଏତିକି ଦାୟିତ୍ୱ ତୁମେ ନ ନେଲେ ମୋର ଅବା ଆଉ କିଏ ପ୍ରାଣର ସାଥି ଅଛି ଯେ ଏ ସବୁ ଦାୟିତ୍ୱ ତୁଲେଇ ପାରିବ ।

ସାବଧାନ ଥିବ ସୁଜାତା, ମୋତେ ଭୁଲ ବୁଝିବ ନାହିଁ । ସେ ଦିନ ଆମ ଘରୁ ବାପା ଓ ମଉସା ଆସି ପହଞ୍ଚିଗଲେ । ସେମାନଙ୍କୁ ଛାଡ଼ି ତୁମକୁ ସାକ୍ଷାତ କରିବା ଆଉ ସମ୍ଭବପର ହୋଇ ପାରିଲା ନାହିଁ । ଆଚ୍ଛା, ତୁମେ ଏଥିରେ କ୍ଷୁଣ୍ଣ ହୋଇଛ ? ହେବାର କଥା । ପ୍ରତୀକ୍ଷା କରି କରି ତୁମେ ଯେତେବେଳେ ବ୍ୟର୍ଥ ହୃଦୟରେ ଫେରି ଯାଇଥିବ ତୁମ ନିବାସକୁ, ମୋତେ ଅଭିଶାପ ଦେଇ କହିଥିବ 'ଦଗାବାଜ'—କିନ୍ତୁ ଭାବି ଦେଖ, ମୋର ସେଦିନର କର୍ତ୍ତବ୍ୟ କ'ଣ ତୁମର କର୍ତ୍ତବ୍ୟ ନୁହେଁ ?

ବେଶୀ କିଛି ଲେଖି ପାରୁନି । ପିପାସିତ ଚକ୍ଷୁ ମୋର ଶତ ସହସ୍ର ଗୁଣରେ ପୁଣି ପିପାସିତ ହୋଇ ଉଠୁଛି । ଭୁଲ ବୁଝିବନି ସୁଜାତା ! ଭୁଲ ବୁଝିବନି !

କେବେ ଦେଖା ହେବ ଆଉ ?

ଭୁବନ

---

# ଦ୍ୱିତୀୟ ଭାଗ

## * ସାତ *

ବୋଉ ଦେଖିଲୁଣି–ହେଇ ଦେଖ ମ ··

ସୁଜାତାର କଥା ଶୁଣି ବୋଉ ତା'ର ଚାହିଁଲେ । କହିଲେ, ଜାଣ ମ···ହେଇ···ସେ ଯେଉଁ ଭଦ୍ରଲୋକ ଅଶୋକକଡ଼ି ଦେଇ ନ ଥିଲେ ଭୁବନେଶ୍ୱରରେ···ସେଇ ତ ଏଠି ବୁଲୁଛନ୍ତି···

ହଁ ତ···ଏତିକି କହି ସୁଜାତାର ମା' ଚାମାକୁ ଡାକି କହିଲେ ଚାମା ଏ ଯେଉଁ ଭଦ୍ରଲୋକ ବୁଲୁନାହାନ୍ତି, ତାଙ୍କୁ ଡାକିଲୁ—

ଚାମା ଚାଲିଗଲା । ସୁଜାତାର ହୃଦୟ ଆନନ୍ଦରେ ନାଚି ଉଠିଲା । ସେ କେବଳ ଭୁବନ ଆଡ଼କୁ ଦୃଷ୍ଟି ପକାଇ ଆଖି ତଳକୁ କଲା ।

ଭୁବନ, ତା'ର ମା', ଭଉଣୀ ବିନ୍ଦୁ, ସାନଭାଇ ବନ୍ଧମ ଚାରିହେଁ ସମୁଦ୍ର କୂଳରେ ବୁଲୁଥିଲେ । ସଞ୍ଜବେଳେ ଶୀତଳ ପବନ···ଉଚ୍ଛଳ ଲହରୀ–ଦେହ ମନର ରନ୍ଧ୍ରେ ରନ୍ଧ୍ରେ ଅଜଣା ପୁଲକ ଖେଳାଇ ଦେଉଥିଲା । ଭୁବନର ମନ ଭିତରେ ସନ୍ଦେହର ଢେଉ ଉଠିଥିଲା, ସୁଜାତାର କୌଣସି ସଂକେତ ନ ପାଇ । ତିନଦିନ ହେଲା ପୁରୀ ଆସିଲେଣି···ଆଉ ସୁଜାତା କେବେ ?

ସୁଜାତାକୁ ସ୍ପର୍ଶି ଦେଲା ମାତ୍ରେ ଭୁବନର ଦେହ ଭିତରେ ନୂତନ ଉଲ୍ଲାସ ଖେଳିଗଲା । ସୁମା କହିଲା ବାବୁ ଆପଣଙ୍କୁ କାର୍ତ୍ତିକ ମା' ଡାକୁଛନ୍ତି—

କୋଉ ମା' !

କ'ଣ ବାବୁ ଆପଣ ଆମକୁ ଚିହ୍ନି ପାରୁ ନାହାନ୍ତି ?

ଜାଣି ନ ଜାଣିଲା ପରି ଭୁବନ କହିଲା, ହଁ, ହଁ·· କେଉଁଠି ତୋତେ ଦେଖିଲା ପରି ମନେ ହେଉଛି ତ !

ହଁ ବାବୁ, ଆପଣ ସିନା ବଡ଼ ଲୋକ, ଆପଣଙ୍କର ଆଉ କାର୍ତ୍ତିକ ଅଶୋକାଷ୍ଟମୀ କଥା ମନେ ପଡ଼ୁଥିବ ?

'ଓଃ ବୁଝିଲି, ବୁଝିଲି' ଭୁବନ ପ୍ୟାଣ୍ଟ ପକେଟରେ ହାତ ଭରିଲା ।

'ତେବେ କ'ଣ ତମର ସମସ୍ତେ ଆସିଛନ୍ତି···

'ହଁ ବାବୁ ଆପଣ ଚାଲନ୍ତୁ—

ବିଳମ୍ବ, ସୁଜାତା ପକ୍ଷରେ ଅସହ୍ୟ ହୋଇ ଉଠିଲା । ସେ ମନେ ମନେ ଭାବିଲା, ବୋଧହୁଏ ସୁମା କ'ଣ ଏପଟ ସେପଟ କରି କହିଲା- ସେ ବୋଧହୁଏ ଅପବାଦକୁ ଡର ଆସୁନାହାନ୍ତି । କୋଉ ତ ତାଙ୍କୁ ଡକାଇ ପଠାଇଛି ! କଭଳି ଭଦ୍ରଲୋକ ମ ? ମୋ ଲାଗି ଟିକେ ହେଲେ ଚିତ୍ତରେ ଦୟା ନାହିଁ ।

ବିଦୁ ଭୁବନକୁ ପଚାରିଲା, ଭାଇ, କିଏ ସେ ଡାକୁଛି ?

ଭୁବନ କହିଲା-ଆଚ୍ଛା ଚାଲ ଦେଖିବା—

ଭୁବନର ମା' ଓ ଅନ୍ୟାନ୍ୟମାନେ ପଛରେ ରହିଲେ । ବିଦୁ ଓ ଭୁବନ ସୁମା ପଛେ ପଛେ ଚାଲିଲେ । ସୁଜାତା ବିଦୁକୁ ଦେଖିବା ମାତ୍ରେ ଚମକି ଉଠିଲା । କ'ଣ···ଏ କିଏ··

ସୁଜାତାକୁ ଦେଖି ଭୁବନ ଟିକେ ଗମ୍ଭୀର ହୋଇ ପଡ଼ିଲା । କିନ୍ତୁ ଚଞ୍ଚଳ ଆଖିର ମୃଦୁଭଙ୍ଗିକ ଅପଲକରେ ଗୁରୁଆଖିର ବାର୍ତ୍ତା ତନ୍ମୟ ହୋଇଗଲା । ତା'ର ମା' ଭୁବନ ଓ ବନ୍ଦୁକୁ ଦେଖିଲା ମାତ୍ରେ ପଚାରିଲେ, ପୁଅ କ'ଣ ଆମକୁ ସବୁ ଚିହ୍ନୁଚ ?

ସୁମା ଆଗ ବଢ଼ି କହିଲା ମା' ସେ କ'ଣ ଆଉ ଚିହ୍ନୁଥିଲେ, ମୁଁ ସବୁ ଚିହ୍ନା ଦେବାରୁ ଆସିଛନ୍ତି ନାଁ—ବଡ଼ଲୋକ ପୁଅ···ଆମକୁ ଆଉ କାହିଁକି···

ନମସ୍କାର କଲା ଭୁବନ । ସୁଜାତାର ଅନ୍ତରର ଆତ୍ମ ନିବେଦନ କେବଳ ମୌନ ଦୃଷ୍ଟିରେ ସୁସ୍ପଷ୍ଟ ହୋଇ ଉଠିଲା । ଚପଲ ଧାରରେ ବାଲି ଉପରେ ସେ ନତଦୃଷ୍ଟିରେ ଗାର କାଟିବାକୁ ଲାଗିଲା । ବନ୍ଦୁ ଶାନ୍ତ ଭାବରେ ଏ ଦୃଶ୍ୟ ଦେଖିବାକୁ ଲାଗିଲା ।

ସୁଜାତାର ମା' ପଚାରିଲେ ବାବୁ, କ'ଣ ଏକା ?

ନାଁ, ଆମର ବୋଉ ହେଉଛି ଆସିଛନ୍ତି—

ଏ କିଏ ?

'ବନ୍ଦୁ, ସାନ ଭଉଣୀ ମୋର ।

'କାହାନ୍ତି ଅନ୍ୟମାନେ

'ଏଇଠି ବୁଲାଚଲା କରୁଛନ୍ତି ।

ସୁଜାତା ବନ୍ଦୁର ହାତ ଧରି ନେଲା । ତାକୁ ପଚାରିଲା ବନ୍ଦୁ ତମେ କ'ଣ କର ?

'ତମେ କ'ଣ କର ?

ମୁଁ ପଢ଼େ ।

ମୁଁ ପଢ଼େ ।

'ହଁ କେଉଁଠି ପଢ଼ ।

'ଗାଁ ସ୍କୁଲରେ ୭ମ ଶ୍ରେଣୀରେ ।

ତମ ଭାଇ କଣ କରୁଛନ୍ତି ।

ସେ ଏ ବର୍ଷ I. Sc. ପରୀକ୍ଷା ଦେଉଛନ୍ତି ।

ଆଚ୍ଛା, ଆସ ଏଣେ ଯିବା ।

ନାଁ, ମୁଁ ଭାଇଙ୍କି ଛାଡ଼ି କୁଆଡେ଼ ଯିବି ନାହିଁ ।

ଓଃ—ସୋ'ଗୁଡ୍ ଭାଇଟ !

ବନ୍ଦୁ ଭାରି ମନ କଷ୍ଟ କଲା । ସୁଜାତା ଟିକେ ଅଳ୍ପ ଦୂରକୁ ନେଇ ପଚାରିଲା—ବନ୍ଦୁ...ତମ ଭାଇଙ୍କ ନାଁ...

ଭୁବନ...

ବନ୍ଦୁ ପଚାରିଲା, କାହିଁକି ?

ନାହିଁ ତମେ କହିଲ ନାଁ, ତମ ଭାଇଙ୍କି ଛାଡ଼ି କୁଆଡ଼େ ଯିବ ନାହିଁ ।

ହଁ, ମୁଁ କାଲେ କୋଉଠି ହଜି ଯିବି ।

କିନ୍ତୁ ଯେତେବେଳେ ତୁମେ ନୂଆ ବରଟିଏ ପାଇ ତାଙ୍କ ସାଙ୍ଗରେ ତମ ଘରୁ ଚାଲି ଯିବ, ସେତେବେଳେ ତ ତମର ଭାଇଙ୍କି ଛାଡ଼ିଦେବ ?

ବନ୍ଦୁ ଶ୍ରେଷ୍ଠ ପିଲା । ଲାଜ ଲାଜ ହୋଇ କହିଲା—ଉଁ ଏ କି କଥାମ—ତମେ ପରା ବେଶୀ ଶିକ୍ଷିତ—

ଶିକ୍ଷିତ ଅଶିକ୍ଷିତ ସମସ୍ତେ ଦିନେ ବିବାହ କରିବେ ହିଁ କରିବେ । ଆଗରୁ ସେ କଥାଟା କହିଦେଲେ କ୍ଷତି କଣ ?

ବନ୍ଦୁ ଏ କଥାର ରହସ୍ୟ ବୁଝି ପାରିଲା ନାହିଁ । ତାର ରସ-ଘରବ ହୃଦୟରେ ବିସ୍ତାରିତ ଯୌବନର ଶୁଭ ଅଧିକାର ହୋଇ ନାହିଁ । ଚାହାଣିରେ ମଧୁରତା ବ୍ୟଞ୍ଜିତ ମାଦକତାର ସୃଷ୍ଟି ହୋଇ ନାହିଁ । ସେ ଖାଲି କହିଲା, ଏ ସବୁ କଥା କ'ଣମ ?

ସୁଜାତା ପଚାରିଲା, ଆଚ୍ଛା ତୁମ ଘର ?

ଆମ ଘର……

କେତେ ବାଟ କହନ୍ତୁ ?

ଭୂଗୋଳରେ ପଢ଼ିଥିଲି ୧୫ ମାଇଲ ।

ବନ୍ଧୁ ଶେଷକୁ ଅସ୍ତବ୍ୟସ୍ତ ଅନୁଭବ କଲା । କହିଲା-ଆଚ୍ଛା ତମ ନାଁ କ'ଣ ?

ମୋ ନାଁ…ମୋ ନା— ଭୁବନ ।

ଏତିକିବେଳେ ଭୁବନ ଡାକିଲା—ବନ୍ଧୁ, ଏଣେ ଆ-ସଞ୍ଜ ହେଲାଣି ଯିବା…

ବନ୍ଧୁ ଫେରି ଆସିଲା । ପଛରେ ସୁଜାତା । ଭୁବନ ବନ୍ଧୁକୁ କହିଲା, ମାଉସୀଙ୍କି ନମସ୍କାର କର । ବନ୍ଧୁ କଲା ।

ବନ୍ଧୁ କହିଲା—ଭାଇ, ତମ ନାଁତ ଯାହା ଏ ମାଉସୀଙ୍କ ଝିଅ ନାଁ ସେଇଆ—ତମେ ଦିହେଁ ଏଠି ମହାପ୍ରସାଦରେ ସଙ୍ଗାତ ବସୁନ ?

ଭୁବନ ସୁଜାତାର ଦୁଷ୍ଟାମି ବୁଝି ପାରିଲା । ମାଉସୀ କହିଲେ, କ'ଣ ?

ହଁ ଏଙ୍କ ନାଁତ ଭୁବନ ।

ଭୁବନ ଓ ସୁଜାତାର ମା ହସି ଉଠିଲେ । ସୁଜାତା ତଳକୁ ଅନାଇ ଅପରାଧୀ ପରି ଛିଡ଼ା ହୋଇ ଥାଏ । ତା'ର ମା' କହିଲେ, ସୁଜାତା କଥା କ'ଣ ? ବନ୍ଧୁ କହିଲା, ସୁଜାତା କଏ ମାଉସି ?

ଏଇ—

ଓଃ-ଏ ପରା ମୋତେ ବର୍ତ୍ତମାନ କହିଲେ ଯେ ତାଙ୍କ ନାଁ ଭୁବନ—ସେଇଥିପାଇଁ କହୁଥିଲି ନାଁ …

ମାଉସୀ ଟିକେ ଛଳନା କରି ରାଗିଲେ । କହିଲେ-ସୁଜାତା, ଏକ ଦୁଷ୍ଟାମି ତୋର ?

ଅପରାଧୀ ସୁଜାତା ନୀରବ ରହିଲା । ଭୁବନ କିଛି ନ ଜାଣିଲା ପରି ପଚାରିଲା, ସୁଜାତା, କଣ ପାଠ ଶାଠ ପଢ଼ୁଛ ?

ହଁ...ଗାର୍ଲସ ଇସ୍କୁଲରେ ।

ଓଃ ସେଇଥିପାଇଁ ଏତେଦୂର ଫାଜିଲ...

ଫାଜିଲ କିଏ—ସୁଜାତା ମନେ ମନେ ଆଲୋଚନା କଲା, ଫାଜିଲ କିଏ ମୁଁ ନା ତମେ...କିଛି କହି ପାରିଲା ନାହିଁ ।

ବୁଲାଚଲା କରୁ କରୁ ଭୁବନ ସୁଜାତା ଆଡ଼କୁ ଚାହିଁ ପଚାରିଲା, ଆପଣଙ୍କ ବାପା କଣ କରନ୍ତି ସୁଜାତା ? ଥଙ୍ଗ ଥଙ୍ଗ କଣ୍ଠରେ ସୁଜାତା କହିଲା—କଣ୍ଟ୍ରାକ୍ଟର ଓ ଖାଣ୍ଟି ଓଡ଼ିଆରେ କହିଲେ ଠିକାଦାର ।

ବନ୍ଦୁ ପଚାରିଲା, ଭାଇ ଚାଲ ଯିବା...

ସୁଜାତା କହିଲା, ଯିବତ...ଏଠି କଣ ରହୁଛୁ କିଏ ?

ଏତିକିବେଳେ ବୁଲାଚଲା କରୁ କରୁ ଭୁବନର ମା' ଓ ତା'ର ସାନ ଭାଇ ଆସି ସେଇଠି ପହଞ୍ଚିଲେ । ବନ୍ଦୁକୁ ଦେଖି କହିଲେ ଏତେବେଳ ଯାଏ ଏଠି କଣ କରୁଛ ?

ଧନୀ ଜମିଦାର ଅଭିଜାତ ଘରର ବୋହୂ-ବେଶରେ ବେଶ୍ ସୁନ୍ଦର ଦାନିକା ପଦ୍ମରଣ, ଦେଖିଲେ ଜଣାପଡ଼ିବ ମହତ ହୃଦୟର ଚିହ୍ନ । ଆଭିଜାତ୍ୟ ରହିଛି, ମାତ୍ର ଗର୍ବ କିମ୍ବା ଅଭିମାନ ନାହିଁ ।

ଭୁବନ ପରିଚୟ କରିଗଲା । ଦୁଇଟି ପରିବାରର ଏହି ଆକସ୍ମିକ ପରିଚୟରେ ତରୁଣ ତରୁଣୀଙ୍କର ହୃଦୟରେ ଆନନ୍ଦର ଢେଉ ନାଚି ଉଠିଲା । ମା'ଙ୍କ ଇଙ୍ଗିତରେ ସୁଜାତା ଭୁବନର ମା' ଗୌରୀ ଦେବୀଙ୍କୁ ପ୍ରଣାମ କଲା । ଗୌରୀ ଦେବୀ ଝିଅଟିର ଢଙ୍ଗରଙ୍ଗ ଦେଖିବାକୁ ଲାଗିଲେ । କହିଲେ, ଏଇ ଝିଅଟି ନା ଆଉ କୋଳରେ କଣ ?

ଆଉ ପୁଅଟିଏ ଓ ଝିଅଟିଏ...

ଜଣା ପଡ଼ିଲା ଦୁଇଟି ପରିବାର ସଂଗଠନର ଇତିହାସ । ସମାଜର ପରିବର୍ତ୍ତନରେ ପରିବାରର ଗଠ ବଦଳ ଯାଉଛି । କେତ୍ବ ବୁଝୁଛି, କେତ୍ବ ବୁଝୁ ନାହିଁ ।

ସୁଜାତାର ମା' ରତି ଦେବୀ କହିଲେ, ଭୁବନ, ମାଙ୍କୁ ନେଇ ଆଜି ବୁଲ ଆସ ତଥା ଆଡ଼େ ।

ଗୌରୀ ଦେବୀ ମନା କଲେ । କହିଲେ, କାଲି ଦେଖା ହେବ ।

ସଞ୍ଜ ଗଡ଼ିଗଲାଣି । ଅଦୂରେ ସମୁଦ୍ରର ଗର୍ଜନ ଶୁଭୁଛି—ଆକାଶରେ ଚନ୍ଦ୍ର ଉଠୁଛି···ଅନନ୍ତ ଜଳମୀ ଗୁରିଆଡ଼େ ଅସୀମ ଲହରୀ ବାଲୁଚରରେ ଭାଙ୍ଗି ନଇ ଯାଉଛି ।

ସୁଜାତା ଫେରୁଛି—ଭୁବନ ଫେରୁଛି—ତା'ର ମନେ ହେଉଛି, ସୁଜାତାକୁ ନେଇ ସେ ଆଜି କେତେ ସମୟ ଏଇ ସାଗର ପୁଳିନରେ ବସି ପ୍ରକୃତିର ସୌନ୍ଦର୍ଯ୍ୟ ଉପଭୋଗ କରନ୍ତା ।

ତା' ହେଲା ନାହିଁ । ବୁକୁର ପିପାସା ବୁକୁ ଭିତରେ ମରିଗଲା । ମାତ୍ର ଆଶା ରହିଲା ଅଦୂର ଭବିଷ୍ୟତ ପାଇଁ ।

ଗଲାବେଳେ ବନ୍ଧୁଙ୍କୁ ଟିକେ ଗମ୍ଭୀର ହେଇ ସୁଜାତା ପଚାରିଲେ, ବନ୍ଧୁ, କାଲି ଆମ ଘରଆଡ଼େ ଯିବ ! ସଙ୍ଗୀତ ବସିବା ।

ନାଇଁ ନାଇଁ ତୁମେ ବଡ଼ ମଟରର । ଗାଇଙ୍କ ନାଁ କହି ମୋତେ ଭୁଲାଇ ଦେଲ । ମୁଁ ତୁମ ସାଙ୍ଗରେ ସଙ୍ଗୀତ ବସିବି ନାହିଁ ।

ଭୁବନ ଫେରି ଗୁହିଁଲା, ସୁଜାତାକୁ । ଦେଖିଲା, ତାର ଆଖି ଦୁଇଟି ଉଦ୍ଭ୍ରାନ୍ତ ।

× × ×

ମହୋଦଧିରେ ସ୍ନାନ କରିବା ପାଇଁ ଗୌରୀଦେବୀ ଓ ରତି ଦେବୀଙ୍କର ବେଶୀ ଆଗ୍ରହ । ସୁଜାତାର ବାପା ମଧ୍ୟ ଏଥିରେ ସମ୍ମତ ହେଲେ ।

ବେଳାଭୂମିରେ ସ୍ନାନ ପାଇଁ ତିଆରି ହେଲେ ସମସ୍ତେ । ବଦୁ ଓ ସୁଜାତା ଲକ୍ଷ୍ୟ କରୁଥିଲେ । ଲହରୀ କିପରି ଉଠୁଛି, ପଡ଼ୁଛି, ଆସୁଛି, ଯାଉଛି, ଆଉ କେତେ ପିଲା ଓ ଝିଅ କିପରି ହସି ହସି ଲହଡ଼ି ଭାଙ୍ଗୁଛନ୍ତି ।

ଗୌରୀଦେବୀ ଓ ଭକ୍ତଦେବୀଙ୍କୁ ନେଇ ଭୁବନ ଓ ସୁଜାତାଙ୍କର ବାପା ସମୁଦ୍ର ମଧ୍ୟକୁ ପଶିଗଲେ । ପିଲାଗୁଡ଼ିକ ବେଳା ଉପରେ ଖେଳଇ ବସିଲେ । ଲହଡ଼ି ଭାଙ୍ଗିବା ପରେ, ଗୌରୀଦେବୀ ଓ ଭକ୍ତଦେବୀ କୂଳକୁ ଫେରି ଆସିଲେ ।

ସୁଜାତା କହିଲା, ବୋଉ ମୁଁ…

ବଦୁ କହିଲା, ବୋଉ ମୁଁ ।

ଦୁଇଜଣଯାକ ଗଲେ । ଆନନ୍ଦରେ ସୁଜାତାର ହୃଦୟ ପୂରି ଯାଇଛି । ବାପା ତା'ର ହାତକୁ ଲହଡ଼ି ଆସିଲା ବେଳେ ଟିକିଏ ଉଚ୍ଚୁଁକି ଉଠିବା ପାଇଁ କହିଲେ । ସୁଜାତା ଉଚ୍ଚୁଁକି ଉଠିଲା । ଅନାବୃତ ବକ୍ଷ ଓ ପ୍ରଫୁଲ୍ଲ ମୁହଁଟି ଭୁବନକୁ ଆହୁରି ସୁନ୍ଦର ଓ ନୈସର୍ଗିକ ବୋଧହେଲା । ଏକ ଦୃଷ୍ଟିରେ ସେ ଚାହିଁ ରହିଲା କ୍ଷଣକାଳ ପାଇଁ ।

ବଦୁ ଲହଡ଼ି ଆସିବା ଦେଖି ଝୁଙ୍କି ଉଠିଲା । ଲହଡ଼ି ଚାଲିଗଲା । ପୁଣି ଆଉ ଏକ ଲହଡ଼ି ଆସିଲା । ଭୁବନ କହିଲା, ବଦୁ, ଉଠିଯା—

ବଦୁ ଉଠି ପାରିଲା ନାହିଁ । ତା' ଉପରେ ଲହଡ଼ି ମାଡ଼ିଗଲା । ମୁଣ୍ଡର ବାଳରେ ଖାଲି ବାଲି…ବଦୁ ଉଠି ଚାଲି ଆସିବାକୁ ବସିଲା, ଭୁବନ କହିଲା, ଆଉ ବଦୁ…

ନାଁ…ବୋଲି କହି ସେ ଅଳ୍ପ ଜଳକୁ ଚାଲି ଆସିଲା । ଲହଡ଼ି ଆସୁଛି, ଯାଉଛି, ବଦୁ ଠିଆ ହୋଇଛି ।

ସୁଜାତା ଲହଡ଼ି ଉଠିଲେ ଭାସି ଉଠୁଛି । କୌତୂହଳରେ ସେ ଲହଡ଼ି ଉଠାଣିରେ ମୁଣ୍ଡ ନଇଁ ଦେଲା । ଲହଡ଼ିଟା ତାର ଦେହ

ଉପରେ ଭାଙ୍ଗି ଗଲା, ଗଡ଼ିଗଲା, ଭୁବନ ଗୁହାଁରି । ନିକଟରେ ତାର ବାପା ମଧ୍ୟ ଗୁହାଁରିଛନ୍ତି । ଲହଡ଼ି ଫେରି ଗଲାବେଳେ ସୁଜାତା ଆଉ ସେଠାରେ ନାହିଁ—ସେ ବୁଡ଼ି ଯାଇଛି—ଦୂରକୁ ଚାଲି ଯାଇଛି ।

ହଠାତ୍ ଭୁବନର ହୃଦୟରେ ଯନ୍ତ୍ରଣା···କ'ଣ ହେଲା ସୁଜାତାର ? ପରକ୍ଷଣରେ ସେ ସମୁଦ୍ର ଭିତରକୁ ପଶିଗଲା । ସୁଜାତା କାହିଁ ? ଅପର ଲହଡ଼ିଟି ପୁଣି ମାଡ଼ି ଆସିଲା । ଭୁବନର ପାଖଦେଇ ସୁଜାତାର ନିମଗ୍ନ ଦେହଟା ଗଡ଼ି ଯାଉଛି ବେଳାଭୂମିକୁ—ଭୁବନ ତାକୁ ଧରି ପକାଇଲା । ଲହରୀର ଟୋଳରେ ଭୁବନ ମଧ୍ୟ ଝୁଙ୍କି ହୋଇ ଆସୁଛି ଉପରକୁ । ବାହୁର ଭିଡ଼ଦେଇ ସେ ସୁଜାତାକୁ ଉଠାଇବାକୁ ଚେଷ୍ଟାକଲା । ଜଳ ଜରଜର ଲାବଣ୍ୟ ଦେହଟା ତାର ଭୁବନ ଦେହରେ ବାଜିଲାକ୍ଷଣି ଭୁବନ ଦେହଟା ଶିହରେଇ ଉଠିଲା, ଆନନ୍ଦ ଓ ଆଶଙ୍କାର ତୀବ୍ର ତପ୍ତ ଅନୁଭୂତିରେ—ସେ ତାକୁ ଉଠାଇ ଧରିଲା । ଦେଖିଲା ବେଳକୁ, ସୁଜାତା ନଗ୍ନ···ନଗ୍ନ ତାର ଅଫୁରନ୍ତ ଯୌବନ···ଲୁଗା ନାହିଁ । ଭୁବନ ପ୍ୟାଣ୍ଟ ପିନ୍ଧିଛି···ଲୁଗାଟା ତାର ଗୋଡ଼ରେ ଗୁନ୍ଡେଇ ହୋଇ ଯାଇଛି । ତାକୁ ଖୋଲି ନିଜ ମାଡ଼ିଲା ! ସୁଜାତା ପ୍ରାୟ ବେହୋସ···କେଶଗୁଚ୍ଛ ବିକ୍ଷିପ୍ତ ଭାବରେ ମୁହଁ ଉପରେ ପଡ଼ିଛି—ସେ ଦେଖି ପାରୁନାହିଁ ।

ସୁଜାତାର ବାପା ସୁଜାତାକୁ ଦେଖି ବଡ଼ ବ୍ୟଗ୍ର ହୋଇ ଭୁବନ ନିକଟକୁ ଚାଲି ଆସିଲେ ।

ଭୁବନ ଡାକିଲା, ସୁଜାତା···

ସୁଜାତାର ଚେତା ପଶିଲା । ନିଜର ଅସମ୍ବୃତ କେଶ ବାସକୁ ସଜାଡ଼ି ସଜାଡ଼ି ସେ କହିଲା, ଆଉ କାହିଁକି···ବନ୍ଧୁ !

ନିଜେ ତ ଯୋଉ ଲହଡ଼ି ଭାଙ୍ଗିଲା, ବନ୍ଧୁକୁ ଖୋଜୁଛି-ଏତିକି କହିଲେ ତାର ବାପା—ସେ ବଡ଼ ଲଜ୍ଜିତ ହେଲା । ନିଜର କେଶବାସ ସମ୍ଭାଳି ସେ ଲାଜରେ କୂଳକୁ ଉଠି ଆସିଲା ।

ଭୁବନ ମଧ୍ୟ ଆସିଲା । ତାର ବାପା ତାଙ୍କୁ କହିଲେ, 'ଟିକେ ତୋର ଭୟ ନାହିଁ, ତବେ ମୁଁ ମନା କରୁଛି ବୁଢ଼ା···ବୁଢ଼ି ସାଜନ୍ତୁ···

ଭୁବନ କହିଲା, ମୋ ଭଉଣୀ ବିବି ଯଦି ଏପରି ଅବାଧ୍ୟ ହୋଇଥାନ୍ତା, ତା'ହେଲେ ସାଙ୍ଗେ ସାଙ୍ଗେ···ତାର ହାତ ଦୁଇଟା ଉଠିଗଲା—ବିନ୍ଦୁ କହିଲା, ଭାଇ, ଏ କଣ ସଙ୍ଗାତକୁ ମାଡ଼ ଦେବ !

ସମସ୍ତେ ହସି ଉଠିଲେ । ସୁଜାତାର ମୁଣ୍ଡ ତଳକୁ ହୋଇଗଲା । ଭୁବନ ପୁଣି ଲହଡ଼ି ଭିତରକୁ ପଶିଗଲା । ଇନ୍ଦୁଦେବୀ କହିଲେ, ବିନ୍ଦୁ ମୋର ଭାରି ଚଞ୍ଚଳ ।

ଗୌରୀଦେବୀ ଉତ୍ତର ଦେଲେ, ତାର ଚଞ୍ଚଳି କେବଳ ସୁଜାତା ପାଖରେ ।

ଭୁବନ ଚହଁଟିଲା—ସୁଜାତା ଦେଖୁଛି । ଲହଡ଼ି ଉଠୁଛି, ପଡ଼ୁଛି—ବିନ୍ଦୁ ଗୁହାଁରି । କିନ୍ତୁ ସୁଜାତାର ମନେ ହେଉଛି, ସତେ ସେମିତି ଭୁବନ ତା'ର ଲହଡ଼ି ପରି ମାଡ଼ି ଆସୁଛି, ପୁଣି ଥରେ ତାକୁ ଆଲିଙ୍ଗନ ପାଇଁ ଆହ୍ୱାନ ଦେଇ···ସେ ଆଉ ଯାଇ ପାରୁନାହିଁ···

× × × ×

ଫେରିବାକୁ ହେବ ।

ପ୍ରତି ସେଷରେ, ପ୍ରତି ଦିଅଁ ଦେବତାଙ୍କ ନିକଟରେ ସୁଜାତାର ପ୍ରାର୍ଥନା, ସୁଜାତାର ଅଭିଳାଷ, କେହି ବୁଝନ୍ତି ନାହିଁ । ଅନ୍ତରର ବ୍ୟାକୁଳତା ଦେବତାଙ୍କୁ ନିବେଦନ କରିବା ବ୍ୟତୀତ ସୁଜାତା ଅନ୍ୟ କିଛି କରି ପାରିନାହିଁ । କୋମଳ ବୟସର କଞ୍ଚା ଅଭିଜ୍ଞତାରେ ସେ ବିନ୍ଦୁକୁ ପଚାରେ, ବିନ୍ଦୁ, ମତେ ମନେ ପକାଉଥିବୁ, ଚିଠି ଦେବୁ ।

ବିନ୍ଦୁ ଘର ଠିକଣା ଟିପି ନେଇଛି । ହସି ହସି କହେ, ସୁଜାତା, ତମେ ମୋର କ'ଣ ହେବ ? ମୁଁ କ'ଣ ବୋଲି ତମକୁ ସମ୍ବୋଧନ କରିବି ?

କାହିଁ—ନୂଆ···

ତାର ଭାଷା ମରିଗଲା । କଣ୍ଠ ଅଟକି ଗଲା । ବନ୍ଦୁ ପଚାରିଲା । କ'ଣ କହୁନାଁ ? କହୁଥିଲ ଯେ···

ହଁ, କହୁଥିଲି ଯେ—ସୁଜାତା ଟିକେ ଗୀତ ଗାନ୍ତୁ କହିଲା, ଭାବର 'ସଙ୍ଗୀତ'

ବନ୍ଦୁ ହସିଲା ।

ସଞ୍ଜବେଳେ ଭୁବନ ଓ ବନ୍ଦୁ, ସୁଜାତା ବୁଲି ଆସିଲେ ସମୁଦ୍ର କୂଳକୁ । ବୁଲୁ ବୁଲୁ ସୁଜାତା ପଚାରିଲା, ସବୁ ଦେବତା ତ ଏ ଯୋନରେ ଅଛନ୍ତି, କିନ୍ତୁ ସେ ଦେବତା···

ଭୁବନ ଉତ୍ତର ଦେଲା,···ସେ ଅନଙ୍ଗ···ପ୍ରେମର ଦେବତାର ରୂପ ନାହିଁ···ଯିଏ ଅନଙ୍ଗ, ଅର୍ଥାତ୍ ଦେହହୀନ, ତାକୁ ବୋଧହୁଏ କୌଣସି ଶିଳ୍ପୀ ରୂପ ଦେଇ ପାରି ନାହିଁ କିମ୍ବା ସେ ଦେବତାର ରୂପର କଳ୍ପନା ମଧ୍ୟ କରି ପାରି ନାହିଁ । ନ ହେଲେ ଓଡ଼ିଆ ଶିଳ୍ପୀ ଛାଡ଼ିଥାନ୍ତା ? Love ବା କନ୍ଦର୍ପର ମୂର୍ତ୍ତି ଟିଏ ତିଆରି ନ କରି··· ମନ୍ଦିରରେ ଏତେଦୂର ନଗ୍ନତମ କଳାର ଆତ୍ମପ୍ରକାଶ କରାଇ ପାରିଛି ଯିଏ ପଥର ଦେହରେ···

ପୁଣି ଲହଡ଼ି ମାଡ଼ି ଆସୁଛି—ଅବାରି ମାଡ଼ି ଆସୁଛି । ଦୁଇଟି ସ୍ୱତନ୍ତ୍ର ବସାର ପକ୍ଷୀ—ବସାକୁ ଅତି ଚଞ୍ଚଳ ଫେରିବାକୁ ହେବ । ଆଶଙ୍କା ଓ ଆନନ୍ଦରେ ହୃଦୟ ଫାଟି ଉଠୁଛି ।

ଭୁବନ କହିଲା, ବନ୍ଦୁ, ଲହଡ଼ି ଭାଙ୍ଗିବୁ ଯା—

ନା ସଙ୍ଗୀତ ଯାଆନ୍ତୁ —

ଭୁବନର ଆଖି ଆଗରେ ସୁଜାତାର ନଗ୍ନ ସୌନ୍ଦର୍ଯ୍ୟ ଆଙ୍କି ହୋଇଗଲା । ବେଳାଭୂମି ଟିକଏ ନିର୍ଜନ ଲାଗୁଛି, ସୁଜାତା ଭୁବନକୁ ଛୁଇଁ ପାରିଲା ନାହିଁ । ଗଦଗଦ କଣ୍ଠରେ କହିଲା, ବନ୍ଦୁ···ମୁଁ

ଯେତେବେଳେ ଲହଡ଼ି ଭାଙ୍ଗୁଥିଲା, ତୋ ଭାଇ କ'ଣ କରୁଥିଲେ ଦେଖିଚୁ ?

କ'ଣ, ତୁମେ ତ ଏକ୍‌ବାରେ ବେହୋସ୍‌···ମୁଣ୍ଡର ବାଳ ବିକ୍ଷିପ୍ତ ହୋଇ ମୁହଁଆଡ଼େ ପଡ଼ୁଥିଲା···ତୁମେ କିଛି ଦେଖି ପାରୁ ନ ଥିଲ, କି ଶୁଣି ପାରୁ ନ ଥିଲ···ଆଉ ହରଲଙ୍ଗଳା ଭାବରେ ଲହଡ଼ିରେ ପୁଣି ଗଡ଼ି ଗଡ଼ି ଆସି ଭାଇଙ୍କ ପାଖରେ ଲଟିଲେ !

ହଁ···ଲାଗଲା ମାତେ ମୁଁ କ'ଣ କଲି ବନ୍ଧୁ, ତମର ଭାଇଙ୍କର କଣ୍ଠକୁ ମୋ ହାତ ଦୁଇଟିରେ ଯାବୁଡ଼ି ଧରିଲି···କହୁ କହୁ ସୁଜାତାର ମୃଣାଳ କୋମଳ ବାହୁ ବିସ୍ତାରିତ ହୋଇ ଉଠିଲା—ସ୍ୱପ୍ନ ବିଭୋର ଭୁବନ ଅଜାଣତରେ ତା'ର ହାତ ଦୁଇଟିକୁ ଧରିନେଇ କହିଲା, 'ବନ୍ଧୁ, ମୁଁ ଏମିତି ଭାବରେ ସୁଜାତାକୁ ଧରିନେଲି ନିଜ ଦେହ ଉପରେ···ନ ହେଲେ ମୁଁ ମଧ୍ୟ ଲହଡ଼ିର ଫେରନ୍ତି ବେଗରେ ଭାସି ଯାଇଥାନ୍ତି ଦୂରକୁ···ସମୁଦ୍ର ମଝିକି·· ବହୁତ ଦୂରକୁ····· ବହୁତ ଦୂରକୁ ବନ୍ଧୁ···

ଦୁଇଟି ବକ୍ଷର ପରଶ···ପିପାସିତ ଓଠ ଦୁଇଟି ଅର୍ଦ୍ଧସ୍ଫୁଟ ଅବଶ୍ୱାସରେ ରଞ୍ଜିତ ହୋଇ ଉଠିଲା ! ବନ୍ଧୁ କହିଲ, 'ହେଇ, ପୁଣି ଏକ ଉଚ୍ଛ୍ୱଳ ଲହଡ଼ି ମାଡ଼ି ଆସୁଚି···

ସୁଜାତାର ରକ୍ତିମ ଓଠରେ, ଭୁବନର ଅଶେଷ ବ୍ୟଗ୍ର ଓଠ ଦୁଇଟି ଲାଗିଗଲା···

ବନ୍ଧୁ ଚିତ୍‌କାର କରି ଉଠିଲା । ଲହଡ଼ି ଆସିଗଲା ପାଖକୁ···

ସୁଜାତା ଖସିଗଲା ପଛକୁ···

ବନ୍ଧୁ କହିଲା, 'ସଙ୍ଗାତ—ତୁମେ ମୋତେ ଗୋଟିଏ ରଚନା ଏ ବିଷୟରେ ଲେଖି ଚିଠିରେ ପଠାଇବ ।

ସୁଜାତା ଓ ଭୁବନ ହସି ଉଠିଲେ ।

ରାତି ଅଲଗା ଅଲଗା ହୋଇ ଯାଇଚି ।

✻ ଆଠ ✻

ବିନ୍ଦୁ କହିଲା, ଭାଇ, ବାପା ଆଜି ବିରକ୍ତ ହେଉଥିଲେ ତୁମ ଉପରେ ?

କାହିଁକି ?

କ'ଣ ଚିଠି ଏତେ ଆସୁଛି, ତୁମ ନାଁରେ—ଦିନେ ଛଡ଼ା ଦିନେ ଖାଲି ଡାକ ପିଅନ ଆସୁଛି, ଚିଠି ଦେଇ ଯାଉଛି ।

ଭୁବନ ନୀରବ ରହିଲା । ବିନ୍ଦୁ ପୁଣି ପଚାରିଲା, କଣ ସତେ ସେଇ ସୁଜାତା ଅପା ଆପଣଙ୍କ ପାଖକୁ ଚିଠି ଦେଉଛନ୍ତି ?

ନା, ସେ କାହିଁକି ମୋ ପାଖକୁ ଚିଠି ଦେବ ! ସେଥର ତ ଖଣ୍ଡେ ଚିଠି ତୋ ପାଖକୁ ଦେଇଥିଲା । ଆଚ୍ଛା, ବାପା ଆଜି କ'ଣ କହୁଥିଲେ ?

ବାପା କହୁଥିଲେ, ତମର ବିବାହ କଥା । ବୋଉ ସେଇ ସୁଜାତା ଅପା ଖବର କହିଲା । ବାପା ମନା କଲେ, କହିଲେ ଭୁବନ ଆଗେ ଇଂଜିନିଅରିଙ୍ଗ ପାଶ କଲା ପରେ ଦେଖାଯିବ । ପିଲାଟିକୁ ଏତେ ଶୀଘ୍ର ବିବାହ ଦେଲେ ତାର ଭବିଷ୍ୟତ ଭଲ ହେବ ନାହିଁ ।

ଭୁବନ ସବୁ ଶୁଣିଗଲା । କ୍ଷଣକାଳ ଭାବି କହିଲା —ବିନ୍ଦୁ, ତୁଇ •••ତୁ ଯା—

ବିନ୍ଦୁ ଚାଲିଗଲା । ଭୁବନ ତାର ଛୋଟ ରୁମ୍‌ରେ ବସି ନିଜର ଭବିଷ୍ୟତ କଥା ଭାବୁଛି । ତହସିଲଦାର ଆସି ପହଞ୍ଚିଗଲେ । କହିଲେ, ସାଆନ୍ତେ କହୁଛନ୍ତି ଆପଣ ଟିକିଏ କଚେରୀକୁ ଯିବେ ।

ମୁଁ କଚେରୀ ଯାଇ କଣ କରିବ ।

ଟିକିଏ ବୁଲି ଆସିବେ ।

ଆଚ୍ଛା, ଯିବା ।

ସେ ଗ୍ଲାଲଗଲା । ଭୁବନ ସୁଜାତା କଥା ଭାବୁ ଭାବୁ ତାଙ୍କର ଘର ସମ୍ପତ୍ତି କଥା ମଧ୍ୟ ଭାବିଗଲା । ବଗିଚା ବିଲ, ମଟର, ଟ୍ରକ୍··· ବହୁତ ପଇସା, ନାମଜାଦା ଠିକାଦାର ।

ତୁଳନା କଲା ଏ ଦେଶରେ ସାମନ୍ତବାଦୀ ଅର୍ଥନୀତି କପରି କ୍ରମେ କ୍ରମେ ଶିଳ୍ପ ବିପ୍ଳବ ଆଗରେ ମରି ଯାଉଛି । କାହିଁ ସୁନ୍ଦରଙ୍କର ବିରାଟ ଜମିଦାରୀ, ଚଉପାଢ଼ି ଏବଂ ପୁରୁଣା ମହାଜନୀ ପନ୍ଥ—ଆଜି···

ପ୍ରଜା ସାଧାରଣ ବେଶ ଶିକ୍ଷିତ ହୋଇ ଉଠିଛନ୍ତି । ଜମିଦାରଙ୍କ ସାମାନ୍ୟ ଅତ୍ୟାଚାରରେ ସେମାନେ ଦଳବଦ୍ଧ ହୋଇ ଆକ୍ରମଣ କରିବାକୁ ପ୍ରସ୍ତୁତ ।

ହଳିଆ ମୂଲିଆ ଦେଶର ଜନଶକ୍ତି ଜାଗରଣରେ ମାତି ଉଠିଛନ୍ତି । ସେ ନିଜ ଆଖିରେ ଦେଖିଛି, କେବେ ଏଇ ହଳିଆ ମୂଲିଆ ଆପେ ଆପେ ଆସି ବାରିକାମ କରି ଦେଇ ଯାଉଥିଲେ । ଏବେ ସକାଳୁ ବାପା ଡିକଏ ମୁହଁ ନ ମାରି ଆସିଲେ ନ ଚଳେ । ଜମିବାଡ଼ିରୁ ଯାହା ଆୟ ହୁଏ ସେତକ ପରିବାରର ସମସ୍ତ ଖର୍ଚ୍ଚରେ ଗ୍ଲାଲିଯାଏ । ନଗଦ ଟଙ୍କା ପଇସାର ଖିଅ ନେଇ ଲାଭ ଉଠାଇବାର ଫନ୍ଦି ଏବେ କେବଳ କଣ୍ଟ୍ରାକ୍ଟର ଏବଂ ବ୍ୟବସାୟୀମାନଙ୍କୁ ହିଁ ଜଣା ।

ଭୁବନ ଭାବିଲା ବାପାଙ୍କୁ କହିବ, ସେ ଜମିଦାରୀ ବିକ୍ରି କରି ବରଂ କିଛି ବ୍ୟବସାୟ କିମ୍ବା ଠିକାଦାରୀ କରିବେ ।

×                    ×                    ×

ତାର କଥା ଶୁଣି ସୁନ୍ଦର ରାଗି ଉଠିଲେ । କହିଲେ, ଏ ବଂଶର ତମ୍ବା ପାତିଆ ସନନ୍ଦ ଥିବା ଯାଏ, ସେ କେବେ ନିଜର ପୈତୃକ ସମ୍ପତ୍ତି ହସ୍ତାନ୍ତର କରିବେ ନାହିଁ । ସେ ଇତରଲୋକ ପରି ବ୍ୟବସାୟକୁ ମଧ୍ୟ ପସନ୍ଦ କରିବାକୁ ଅସମ୍ମତ । ତାଙ୍କର

ବଂଶଗତ ଉପାଧି ଅଛି । ଭାଲ ଚରବାସ୍ତି ଓଡ଼ିଆ ପ୍ରମାଣ ଅଛି । ସନନ୍ଦ ଅଛି—ଏ କ'ଣ ନିରର୍ଥକ ?

ଭୁବନ ନିଜେ କଟେଷ୍ଟକୁ ଯାଇ ପ୍ରଜାମାନଙ୍କର ଆପତ୍ତି ଅଭିଯୋଗ ବୁଝି ଆସିଛି । ଆଗ ତାଙ୍କ ବଂଶଧରମାନେ ବଡ଼ ଅତ୍ୟାଚାର କରୁଥିଲେ । ଖାଲି ତାଙ୍କ ପିତାଙ୍କ ସମୟରେ ଅତ୍ୟାଚାରଟା ସିନା ନାହିଁ, କିନ୍ତୁ ପିଆଦା ତହସିଲଦାରଙ୍କ ଜୁଲମ ଛାଡ଼ି ନାହିଁ ।

ନିଜର ଅର୍ଥନୀତି ଏବଂ ପ୍ରଣୟ ଏ ଦୁଇଟିର ବିଷମ ଆବର୍ତ୍ତରେ ଭୁବନର ତରୁଣ ମନ ବାରମ୍ବାର ଘୂରିବାକୁ ଲାଗିଲା । ନିଜର ଭବିଷ୍ୟତ ପଡ଼ି ରହିଛି, ତା ସାଙ୍ଗେ ପଡ଼ିରହିଛି ସୁଜାତାର ଅସରନ୍ତି ପ୍ରେମ ।

'ଯଦି ବାପା ରାଜି ନ ହୁଅନ୍ତି···

ସେ ଆଉ ଭାବି ପାରିଲା ନାହିଁ । ବୈଠକଖାନାରେ ବସି ରହି କେବଳ ସୁଜାତାର କଥାହିଁ ଭାବିବାକୁ ଲାଗିଲା । ଶିକାରକୁ ଗଲେ ତାର ମନେ ପଡ଼େ ସୁଜାତା ଥାଆନ୍ତା କି ? ସାମାନ୍ୟ ଟିକିଏ ଆମୋଦ ପ୍ରମୋଦରେ ସେ ମନେ କରେ ସୁଜାତାକୁ, ତାର ହୃଦୟ ଝୁରେ, ଆଖିର ପିପାସା ଶାନ୍ତ ହୁଏନା···

ହଠାତ୍ ସେ ବସିଛି, ପୋଷ୍ଟ ପିଅନ ଆସି କହିଲା, ବାବୁ, ତାର···ଭୁବନ ଚମକି ପଡ଼ିଲା, ଖୋଲି ଦେଖେ ବାପୁ ତାର ପରୀକ୍ଷାରେ ପାସ୍ ଖବର ଶୁଣି ଶୁଭ ଅଭିନନ୍ଦନ ଜଣାଇଛି । ଭୁବନ ଭାରି ଖୁସି ହେଲା ।

ଡାକ ପିଅନ ଖବର କାଗଜଟିଏ ଆଣି ଦେଲା ।

ଭୁବନ ଦେଖିଲା-ସେ ଖାଲି ଦ୍ୱିତୀୟ ସ୍ଥାନଟିଏ କରିଛି— ଆଉ ବାପୁ, ବାପୁ ? ତେବେ ବାପୁ କଣ ଫେଲ ?···

ସେ ଭାବି ପାରିଲା ନାହିଁ ।

ପିଅନ ପୁଣି ଖଣ୍ଡିଏ ବଢ଼ାଇ ଦେଲା—ଭୁବନ ଚଟେ ଚିରିଦେଲା, ସବୁଜ ନେଳିଆ ରାଇଟିଂ ପ୍ୟାଡରେ ଲେଖା, ପଢ଼ିଲା—

ହୃଦୟର ସର୍ବସ୍ୱ,

ମୋର ଅନ୍ତରର ଆଶ୍ଳେଷ ଗ୍ରହଣ କରିବ । ଆପଣଙ୍କୁ ପାଇ ମୁଁ ନିଜର ଜୀବନକୁ ଧନ୍ୟ ମନେ କରୁଛି, କିନ୍ତୁ ସତ କହନ୍ତୁ ମୋତେ, ମୁଁ କ'ଣ ପ୍ରକୃତରେ ଆପଣଙ୍କୁ ପାଇ ପାରିବି ? ମାଉସୀ କ'ଣ କହୁଥିଲେ ? ବିନୁ କ'ଣ କହୁଥିଲା ?

ମନେ ପଡ଼େ ସେଦିନ ବେଳାଭୂମିରେ ସାନ୍ଧ୍ୟଭ୍ରମଣର ସ୍ମୃତି—ତା' ଅପେକ୍ଷା ଆହୁରି ଅସହ୍ୟ ହୋଇ ଉଠେ ପୂର୍ବ ଦିବସର ଆକସ୍ମିକ ଅନୁଭୂତି ବିଷୟ ଭାବି ବସିଲେ—ଅସରନ୍ତି ସମୁଦ୍ରର ଅଗଣିତ ଲହରୀ ପରେ ଲହରୀ ଉଠି ଅଶାନ୍ତ ବିବ୍ରତ କରୁଛି ବିଜନ ବେଳା ପ୍ରାନ୍ତରକୁ—ଦିଗ୍‌ବଳୟର ଅସୀମ ଧାରରେ ଆକାଶ ପୃଥିବୀ ମିଶି ଯାଇଛି ଅନନ୍ତ ଆଶ୍ଳେଷରେ—

ବୋଧହୁଏ ସେଇ ବୃତ୍ତିସ୍ୱରର ଚକ୍ରବାଳରୁ ଆମେ ଦୁହେଁ ଛାପି ଆସିଲେ ଲହରୀର ଉଚ୍ଛ୍ୱାସରେ···ନ ହେଲେକି ଯାହା ଦିନେ ହେଲେ ସ୍ୱପ୍ନରେ ଭାବି ନ ଥିଲି, ସେ ଘଟନାଟିର ଅଭିନୟ ହୋଇଥାନ୍ତା ଏତେ ଶୀଘ୍ର, ସେଇ ସମୁଦ୍ର ତୀରରେ, ପୁଣି ପରିବାରର ସମସ୍ତ ବନ୍ଧନ ଓ ପ୍ରତିବନ୍ଧକ ଆଗରେ ? ମୋର ଜୀବନ ଧନ୍ୟ ହୋଇଛି । ଆପଣ ମୋତେ ନିଜର ବକ୍ଷ ଉପରେ ଚାପି ଧରିଛନ୍ତି—ଆଉ ଅବା ଏହା ଅପେକ୍ଷା ମୋର ଅଧିକ ସୌଭାଗ୍ୟ କ'ଣ ? ସତେ କ'ଣ ଦିନ ଆସିବ, ଯେତେବେଳେ ମୁଁ ଜଳକ୍ରୀଡ଼ାର ସ୍ମୃତି ଭୁଲି ସ୍ୱତନ୍ତ୍ର କେଳିକ୍ରୀଡ଼ାର ଉପଯୁକ୍ତ ହୋଇ ପାରିବି ?

କାହାନ୍ତି ଆପଣ ? ଆଉ କାହିଁ ଅବା ମୁଁ ?

ତୁମେ କାନ୍ଦିଥିଲ          ମୁଁ କାନ୍ଦିଥିଲି
ଥିଲୁ ଈ ଜଣା,
ଦୁହିଁଙ୍କ ଜୀବନ          ସୁଖେ ଚଳୁଥିଲା
ଦୁହିଁଙ୍କ ବନା—

× × ×

ବାବୁ ଭଲ ଥିବ ଓ ମାଉସୀ ଆଦି ସମସ୍ତେ ଭଲ ଥିବେ । ଆପଣ କେବେ କଟକ ଆସିବେ ? ଆଚ୍ଛା, ମାଉସୀ କଣ ସତରେ ମୋ କଥା କେବେ କେବେ କହନ୍ତି ?

ସୁଜାତା

କି ଏକ ଅବ୍ୟକ୍ତ ଆନନ୍ଦରେ ଭୁବନର ହୃଦୟ ମନ ଉଲ୍ଲସିତ ହୋଇ ଉଠୁଥିଲା, ତା' ସେ ଜାଣେ ନାଁ । ଭାବ ପ୍ରାବଲ୍ୟରେ ସେ ନିଜେ ନିଜେ ଏତିକି କହି ଉଠିଲା—ଧନ୍ୟ ମାନସିକ—ତୁମେ ଆଜି ଅବା କ'ଣ ନ ଲେଖିଲ !

* ନଅ *

ଝଞ୍ଜାଳ ଅଙ୍କାରେ ଫସୁଛ ବେଳ—କଲେ, ବରଚ ଏଥର ଏ. ଏସ୍ ସି. ପଢ଼ିଲେ-ଆଉ କାହାଘରହା କେବେ ?

ସୁଜାତା କହିଲା, ତୋର ଖାଲି ସେଇ କଥା !

'ଆଚ୍ଛା, ଭାଇ ଘରକୁ ଯିବା ଆସିବା ତ କରୁଥିବେ ସେ ତମର । ବେଶ୍ ସୁବିଧା ହେଉଥିବ, ମନ ଖୋଲି କଥାବାର୍ତ୍ତା କରିବାକୁ ।

କେମିତି କଥା କହୁ ତୁ ଅଂଜୁ-ମୁଁ ବୁଝିପାରେ ନାଁ । ବୈଠକ ଖାନାରେ ବସି ବସି ସେ ଅନେକ ସମୟ କାଟି ଦଅନ୍ତି । ଭଲ ତାଶ ଏବଂ ବ୍ରିଜ୍‌ଖେଳ ଖେଳନ୍ତି ସେ ବାପାଙ୍କ ସାଙ୍ଗରେ । କେବେ କେବେ ମୋ ରୁମକୁ ଆସନ୍ତି, ଅନ୍ତତଃ ବୋଉ ଡାକିଲେ ।

ଓଃ ତା' ହେଲେ ତୋ ଲଭର ଖୁବ୍ ଲାଜକୁଳା, ନାଁ । କିନ୍ତୁ ସୁଜାତା, ସେଭଳି ଲୋକଗୁଡ଼ିକ ଖୁବ୍ ଚୁପ୍ ସଇତାନ । ତୁ ଦେଖି ଚିହ୍ନି ବ୍ୟବହାର କରୁଥିବୁ । ହେଇତ ତମର ସେ [redacted] ଥିଲେ, କେଡ଼େ ସରଳ ଲୋକଟିଏ । ଆଉ ଏ ଯେଉଁ ଜଣକ ତମର, ଉପରକୁ ଦେଖା ଯାଉଛନ୍ତି ବେଶ ଭଲ, ମାତ୍ର ଭିତରେ···

ହଁ, ମୁଁ ତା ଜାଣେ । ଶୁଣିଲୁ, [redacted] କୁଆଡ଼େ ବୋଉଙ୍କୁ କହୁଥିଲେ, ମୋର ବିବାହ କଥା । ବୋଉ ଭୁବନ ବାବୁଙ୍କ କଥା କହିଲା । ସେ କୁଆଡ଼େ ବିରକ୍ତ ହୋଇ କହି ପକାଇଲେ, ଭୁବନ··· କ'ଣ ଗୋଟାଏ B. Sc ପଢ଼ୁଚି—ତାକୁ ପୁଣି ସୁଜାତାକୁ ବିବାହ ଦିଆହେବ । ନାଁ ମୁଁ ଜଣେ ଏମ. ବି. ବି ଏସ୍. କୁ ଠିକ୍ କରିଚି, ତାଙ୍କୁ ଦେଖନ୍ତୁ ।

ବୋଉ କହିଲା, ଭୁବନବାବୁଙ୍କ ଘରର ମନ ଅଛି, ଆମର ମଧ୍ୟ ମନ ଅଛି—ମାତ୍ର କଥା ପଡ଼ି ନାହିଁ । ଦେଖାଯାଉ, ସେ କଥାତ ଅଛି । ସୁଜାତା ତା'ର ପାଠପଢ଼ା ଶେଷ କରୁ ।

ଅଞ୍ଜଳି କହିଲା, ହଁ ତୁ ଯୋଉ ପାଠ ଶାଠ ଏବେ ପଢୁଛୁ ତା' ତ ମା ଗଙ୍ଗେ ଜାଣନ୍ତି, ଖାଲି···

ତା' ତ ସତ ଅଞ୍ଜଳି ! ସନ୍ଧ୍ୟା ହେଲେ [redacted] ଆସି ଜୁଟନ୍ତି । ପଢ଼ାପଢ଼ି ଚାଲେ । ମୁଁ ଖାଲି ଆଖିରେ ସବୁ ଦେଖେ, ଶୁଣେ, ପଢ଼େ ଏବଂ ପୁଣି ଭୁଲେ । ମାତ୍ର ମନରେ ମୋର ଭୁବନ ବାବୁଙ୍କ କଥା ।

ଅଞ୍ଜଳି, ସେ ଏବେ ଆଗ୍ରା ଯାଇଥିଲେ ମୋ ପାଇଁ ଗୋଟିଏ ସୁନ୍ଦର ତାଜମହଲ୍ ଆଣିଛନ୍ତି !

ଓଃ ପ୍ରେମର ଆଦର୍ଶ ରୂପେ—ଧନ୍ୟରେ ପ୍ରଣୟ ! ତୁ ତ ଏଣିକି କେତେ କେତେ ଉପହାର ଆଣି ପହଞ୍ଚାଇବୁ ।

ସେ ନୀରବ ରହିଲା ।

ଅଞ୍ଜଳି ପୁଣି ପଚାରିଲା, ତେବେ ତମର ଲଭ-ମ୍ୟାରେଜ୍ ସ୍ଥିର, ଆଜି ଆମେ କ'ଣ ତୋର ମନରେ ଥିବୁ ଯେ—ଏଣିକି ତ ତୁ ମୋର ମୁଁ ତୋର, ଆଜି ସମସ୍ତେ ପର ।

କାହିଁ ତମେ ସେତେବେଳକୁ 'ମୁଁ ତୋର, ତୁ ମୋର' ହୋଇ ଯାଇ ନ ଥିବ ଯେ—

କିଏ କହିଲା ?

ଉଷା,

ସେ କେମିତି ଜାଣିଲା—

ତମେ ତା'କୁ କହିଥିବ !

ନାଁ, ମୁଁ କାହାରିକୁ କିଛି କହି ନାହିଁ ସୁଜାତା ! ଏ ଜୀବନରେ ମୁଁ କାହାକୁ ଭଲ ପାଇ ପାରି ନାହିଁ । ତାର କାରଣ, ମୁଁ ଶୁଣେ ଭଲ ପାଇବା ଏ ବୟସରେ ସ୍ୱାଭାବିକ ବିପଦ । କିନ୍ତୁ ସୁଜାତା ମୁଁ କିଛି ବୁଝି ପାରେ ନାଁ, କାହିଁକି ଯେ ଜଣେ ଜଣକ ପାଇଁ ଏତେ ଦୂର ପାଗଳ ହୁଏ, ଏତେ ଦୁଃଖ କଷ୍ଟ ଓ ତ୍ୟାଗ ସ୍ୱୀକାର କରେ, କାହିଁକି ଏ ବୟସରେ ଜଣକ ପାଖରେ ଆତ୍ମ-ନିବେଦନ କରିବାର ବଳବତ୍ତୀ ଇଚ୍ଛା ହୁଏ, ମୁଁ ଜାଣେ ନା । ମୁଁ ନିଜକୁ ଖୁବ୍ ସଂଯତ ରଖିଛି । ଅର୍ଗଳବଦ୍ଧ ମନ୍ଦିର ପରି ନିଜତ୍ୱକୁ ବଜାୟ ରଖିଛି, କିନ୍ତୁ ସୁଜାତା, ଆଉ ପାରୁ ନାହିଁ । ହୃଦୟ ଉଦ୍‌ବେଳିତ ହୋଇ ଉଠୁଛି, ନିଜର ସର୍ବସ୍ୱ ଅନ୍ୟ କାହା ପାଦତଳେ ଢାଳି ଦେବାକୁ, କାହାର କୋଳରେ ମୁଣ୍ଡ ଗୁଞ୍ଜି ନିଜର ସୁଖ ଦୁଃଖର କାହାଣୀରେ ଆଖି

ଫୋଟିବାକୁ ମନ ଚାହୁଁଛି—ଦେହଟା ସାଙ୍ଗ ଏମିତି ଏକ ତନ୍ଦ୍ରିତ କମ୍ପନ ସୃଷ୍ଟି ହୋଇଛି ଯେ ମୁଁ ଭାବୁଛି, ଏ ଦେହ ମନଟା ଯେମିତି ଏ ବସ୍ତୁସତରେ ଆଉ ମୋର ନିଜର ହୋଇ ରହିବ ନାହିଁ, ଯଦି ତରୁଣର ଆଶ୍ରୟ ନ ମିଳେ···

ସୁଜାତା ଦୀର୍ଘଶ୍ୱାସ ପକାଇଲା ।

ଛୁଟି ଘଣ୍ଟା ବାଜିଲା । ଦୁଇଟି ତରୁଣୀ ଜୀବନର ଅଭାବ ଅନୁ-ଯୋଗ ଖାଲି ମର୍ମେ ମର୍ମେ ଅନୁଭବ କଲେ ।

ଗାର୍ଲସ୍କୁଲରେ ପାଠ ପଢ଼ା ଚାଲିଚି । ସୁଧା ବେଳେ ବେଳେ ଆସି ଅଞ୍ଜଳିକୁ ପଚାରେ, ଆମେ କାହିଁକି ଏତେ ଗୁଡ଼ାଏ ପରିଶ୍ରମ କରି ପାଠ ପଢ଼ୁଚେ ? ମୋର ତ ମନେ ହୁଏ, ବହିପତ୍ର ଗୁଡ଼ାକ କି ରାକ୍ଷସ, ଦିନ ଦିନ ଆମକୁ ପଳ ପଳ କରି ଶୋଷି ଖାଇ ଦେଉଛନ୍ତି ।

ସେଦିନ ସଂସ୍କୃତ ଥିଲା । କେହି ଘୋଷା ଘୋଷି କରି ଆସି ନାହାନ୍ତି, ତରତରରେ ଖାତାପତ୍ର କଡ଼ରେ ଧାତୁରୂପ ଟିପିଟାପି କରି ଦେଉଛନ୍ତି । ଅଞ୍ଜଳିର ପାଳି ପଡ଼ିଲା, ସେ କହି ପାରିଲା ନାହିଁ । ନୀରବ ହୋଇ ରହିଲା ।

ମାସୀମା ଗାଳି କରି କହିଲେ, କି (Backbench Leader) ପଛୁଆ ନେତା ··ଏଠିକି କ'ଣ ତେହେରା ଦେଖାଇବାକୁ ଆସିଚ । କ'ଣ ଏ ଯୁଗ ହେଲା । ଏଠିକି ଏମାନେ ତ ଆଉ ପାଠଶାଠ ପଢ଼ିଲେନି । କିଏ ପଢ଼ୁଛି ତ', କିଏ ଗପ କରୁଛି । କାହାର ଅଙ୍କ ହେଉନି ତ କାହାର ଇଂରାଜୀ ହେଉନି । ଆଉ ପୁଣି ଫାଜିଲାମି ବେଳକୁ ଆଗଭିଆଣ ।

ସୁଧା ଅଞ୍ଜଳି ଆଡ଼େ ଚାହିଁଲା । ଆଖିର ଭାଷା ଆଖି ବୁଝିଲା । ଏଇ ମାସୀ ମା—ଦିନେ ହୁଁ ଏ ଟାଉନର ପରିଗଣୀ ବୋଲି ଖ୍ୟାତି ପାଇଥିଲେ—ଅଖ୍ୟାତି ଥିଲା ମଧ୍ୟ । ସୁଧା କିଛି କହି ପାରିଲା ନାହିଁ । ଚାହିଁଲା ନମିତା ଆଡ଼େ । ସେ ଭଲ ପଢ଼େ, କ୍ଲାସରେ ପ୍ରଥମ ହୁଏ ।

ନମିତା ମୁହଁରେ ହସ—
ନନ୍ଦୀ ମୁହଁ ମୋଡ଼ ଦେଲା ।

କ୍ଲାସରେ ମାଷ୍ଟ୍ରେ ପୁଣି ପଢ଼ାଇବାକୁ ଲାଗିଲେ । ସୁଜାତାର ଏଥି ପ୍ରତି ଲକ୍ଷ୍ୟ ନାହିଁ । ସେ ଭାବୁଚି, କେତେ କ'ଣ ଭାବୁଚି— ଆକାଶ···ପାତାଳ—କ'ଣ ସେ ଥିଲା, ବର୍ତ୍ତମାନ ତାର ଅବସ୍ଥା କ'ଣ ହେଲାଣି ? ସେ ଆଉ ପଢ଼ାପଢ଼ି କରି ପାରୁ ନାହିଁ । ୧୦ମ ଶ୍ରେଣୀ । ଗୁପା ଉପରେ । ଭଗବାନ······

ସେ ପିରିଅଡ଼ଟା ଗଲା । ଯନ୍ତ୍ରଚାଳିତ ମୂର୍ତ୍ତିଟି ପରି ସେ ପୁଣି ବସିଲା, ବହି ଲେଉଟାଇଲା । ମାଷ୍ଟ୍ରେ ଆସିଲେ ଉଠିଲା, ବସିଲେ ବସିଲା, ଗଲେ ଛିଡ଼ା ହେଲା ।

ଘଣ୍ଟାଗୁଡ଼ାକ ତାର ଏମିତି କଟିବାକୁ ଲାଗିଲା । କଳ୍ପନାର ଧୂଆଁ ଆଉ କୁହୁଡ଼ି ଭିତରେ ତାର କୋମଳ ପ୍ରାଣଟା ଖାଲି ଖେଳ ବୁଲିଲା । ସେ ଭାବେ କ'ଣ ହେଲା ତାର ? କ'ଣ ହେଲା ଏ ଛାତିର ? ମନ ଭିତରେ କ'ଣ ଆଉ ରହିଗଲା ?

ସେଇ ଦେହ ମନ ତ ଅଛି । ତା ହେଲେ ଛାତି ଭିତରେ ଏତେ ଭାର କାହିଁକି ?

ଫେରିଲା ଘରକୁ । ଟିଉସନ ମାଷ୍ଟ୍ରେ ଆସିଲେ, ପଢ଼ାପଢ଼ି କଥା ପଚାରିଲେ । ଅନ୍ୟମନସ୍କ ଭାବରେ ସେ ବରାବର ଉତ୍ତର ଦିଏ । ତାର ଇଚ୍ଛା ଯେ ଭୁବନ ବାବୁ ଆସନ୍ତେ ତାକୁ ପଢ଼ାଇ ଦେଇ ଯାଆନ୍ତେ ।

ତାପରେ······

ରାତି—ଜହ୍ନ ରାତି—ଗୁହଗମ ଉପରେ ନ ହେଲେ ଛାତ ଉପରେ ଦୁଇଜଣଯାକ ବସି ଗପସପ କରନ୍ତେ—କୋଳରେ ମୁଣ୍ଡ ଥୋଇ ସେ ଶୋଇ ପଡ଼ନ୍ତା । ସୁଲୁ ସୁଲୁ ପବନ ବୋହୁଥାନ୍ତା— ଝିଙ୍କିରି ଡାକ ଶୁଭୁଥାନ୍ତା । କୋମଳତମ ହୃଦୟ ତାର-ହଠାତ୍ ସେ

କ'ଣ ଏକ ସ୍ୱପ୍ନ ଦେଖି ଚମକିପଡ଼ନ୍ତା···ଉଠି ଭୁବନର ବେକ ଧରି କହନ୍ତା, ପ୍ରିୟ···

ସେ ପଚାରନ୍ତେ, କଣ ହେଲା ?

କ'ଣ ଗୋଟାଏ ସ୍ୱପ୍ନ ଦେଖିଲି—

କ'ଣ ?

ତୁମେ ଆଉ ମୁଁ ଉଡ଼ି ଯାଉଚେ ଜହ୍ନରାଜ୍ୟରେ ଶୀତଳ ଶିହରଣରେ ଏଇ ଊର୍ଦ୍ଧ୍ୱକୁ···ତାପରେ ମୁଁ ତମ ଦେହରେ କ୍ରମେ ମ୍ଳାନ ହୋଇ ଯାଉଚି···

ସେ କୁହନ୍ତେ ଏଗୁଡ଼ାକ କି ପାଗଳାମି ସୁଜାତା ? ତୁମେ ତ ମୋର ଦେହ ମନ ହୃଦୟ ଆଉ ପ୍ରାଣର ପ୍ରତି ରନ୍ଧ୍ରରେ ପୂରି ଯାଇଚ ଆଉ ଅବା କଣ ରହିଚି ମୋର ଅଦେୟ !

ଏତିକିରେ ସେ ମୁଗ୍‌ଧ ଦୃଷ୍ଟିରେ ତାଙ୍କର ମୁଖଆଡ଼େ ଚାହାନ୍ତା । ଚତୁର ପ୍ରିୟ ବନ୍ଧୁ ଚିବୁକଟି ତାର ହାତରେ ଟିକେ ମୃଦୁ ଉତ୍ତୋଳିତ କରି, ଦିଅନ୍ତେ ସ୍ନିଗ୍‌ଧଶୀତଳ ଏକ ମୃଦୁଳ ଚୁମ୍ବନ··

* ଦଶ *

ଲାବୋରେଟୋରୀରେ ଏକାକୀ ବସି ଭୁବନ ତାର ଏକ୍‌ସପେରିମେଣ୍ଟ ଚଳାଇଛି । ଆନନ୍ଦ ନାହିଁ, ତଥାପି ଏକାଗ୍ରତା ରହିଚି ।

ଲାବୋରେଟୋରୀ···ପ୍ରକାଣ୍ଡ କାରଖାନା । ଭୁବନ ସ୍ଥିର ଦୃଷ୍ଟିରେ ଠିଆ ହୋଇଚି । କାଠର ଲମ୍ବା ଲମ୍ବା ର୍ୟାକ—ସଂଯୁକ୍ତ କରିଚି ମଝିରେ ଗୋଟାଏ ଦ୍ୱାର । ଦୋକାନର ସୋ' କେଶ୍ ପରି ବୃହତ୍ । ମଝିରେ ପ୍ୟାସେଜ—କଣ୍ଟ୍ରପଣ ଖାତା ସବୁ ପ୍ୟାସେଜ ଉପର ଓଡ଼ଶିକାଠ ଉପରେ ରହିଚି ।

ଟେବୁଲଟା ଉପରେ ଭୁବନ ବସି ପଡ଼ିଲା । ଛୁଡ଼ା ହୋଇ ହୋଇ ଅଣ୍ଡା ଗ୍ରାଙ୍ଗ ମଜୁତ । ତାହାଛଡ଼ା, ଜ କୁଆଡ଼କୁ ତାର ଲକ୍ଷ୍ୟ ନାହିଁ । ନତମସ୍ତକ ହୋଇ ସେ ଟେଷ୍ଟ ଟିଉବକୁ ଚାହିଁ ରହିଛି । ବାହାରୁ କେହି ଆସିଲା ପରି ଜଣାଗଲା । ପାସେଜ୍ ନିକଟରେ ଭୁବନ ବସିଛି । ଉଠି ପଡ଼ିଲା । ଅଣ୍ଡା ନଇଁ ସେ ପୁଣି ଟେଷ୍ଟ ଟିଉବ୍‌କୁ ଧରିଲା । ଏତେ ଏକାଗ୍ରତା ସତ୍ତ୍ୱେ ତାର ମନେ ହେଲା, ଯେପରି ଜଣେ କେହି ବାହାରୁ ଆସୁଛି । ସେଇବାଟେ ଦେଇ ଯିବ, ଅଥଚ ପାସେଜ୍ ଲକ୍ ଉପରେ ତାର ବହି ପତ୍ର ଥୁଆ ହୋଇଛି ।

ଅନ୍ୟମନସ୍କ ଭାବରେ ସେ ତାର ବାଁ ହାତ ବଢ଼ାଇ ଦେଲା ବହିପତ୍ରକୁ ପାସେଜ ଉପରୁ ଅନ୍ୟତ୍ର ନେଇ ଥୋଇ ଦେବାକୁ, ହାତ ତାର ନିଭୃତ କୋମଳ ଜିନିଷଟିଏ ସ୍ପର୍ଶ କଲା । ସେ ବାଁ ହାତଟାକୁ ଆହୁରି ସ୍ପଷ୍ଟତର କରି ବହିପତ୍ର ଭ୍ରମରେ ଲୀଳାର ଲୁଗା କାନିକୁ ଟାଣି ନେବାକୁ ବସିଲା···ଲୁଗାର ସ୍ପର୍ଶ ଅନୁଭବ କରି ଏକାଗ୍ର ଭୁବନ ଚାହିଁ ଦେଖିଲା, ସେ ଲୀଳାର···ଅର୍ଦ୍ଧ ଦେହର ନିଭୃତ ଉପତ୍ୟକାରେ···

ତା'ର ଦେହଟା କ'ଣ ହୋଇଗଲା । ଛାତି ଧାଉଁ ଧାଉଁ ଉଠିଲା, ପଡ଼ିଲା । କ'ଣ ଭାବିଥିବ ଲୀଳା···ଯଦି ଆଉ କେହି ଦେଖି ଥିବେ, ସିଓର୍ ଏକ୍‌ସପେଲ୍ଡ୍···ତାର ମୁହଁ ନାଲି ପଡ଼ିଗଲା···

ଲୀଳା ନିଜ ହାତରେ ପାସେଜ ବନ୍ଦ କରି ଭୁବନ ପାଖରେ ଆସି ଠିଆ ହେଲା । ତାର ମନର ବିଶୃଙ୍ଖଳ ଆଶଙ୍କା ଜାଣିପାରି ସେ ସାନ୍ତ୍ୱନା ଦେଇ କହିଲା, Never mind ଭୁବନ ବାବୁ, ଆପଣଙ୍କ କାମ ଆପଣ କରନ୍ତୁ···

ଭୁବନ ଭାବିଲା, ଏ'ଟା ଲୀଳାର ସ୍ୱଭୁଷା । ଯିଏ ଗୋଟାଏ ଗାର୍ଲ୍ ଷ୍ଟୁଡ଼େଣ୍ଟର ଅତି ନିଭୃତ ଉପତ୍ୟକା ସ୍ପର୍ଶ କରିଛି—ଅବଶ୍ୟ ତାର ଅଜାଣତରେ, ତାକୁ କ'ଣ କ୍ଷମା ଅଛି ?

ବିବ୍ରତ ଅପରାଧୀଟି ପରି ସେ ମିନତିଭରା କରୁଣ ଦୃଷ୍ଟିରେ ଚାହିଁଲା । ଲୀଳା କହିଲା, ଭୁବନ ବାବୁ, ମୋତେ କ'ଣ ମଣିଷ ବୋଲି ଭାବୁ ନାହାଁନ୍ତି ? ଅଟେ କହିଲି ପରା, ଏକ୍ସପେରି-ମେଣ୍ଟ କରିଯାନ୍ତୁ—ଆପଣଙ୍କର ବହୁତ ଗୁଣ୍ଡାଏ ବାକି ରହିଛି । କ'ଣ ଭାବୁଛନ୍ତି ?

ଭୁବନ ନୀରବ ।

ଲୀଳା କହିଲା, ଆପଣ କ'ଣ ଗୁଣ୍ଡାଏ ଭାବୁଛନ୍ତି । ମୁଁ ତ ନିଜେ କିଛି ଭାବୁନି, ଆପଣ ଏତେ ବ୍ୟସ୍ତ କାହିଁକି ? ମୋର ମାନ ସମ୍ମାନ କୌଣସି ମତେ ନଷ୍ଟ ହୋଇନି ବରଂ ମୁଁ ଆସିବା ହେତୁ ଆପଣଙ୍କ କ ମରେ ବ୍ୟାଘାତ ଜନ୍ମିଲା । ଆଚ୍ଛା, ମୁଁ ଯାଉଚି ।

ଚାଲିଯିବାକୁ ବସିଲା ଲୀଳା । ଭୁବନର ଆଶଙ୍କାପ୍ରବଣ ଦୃଷ୍ଟି ଦେଖି ସେ ଭାବିଲା ଭୁବନବାବୁ ଡରୁଛନ୍ତି । ସେ ରହିଗଲା । କହିଲା, ଦୋସ୍ତ ମୋର ଭୁବନବାବୁ, ମୁଁ ପାସେଜ ଉପରୁ ବନ୍ଧ-ପଟକୁ ଅନ୍ୟ ଦିଗକୁ ଠେଲି ଦେଇ ପଶି ଆସୁଥିଲି ଆପଣଙ୍କ ଅଜାଣତରେ । ଆପଣ ପାସେଜ ଉପରୁ ବନ୍ଧ କାଢିଦେଲେ ମୁଁ ଆସି ପାରିବ ବୋଲି ହାତ ବଢ଼ାଇ ଦେଉଥିଲେ । ମୁଁ ଦେଖିଛି, ଆପଣଙ୍କ ଦୃଷ୍ଟି ଥିଲା, ଟେଷ୍ଟ ଟିଉବ୍ ପାଖରେ । ଆପଣଙ୍କର କାମରେ ବ୍ୟାଘାତ ନ ଦେବା ପାଇଁ ମୁଁ ଯାହା କଲି, ଅନ୍ତତଃ ଭଦ୍ରତା ଖାତିରରେ ଆପଣ ସାହା କରିବାକୁ ଗଲେ, ସେଇଟା କୌଣସି ମତେ ମୋତେ ଆଘାତ ଦେଇ ନାହିଁ । ଦେହଟା ଗରମ ଗରମ ବୋଧ ହେଉଚି ସତ, କିନ୍ତୁ କେବେ ଭାବନ୍ତୁ ନାହିଁ ଯେ ମୁଁ ଆକ୍ରୋଶ ରଖି ଆପଣଙ୍କ ନାଁରେ ପ୍ରିନସିପାଲଙ୍କୁ ରିପୋର୍ଟ କରିବ । ମୁଁ କ'ଣ ଏତେ ଦୂର ଅଭଦ୍ର ? ଆପଣ ଏପରି ବ୍ୟତିବ୍ୟସ୍ତ ଅଧୀର ହୋଇ ପଡ଼ିଲେ ନାଁ କ'ଣ ?

ଭୁବନର ଦେହକୁ ଝାଳ ବୋହି ଆସିଲା । ସେ କେବଳ ଏତିକି ପଚାରିଲା, ମୋତେ ଭୁଲ ବୁଝି ନାହିଁ ତ ?

ନାଁ କଦାପି ନୁହେଁ । ଲୀଳା ଏତିକି କହି ଦେଖିଲା, ଭୁବନର ସନ୍ଦେହଟା ପୁରାପୁରି ତୁଟି ପାରୁନି । ମନେ ମନେ କହିଲା, ଏତେ ମାଇଚିଆ ଏ ପୁରୁଷ ଜାତି···କ'ଣ ଟିକେ ସାମାନ୍ୟ ଘଟଣା ଘଟିଲା—ସେଥିରେ ଏତେ ବିଚଳିତ ହୋଇ ଉଠୁଛନ୍ତି । ପାଖକୁ ଲାଗିଯାଇ କହିଲା, ଏ ଏକ୍‌ସପେରିମେଣ୍ଟଟା କେମିତି କରୁଛନ୍ତି···

ଏତିକି କହି ସେ ଭୁବନର ମେଥଡ୍‌ଟା ଦେଖିନେଲା । କହିଲା, ଠିକ ଅଛି ତ ?

ତଥାପି ଭୁବନ ନୀରବ । ଭାବୁଥାଏ ଲୀଳା ତାର କ୍ଲାସମେଟ୍—ଯଦି ଏ ଘଟନା ପଦାକୁ ଫିଟେ···

ପ୍ରଫେସର ମିଶ୍ରଙ୍କ ଆସିବାର ପାଦ ଶୁଣାଗଲା । ଲୀଳା କିଛି ଦୂର ଘୁଞ୍ଚିଗଲା । ଗଲାବେଳେ କହିଲା, ଭୁବନ ବାବୁ, ଦେଖନ୍ତୁ । ଏ ଘଟନାଟା ଯେପରି ଆପଣ ଓ ମୋ ବ୍ୟତୀତ ଅପର କାହାରି କାନକୁ ନ ଯାଏ···

ଭୁବନ କହିଲା, ନାଁ ମୋତେ ଆଉ ଭୁଲ ବୁଝନା···

ଧନ୍ୟବାଦ ।

ଲୀଳା ଯିବାର ପରେ ପରେ ପ୍ରଫେସର ମିଶ୍ର ଆସି ପହଞ୍ଚିଗଲେ —ଭୁବନର ଛାତି ଉପରେ, ପଡ଼ୁଛି—ବାପ୍‌ରେ ବାପ୍ ! ଏ କଣ କମ୍ ଘଟଣା—କମ୍ ଆକ୍‌ସିଡେଣ୍ଟଟିଏ···

ପ୍ରଫେସର ମିଶ୍ରଙ୍କ ପଛେ ପଛେ ଆଉ କେତେଜଣ ଛାତ୍ର ଛାତ୍ରୀ ଆସି ପହଞ୍ଚିଗଲେ । ପ୍ରଫେସର ମିଶ୍ରଙ୍କୁ ଦେଖି ଭୁବନ ନମସ୍କାର କଲା । ସେ ପଚାରିଲେ, କହ ତୁମର ଏକ୍‌ସପେରିମେଣ୍ଟ କେତେ ଦୂର ଗଲା ? ତୁମେ ଏତେ ପଛେଇଲେ ପାରିବ ତ ?

ଭୁବନ କିଛି କହିଲା ନାହିଁ । ଅଧ୍ୟାପକ ମିଶ୍ର କହିଲେ, ଡେରି କର ନାଁ, ଶୀଘ୍ର ଆରେଇ ଚାଲ...ନ ହେଲେ ତୁମେହିଁ ବଡ଼ ବ୍ୟସ୍ତରେ ପଡ଼ିବ । ତମ ପାଇଁତ କିଛି ପ୍ରୋଗ୍ରେସ୍ ଅପେକ୍ଷା କରିବ ନାହିଁ—ଛାତ୍ର ଛାତ୍ରୀମାନେ ଯେଝା ଯେଝା ସ୍ଥାନରେ ବସିଲେ । ଭୁବନର ଅସ୍ଥିର ହୃଦୟ ଏପର୍ଯ୍ୟନ୍ତ ଦୋହଲୁଛି । ସେ ପୁଣି ଟେଷ୍ଟ ଟିଉବ୍‌କୁ ନିରୀକ୍ଷଣ କରି ଚାହିଁଲା । ଚାହିଁଛି...

ତାର ମନେ ପଡ଼ିଲା, ଏବେ ଏକ୍‌ସପେରିମେଣ୍ଟ ବାକି ପଡ଼ିଗଲା କାହିଁକି ? ସୁଜାତା...

ହାତ ତାର କାମ କରୁଛି । ଆଖି ମାତ୍ର ଚାହିଁଛି । ମନରେ କିନ୍ତୁ ଚେତ ଉଡୁଛି ସୁଜାତାର ଆଶାରେ । ଏକାଗ୍ରତା ନାହିଁ । ତଥାପି ଏକ୍‌ସପେରିମେଣ୍ଟ ଚାଲିଛି । ଭୁବନ ଚାହିଁଛି—

ନିଆଁ ଜଳି ଉଠିଲା ତାର ଲୁଗାପଟାରେ, ପୋଡ଼ିଗଲା ସବୁ—

ପିଲାଏ ଚିତ୍‌କାର କରି ଉଠିଲେ, ପୋଡ଼ିଗଲା, ପୋଡ଼ିଗଲା, ଭୁବନ...

ବନମ ଦୌଡ଼ିଆସି ତାକୁ ଗଡ଼ାଇ ଦେଲା । ତଥାପି ଭୁବନର ଦେହ ଟିକେ ସିଝିଗଲା । ସବୁଠାରୁ ବେଶୀ ଆଘାତ ଲାଗିଲା ତାର ବେକ ପାଖରେ । କଲରବୋନ ପାଖ ବିଲକୁଲ ସିଝିଗଲା ।

ଅଧ୍ୟାପକ ଦୌଡ଼ି ଆସିଲେ । କେତେ କେତେ ପିଲାଏ ମଧ୍ୟ ଲାବୋରେଟରୀକୁ ଚାଲି ଆସିଲେ । ଅଧ୍ୟାପକ ଭୁବନକୁ ଶୀଘ୍ର ଡାକ୍ତରଖାନା ପଠାଇବାର ବ୍ୟବସ୍ଥା କଲେ ।

କଲେଜ ସାରା ଗୋଟାଏ ଚହଳ ପଡ଼ିଗଲା । ଗାର୍ଲ୍ ଷ୍ଟୁଡେଣ୍ଟ ମାନେ କମନରୁମ ଛାଡ଼ି ଆସି ବାରଣ୍ଡାରେ ଠିଆ ହେଲେ । O.R.C. 1335ରେ ଭୁବନକୁ ମେଡ଼ିକାଲ ପଠାଗଲା ।

ଅଞ୍ଜଳି ଏ ଦୁର୍ଘଟଣା ପରେ ଅତ୍ୟନ୍ତ ବ୍ୟଥିତ ହୋଇ ପଡ଼ିଲା। ତା'ର ମନେ ହେଲା, ସେ ନିଜେ ହିଁ ଭୁବନର ଏ ବିପଦ ପାଇଁ ଦାୟୀ। କାହିଁକି ସେ ସେଠାକୁ ଯାଇଥିଲା ?

ଜଣାର ଆଖି ଛଳ ଛଳ ହୋଇ ଆସିଲା। ସେ ମନେ ମନେ କହିଲା, ସୁଜାତା···ତୋର ଭାଗ୍ୟରେ କ'ଣ ଅଛି କେଜାଣି ଭଗବାନ ଜାଣନ୍ତି। ମାତ୍ର ମୁଁ ଦେଖୁଛି, ତୋ'ର ପାଇଁ ଭୁବନ ବାବୁଙ୍କର ମନପ୍ରାଣ ଜଳିପୋଡ଼ି ଯାଉଛି। ଆଜ ମଧ୍ୟ ଦେହଟା ବି ଜଳି ପୋଡ଼ିଗଲା—ଭଗବାନ···

## ❋ ଏଗାର ❋

ସୁଜାତା ମାଟ୍ରିକ୍ ଫାଷ୍ଟକ୍ଲାସକୁ ପ୍ରମୋଶନ ପାଇଛି। ସେଥି-ପାଇଁ ତାକୁ କେତେ ଯେ କଷ୍ଟ ସ୍ୱୀକାର କରିବାକୁ ପଡ଼ିଛି, ତା' ସେ ଜାଣେ। ଅନ୍ତରଙ୍ଗ ସଖୀ ଅଞ୍ଜଳି ତାର ପ୍ରମୋଶନ ପାଇଁ ଯଥାସାଧ୍ୟ ଚେଷ୍ଟା କରିଛି—ଏପରିକି ନିଜ ହାତରୁ ଟଙ୍କା ପଇସା କର୍ଚ୍ଚ ମଧ୍ୟ।

ତେବେ ସୁଦ୍ଧା ସୁଜାତା ସୁଖୀ ହୋଇ ପାରିନାହିଁ। ହିଷ୍ଟ୍ରି ମାଷ୍ଟର କହିଥିଲେ ପଢ଼ିଥିଲା। ତଣୋଟି ପୃଷ୍ଠା ଯାଡ଼ି ସାରି ଥୋଇଦେଲା। ପୁଣି, ପୁଣି ପଢ଼ିଲା, ଘଟନାର ବୈଶିଷ୍ଟ୍ୟ ଦେଖି ତା'ର ମନରେ ସନ୍ଦେହ ଜନ୍ମିଲା, ମନେ ପଡ଼ିଲା। ପୂର୍ବ ପରିଚିତ ବିନୋଦ··· ପ୍ରକୃତରେ ସେ ତା'ର ଅନ୍ତର ବୁଝିଥିଲେ।

ଆଜି ଏ···କମିତିକା ସନ୍ଦେହ ଚକ୍ଷୁରେ ସୁଜାତା ତାଙ୍କୁ ବସି ବରି ଦେଖେ। ହେଲେ, ଭରସି କରି କିଛି କହି ପାରେ ନାହିଁ। ସେ ତା'ର ଅନ୍ୟ ମନସ୍କଭାବକୁ ବରାବର ଲକ୍ଷ୍ୟ କରୁଥାନ୍ତି।

ଆଉ ବାପା— ହିଉଟର ତ ତାଙ୍କର ବର୍ତ୍ତମାନ ଡାହାଣ ହାତ । ବ୍ୟବସାୟ ଫନ୍ଦ ଫିକର ।

ମଉଜ୍ ମଜଲିସ୍, ବୁଲବୁଲି—ସବୁଥିରେ ଯେପରି ଧରଣୀ-ବାବୁ ବାପାଙ୍କୁ ସାହାଯ୍ୟ କରୁଛନ୍ତି । ସୁଜାତାର ମନରେ ଆଶଙ୍କା ଜାତହୁଏ ।

ସେ ଫେରବୁହେଁ ଅଶାନ୍ତରୁ । ଅଶାନ୍ତ ତା'କୁ ଶାନ୍ତି ଦେଇ ପାରେ ନା । ମନ ଭୁଲିଯାଏ ଭବିଷ୍ୟତର ସବୁଜ ସ୍ନିଗ୍ଧ ସ୍ୱପ୍ନରେ । ସେ ତା'ର ନିଜତ୍ୱ ହରାଇ ବସେ ।

ବିନୁର ଚିଠି ଖଣ୍ଡିକ ପୁଣିଥରେ ପଢ଼ିବାକୁ ଇଚ୍ଛା ହେଲା । ତା'ର ପାଠପଢ଼ା ସରି ଯାଇଚି, ଘରେ ଅଛି । ସହରର ଜଳବାୟୁ-ଠାରୁ ସେ ବହୁତ ଦୂରରେ—ତଥାପି ମନର ଭାଷା ଲେଖିଛି । ସୁଜାତା ପଢ଼ିବାକୁ ଆରମ୍ଭ କଲା । ବିନୁ ଲେଖିଛି—

ଅପା,

ମୋର ନମସ୍କାର ଗ୍ରହଣ କରିବ, ତମର ଚିଠି ପାଇଲି । ଘଟଣାଟା ପ୍ରକୃତର ଜାଣିବା ପାଇଁ ଚେଷ୍ଟା କଲି । ସମୟ ଲାଗିଲା । ଉତ୍ତର ଦେବାରେ ଡେରି ହେଲା । କ୍ଷମା ଦେବ ।

ତମକୁ କେବେ ନୂଆବୋଉ ବୋଲି ଡାକିବି ସୁଜାତା ଅପା ? ଭଗବାନ ଜାଣନ୍ତି, ମୁଁ ତ ବରାବର ଲାଗିଚି । ତମକୁ ତ ବହୁତ ଥର ଲେଖିଲିଣି, ସେଇକଥା । ଭାଇଙ୍କର ଏକା ଭାରି ମନ ଅଛି । ତମେ ଖାଲି ବରାବର ଲେଖୁଚ, ମୁଁ କମିତି ଜାଣିଲି ? ଆଚ୍ଛା ଅପା, ମୁଁ କ'ଣ ଭାଇଙ୍କି ଯାଇ ନିଜେ ମୁହାଁମୁହିଁ ପଚାରନ୍ତି, ଭାଇ, ସୁଜାତା-ଙ୍କର ଭାରି ଇଚ୍ଛା ତମକୁ ବାହା ହେବା ପାଇଁ; ନାଁ କହିଥାନ୍ତି, ସୁଜାତାଙ୍କର ଭାରି ମନ ମୋ ମୁହଁରୁ ନୂଆବୋଉ ଡାକ ଶୁଣିବାକୁ । ଏ କଥା କଣ ଭାଇଙ୍କ ଆଗରେ କହିହୁଏ । ତମେ ତ ବରାବର

ଲେଖୁଚ, ବନ୍ଧୁ, ମୋ ପାଇଁ ତମେ ତମ ଭାଇଙ୍କି ସବୁ କଥା ଫରୁଷ ଦିଅ । ମୁଁ ତ ଯତ୍ନ କରୁଚି । କହୁଚି ପରା, ଭାଇଙ୍କର ଭାରି ମନ ଅଛି । ଆଜି ଏ ବାହାଘରଟା ହୁଅନ୍ତା 'Love marriage' ତମ-ଦୁହିଁଙ୍କ ଭିତରେ ଭିତରେ ତ ସନାତନ ପ୍ରୀତି Love.

ବାପାଙ୍କ କଥା ? ତମ ଭଉଣୀ କଏ ସବୁ ଆସିଥିଲେ, କଥା ପଡ଼ିଲା । ବାପା ଜିଦ ଧରି ବସିଛନ୍ତି, ଭାଇ ଜଣେ ଇଞ୍ଜିନିଅର ହେବେ । ଟଙ୍କା ଯାହା ଖର୍ଚ୍ଚ ହେବ, ତା'ପାଇଁ ତାଙ୍କର ପରୁଆ ନାହିଁ । ବରଂ ଜମିବାଡ଼ି ବିକି ତାଙ୍କୁ ପଢ଼ାଇବେ । ଆଉ ଆମ ସାନ ଭାଇ ହେବେ ଡାକ୍ତର । ତାଙ୍କୁ କୁଆଡ଼େ ଭାଇ ପଢ଼ାଇବେ ।

ସତ କହୁଚି ଅପା, ବାପାଙ୍କର ଆଦୌ ଇଚ୍ଛା ନାହିଁ— ଭାଇଙ୍କୁ ବର୍ତ୍ତମାନ ବାହା କେବାକୁ । ବୋଉର ମନ ଅଛି, ହେଲେ ସୁଦ୍ଧା, ବାପାଙ୍କ ନାଲି ଆଖି ଦେଖିଲେ ବୋଉ ତ ପିମ୍ପୁଡ଼ି ଗାତ ଖୋଜେ ଲୁଚିବାକୁ । ବାପା କ'ଣ ଖରାପ କହୁଛନ୍ତି ? ଭାଇ ଇଞ୍ଜିନିଅରିଂ ପାସ କରି ଆସିବେ, ବାହା ସା' ହେବେ, ଘର ସଂସାର କରି ରହିବେ । ମଝିରେ ଏ ସବୁ ଗଣ୍ଡଗୋଳ ହେଲେ ତାଙ୍କର ପଢ଼ାରେ କ୍ଷତି ହେବ । ଆମର ନରେନ୍ଦ୍ର ଭାଇ ତ ବି. ଏ. ପରୀକ୍ଷାରେ ଆଉ ପାସ କରି ପାରିଲେ ନାହିଁ । ଖାଲି ଭାଉଜଙ୍କୁ ଧରି ବୁଲିଲେ ଏଣେ ତେଣେ । ବାପା ସେଇ ଭୟରେ ମନା କରିଦେଲେ । ଆପଣଙ୍କ ଲୋକେ ଚାଲିଗଲେ ।

ଗଲା ପରେ ବାପା ଓ ଜେଜେବାପାଙ୍କ ( ବାପାଙ୍କ ବାବା ) ମଧ୍ୟରେ ବହୁତ ଆଲୋଚନା ଲାଗିଲା । ଆଲୋଚନା ହେଲା ଜାତି ଗୋତ୍ର କଥା । ବାପା କହିଲେ ଆମେ କୁଆଡେ ଶ୍ରୀଖଣ୍ଡାସୁତ । ଜେଜେ କହିଲେ, ଏ ଯୁଗରେ ସେ ସବୁର ଧରାବନ୍ଧା ନିୟମ ନାହିଁ । ଯା'ର ଟଙ୍କା ପଇସା ହେଲା, ସେ ହେଲା ବଡ଼ ଲୋକ, ଧନୀ, ମାନ୍ୟ

ଆଉ ସମ୍ଭ୍ରାନ୍ତ । ଶ୍ରୀଖଣ୍ଡାପୁର କେତେ ମଧ୍ୟ ଶ୍ରେଷ୍ଠ ହୋଇ ଗାଁଆରେ ପଡ଼ୁଛନ୍ତି । ଜେଜେ କହିଲେ, ସେଠି ବାହାଘର କରି ପକା । ଲୋକଟା ବଡ଼ କଣ୍ଟ୍ରାକ୍ଟର, ବହୁତ ପଇସାବାଲା । ହୁଏତ ଭୁବନକୁ ବିଲାତ ପଠାଇବା ପାଇଁ ସାହାଯ୍ୟ ଦେବ ।

ବାପା ତ କିନ୍ତୁ ରାଜି ହେଉ ନାହାନ୍ତି । ଜମିବାଡ଼ି ବନ୍ଧକ ଦେଇ ବରଂ ସେ ଭାଇଙ୍କୁ ପଢ଼ାଇବେ, କାହାରି ସାହାଯ୍ୟ ନେବେ ନାହିଁ ବୋଲି ଜିଦ୍ ଧରି ବସିଛନ୍ତି । ବେଳେବେଳେ ବୋଉ ଓ ବାପାଙ୍କ ଭିତରେ କ'ଣ ଚୁପ୍‌ଚାପ୍ କଥାବାର୍ତ୍ତା ଚାଲେ । ବୋଧହୁଏ ମୋର ବିବାହ ବିଷୟ ନେଇ । ବୋଉ ବହୁତ ଥର କହିବାର ଶୁଣିଲିଣି, ଗୋଟିଏ ନୂଆ ଝିଅ ଏ ଘରକୁ ନ ଆଣିବା ଯାଏ ମୁଁ ମୋ ବିନ୍ଦୁକୁ ପାଖରୁ ଛାଡ଼ିବି ନାହିଁ । ତୁମେ ଆସନ୍ତ କି ଖୁବ୍ ଭଲ ହୁଅନ୍ତା !

ଅଚ୍ଛା, ନଚେତ୍ ଭୁଲିବନି, ଚିଠି ଦେବ । ଇତି

ସ୍ନେହର

ବିନ୍ଦୁ,

ଚିଠିଟି ଥୋଇଦେଲା ସୁଜାତା । ଛାତିର ପିଞ୍ଜରା ଭେଦ କରି ଦୀର୍ଘଶ୍ୱାସଟିଏ ବାହାରି ଆସିଲା । ତା'କୁ ଜଣାଗଲା, ମୁଣ୍ଡ ଉପରେ ହିମାଳୟ ପର୍ବତଟା ଯେପରି ଥୁଆ ହୋଇଛି ।

× × ×

କିଛି ସମୟ ପରେ ତା'ର ମା' ଆସିଲେ । ସୁଜାତା ଶୋଇଛି । ଡାକିଲେ । ସେ ଜବାବ ଦେଲା । କହିଲେ ଭୁବନବାବୁ ଆସିଛନ୍ତି ।

ଚମକି ଉଠିଲା ସୁଜାତା । କାହାଣ୍ଡ ବୋଲି ସେ ଉଠି ଗୁଡ଼ାକ ଏଣୁ ତେଣୁ ଧରି ତକିଆ ତଳେ ଥୋଇଦେଲା । ମା' ଚାଲିଗଲେ । ରୁମ ଭିତରକୁ ଆସିଲା ଭୁବନ । ସୁଜାତା ଛାତି ଧଡ଼ପଡ଼ ହେଲା । ଦେହ ଥରିଲା । ଚିନ୍ତା ଶକ୍ତି ନିଶ୍ଚେଷ୍ଟ ରହିଲା । ସେ କିଛି କହି ପାରିଲା ନାହିଁ । ଡୋଳା ଖାଲି ଲୁହ ଛଳ ଛଳ

ଭୁବନ ବିସ୍ମିତ ଦୃଷ୍ଟିରେ ପଚାରିଲା, 'କ'ଣ କଥା କ'ଣ ? ସୁଜାତାର ଚେତା ଫେରିଲା । ବୁଦ୍ଧି ଖୋଲିଲା । ସେ କହିଲା, କିଛି ନାଇଁ—ଓଃ ଆପଣ — ନମସ୍କାର, ବସନ୍ତୁ ।

ଏପରି ଭାବ ଭୁବନ କେବେ ଦେଖିନାହିଁ । ସେ ମନେ ମନେ ଶଙ୍କିତ ହୋଇ ତାକୁ ଚାହିଁଲା । ପ୍ରତିଫଳିତ ଆଶଙ୍କା ଦେଖି ସୁଜାତା ମଧ୍ୟ ତାକୁ ଚାହିଁଲା ।

ନୀରବ ।

ତା'ପରେ ଭୁବନ ପଚାରିଲା, ତୁମେ ଏପରି ବ୍ୟସ୍ତ ଓ ଦୁଃଖିତ ଦେଖାଯାଉଚ କାହିଁକି ସୁଜାତା ?

ନାଁ, ମୁଁ ଖୁବ୍ ଭଲ ଅଛି ତ—ଏଇ ଗରମ ପଡ଼ୁଚି ବେଶୀ ନାଁ···ଆପଣ ବସନ୍ତୁ ।

ଭୁବନ ବସି ପଡ଼ିଲା । ଶ୍ୟାମା ଗିଲାସେ ସରବତ ଆଣି ଥୋଇ ଦେଲା ଟେବୁଲରେ ।

ଆପଣ ବଡ଼ ଶ୍ରାନ୍ତ କ୍ଲାନ୍ତ ଦେଖା ଯାଉଛନ୍ତି—ଟିକେ ସରବତ ଖାଇ ନିଅନ୍ତୁ···

ଗିଲାସଟି ହାତରେ ଧରି ସୁଜାତା ଭୁବନର ମୁହଁ ଆଡ଼କୁ ଧରିଲା । ଭୁବନ ତା'ର ହାତଟିକୁ ଧରି ପକାଇଲା । କହିଲା, ଥାଉ···

ଥିବ କାହିଁକି···ଆପଣ···

ଆଉ ତୁମେ···

ଭୁବନ ଏଥର କହି ରାମାକୁ ଡାକିଲା । ରାମା ଆସିଲା—ସୁଜାତା ହାତରେ ସରବତ ଗିଲାସ । ଭୁବନ କହିଲା, ରାମା ଆଉ ଗୋଟା ଗିଲାସ ଆଣ ତ ?

ସୁଜାତା କହିଲା, ରାମା—ଦରକାର ନାହିଁ...

ବଡ଼ ଅଥୟ କଲା ଭୁବନ । ରାମା ଆଉ ଏକ ଗ୍ଲାସ ସରବତ ଆଣି ଦେଲା । ଭୁବନ ପଚାରିଲା, ସରବତ କ'ଣ ତୁମ ଘରେ ତିଆରି କର ।

ହଁ ବାବୁ, ବରଫ ତ ଆସେ—ଆଉ ସବୁ ତ ଘରେ ଅଛି—

ଖଣ୍ଡେ ସାଦା ବରଫ ଆଣ ତ ?

ରାମା ଚାଲିଗଲା ।

ସରବତ ଗିଲାସକ ଭୁବନ ପାଟିରେ ଧରାଇ ଦେଲା ସୁଜାତା, ଭୁବନ ଟିକେ ପିଇ ଥୋଇ ଦେଲା । କହିଲା—ଏତେ ମିଠା... ଏଣିକି ତୁମେ ଖାଅ ?

ସୁଜାତା ଆସ୍ୱାଦିତ ଗିଲାସଟି ହାତରେ ଧରିଲା ।

ଭୁବନ ପଚାରିଲା, ଏ କ'ଣ—

ସେ—

ସେ ବୋଲି କହି ସୁଜାତା ଦୁଇଢୋକ ପିଇଦେଲା । କହିଲା, ଏଣିକି ଆପଣ ନଅନ୍ତୁ...

କ'ଣ କ'ଣ ଭାବି ଧୀରେ ଧୀରେ ସରବତ ଗିଲାସକ ଶେଷ କରିବାକୁ ଲାଗିଲା । ଗିଲାସ ଅଧାଅଧି ହେଲାଣି । ପଚାରିଲା, ସୁଜାତା...ନାଲି ଗିଲାସର ତମ ଘରେ ଖୁବ ବେଶୀ—

ମାନେ—

ମାନେ ବୁଝି ପାରୁନାହଁ ?

ହଁ, ବୁଝିଲି । ବାପାଙ୍କ ଡ୍ରିଙ୍କ୍ କରିବା କଥା ତ ? ବୋଉ ତ ଡରିମରି ଅଛି ।

ନାଁ, ସେଇକଥା । ମୋତେ ଏ ସବୁ ଏତେଟା ଭଲ ଲାଗେ ନାଁ । ତୁମେ ମନେ ରଖିଥିବ, ସେଦିନ ମୁଁ ଆସି ପଶା ଖେଳୁଥିଲି । ପରେ ଡାକ୍ତରବାବୁ, ତାଙ୍କ ସାନଭାଇ ଓ ଅନ୍ୟାନ୍ୟମାନେ ଆସି ପହଞ୍ଚିଲେ । ସେମାନଙ୍କୁ ମୋର ଉପସ୍ଥିତି ବୋଧହୁଏ ଅସହ୍ୟ ବୋଧ ହେଉଥିଲା । ମୁଁ ସେମାନଙ୍କର ବ୍ୟବହାର ଓ ଦୃଷ୍ଟିଭଙ୍ଗୀରୁ ଠଉରାଇ ନେଇଥିଲି । ପରେ ତ ଚାଲି ଆସିଲି । ଭଲଲୋକ ନୁହଁନ୍ତି ସେମାନେ ।

କଥା କହୁଥାଏ—ଢୋକେ ପିଉଥାଏ । ସରବତ ଗିଲାସକ ସରି ଆସିଲା ।

—ଭାରି ଗରମ ଲାଗୁଛି—କହି ଭୁବନ ତା'ର ପଞ୍ଜାବୀଟା ଖୋଲିଦେଲା । ନଗ୍ନ ଦେହଟି ତା'ର । ତମ୍ବା ତାରପରି ଉଜ୍ଜ୍ୱଳ ବେକ । ବେକ ପାଖରେ ସିଝା ଦାଗ ।

ସୁଜାତା ବ୍ୟଗ୍ର ହେଉଥିଲା । ପଚାରିଲା, ଏ କ'ଣ ?

ଲାବୋରେଟୋରୀରେ ଏସିଡ୍ ପଡ଼ି ପୋଡ଼ି ଯାଇଥିଲା—

ଓଃ, ଉଷା କହୁଥିଲା—ଭଗବାନ୍, ଏ ଦୁର୍ଘଟଣା କାହିଁକି ଘଟିଲା ? କ'ଣ ସିଝିଗଲା ?

ହୁଁ ଏ ଉପର ଚମଡ଼ାଟା ସିଝିଗଲା କନ୍ତୁ ସୁଜାତା—

ଶଙ୍କାପ୍ରବଣ ଭୁବନର ଦୃଷ୍ଟି । ଗଦ୍ ଗଦ୍ ତା'ର ଭାଷା । ସୁଜାତା ଥରି ଉଠିଲା । ପଚାରିଲା—

କିନ୍ତୁ କଣ ?

ଭିତରଟା ସେ ଜଳପୋଡ଼ି ସିଝି ଯାଉଛି—

ସୁଜାତା ଶୁଣିଲା । ମନର କୋହ ମନ ଭିତରେ ଚାପି ଧରି କହିଲା । ଆପଣ କାହିଁକି ନିଜକୁ ଜାଳିପୋଡ଼ି ମାରୁଛନ୍ତି, ଭୁଲି ଯାଆନ୍ତୁ ସବୁ—

ଭୁବନ କିଛି କହି ପାରିଲା ନାହିଁ ।

ସୁଜାତା ପାଖରେ ବସି ପଡ଼ିଲା । ପଙ୍ଖା କରୁ କରୁ ପଚାରିବ, କାହିଁକି ଏ ସବୁ ଆଜି ମନ ମଧ୍ୟରେ ଥାନ ଦେଉଛନ୍ତି—

ତୁମେ ମୋତେ ଭୁଲ ବୁଝିବାକୁ ଚେଷ୍ଟା କର ନାହିଁ । ଭୁଲିବାକୁ ମୁଁ ଚାହେଁ ନି—ତୁମର ସେ ବିଷୟରେ ଚିନ୍ତିତ ହେବା ଉଚିତ ନୁହେଁ । ମୁଁ ଜାଣେ ତୁମେ ଖୁବ ବିଚଳିତ ହେଉଛ । କିନ୍ତୁ ମନେ ରଖ । ପୃଥିବୀର ପ୍ରଳୟ ହେଲେ ସୁଦ୍ଧା ମୁଁ ତୁମକୁ ଛାଡ଼ିପାରିବି ନାହିଁ; ଆଜି ବାପାଙ୍କୁ ସ୍ପଷ୍ଟ ଜଣାଇ ଦେଇଚି, ବିବାହ କରିବାର କଥା ହେଲେ ମୁଁ ସୁଜାତା ବ୍ୟତୀତ ଅନ୍ୟ କାହାକୁ ବିବାହ କରି ପାରିବି ନାହିଁ···

ଛାଡ଼ନ୍ତୁ ଭୁବନ ବାବୁ···କାହିଁକି ଆଉ ?

ନା ସୁଜାତା-ବାପା ଆଜି ଭୁଲ୍ ବୁଝୁଛନ୍ତି । କାଲି ତାଙ୍କର ମନର ପରିବର୍ତ୍ତନ ଆସିବ । ସେ ଦେଖିବେ, ଭୁବନ ଯାହା କରିଛି, ତା' ଠିକ୍ । ତୁମେ ବ୍ୟସ୍ତ ହୁଅ ନାହିଁ । ମୁଁ ଚେଷ୍ଟା କରୁଛି । ଆଶ୍ୱସ୍ତ ହୁଅ ।

ଅଶ୍ୱାସନା ଶୁଣି ସୁଜାତାର ହସ ରେଖା ଫୁଟି ଉଠିଲା । ସେ କହିଲା, ମୁଁ କହିଥିଲି କାଲି ଆସିବାକୁ—ଆସିଲେ ନି ?

ଅଭିମାନ ମିଶା ତା'ର ଭାଷା ।

ଭୁବନ କହିଲା—ଅସୁବିଧା ଥିଲା । ଆଚ୍ଛା, କେନୁ ହେଉଛନ୍ତି କାହାଁନ୍ତି ?

ସବୁ ଶୋଇ ପଡ଼ିଛନ୍ତି ।

ଆଉ ମାଉସୀ ?

ଥିବେ···

ଭୁବନ ଉଠି ପଡ଼ିଲା । ଗ୍ଲଲ୍ ଗ୍ଲଲ୍ ହୋଇ ଦେଖେ ତ ମାଉସୀ ବସିଛନ୍ତି । କ'ଣ ଗୋଟାଏ ଅଖାଡ଼ୁଆ ଚିନ୍ତା କରିବା ଭଳି ତାଙ୍କ ମୁହଁଟା ଅପ୍ରସନ୍ନ ଦିଶୁଛି । ଭୁବନ କହିଲା, ଯାଉଛି ମାଉସି··· ତାଙ୍କର ଚିନ୍ତା ଭାଙ୍ଗିଲା । ସେ କହିଲେ, ହଉ ଯିବ ତ ! ଟିକେ ରୁହ, ହେ ରାମ···କୁଆଡ଼େ ଗଲା ମ ଏତେବେଳ ଯାଏ ।

ଭୁବନର ଆଖି ଦୁଇଟା ଛଳ ଛଳ ହୋଇ ଆସିଲା କେଜାଣି କାହିଁକି, ସେ ଜାଣି ପାରିଲା ନାହିଁ, କହିଲା, ନାଁ···ମୁଁ ଯାଉଛି ।

କେବେ ଆସିବ ?

ଆସିବ ମଝିରେ ମଝିରେ ।

ଭୁବନ ନମସ୍କାର ଜଣାଇ ବିଦାୟ ଆଣିଲା । ସୁଜାତା କହିଲା —ବୋଉ କ'ଣ କହିଲେ ?

କିଛି ନାହିଁ, ଅଟକାଉଥିଲେ ତ—

ତା' ପରେ ଭୁବନ ଗ୍ଲଲି ଆସିଲା । ପଛରେ ସୁଜାତା । ଫାଟକ ପାଖରେ ଗୁଡ଼ୁ ଦେଇ ସୁଜାତା ଠିଆ ହେଲା । ଆଖିରେ ଲୁହ ଆସୁ ନାହିଁ । ତଥାପି ମନରେ ଅସୀମ ଦୁଃଖ । ଭୁବନ ପଗ୍ଲରିଲା, ଯାଉଚି, ବ୍ୟସ୍ତ ହୁଅନ···ସାଇକେଲ୍ ଧରି ସେ ଗ୍ଲଲିଗଲେ ।

ସୁଜାତା ସେଇଠି ଠିଆ ହୋଇ ରହିଲା । ସାଇକେଲଟା କିଛି ବାଟ ଯାଏ ଦେଖାଗଲା । ତା' ପରେ ଛକ ମୋଡ଼ ଆଉ ଦିଶିଲା ନାହିଁ । ହୃଦୟରେ ଆଶା ଆଶ୍ୱାସନା ଓ ଦୁଃଖ ଆସନ୍ନ ଝଡ଼ ଉଠିବାର ସୂଚନା । ସେ ମନେ ମନେ କହିଲା ଭୁବନର ସେଇ କବିତାଟି···

ପ୍ରଣୟର କଳ୍ପବଟ ଏଇ ମୋ ଜୀବନ
ପ୍ରାଣର ଆକୁଳ ଆଶା
ଓଠର ବ୍ୟାକୁଳ ଭାଷା
ବିରହ ମିଳନ ଅଶ୍ରୁ ସବୁ ସଞ୍ଜୀବନ
ପ୍ରଣୟର କଳ୍ପବଟ ଏଇ ମୋ ଜୀବନ—

ଭାବିଲା ଅଞ୍ଜଳି ପାଖକୁ ଚିଠି ଲେଖିବ । ଚାହିଁବ ? ଚାହିଁବ ସେ ପୁଣି ତାକୁ ତାର ଦୁଃଖମାନଙ୍କ କହାଇବ ? ନା···ଫେରି ପଡ଼ିଲା । ସୀମା ପଚାରିଲା, ବାବୁ କ'ଣ ଶୁଣିଲେ ?

ସୁଜାତା ନୀରବରେ ତାର ଉତ୍ତର ଦେଲା ।

## ✱ ବାର ✱

ଭୁବନର ଏଟା ଫୋର୍ଥ ଇଅର । ପିଲାଏ କହନ୍ତି :

First year Damn care
Second year Labour
Third year Marriage
O 4th year, sleepless Graduate father !

ବାସ୍ତବିକ ଭୁବନର ଅବସ୍ଥା ସେଇପରି । କଲେଜ ଖୋଲିଲାଣି । ବାସୁ ଆଇ. ଏସ୍. ସି. ପରେ ବି. ଏ.ରେ ନାମ ଲେଖାଇଛି । ଗରିବ ପିଲା । ଟିଉସନ ଯୋଗାଡ଼ ପାଇଁ ଲାଗିଛି । ଭୁବନ ପାଖରେ ଆସି ହଠାତ୍ ପହଞ୍ଚିଲା । ଦେଖିଲା, ଭୁବନ କଳାକାଠ ପଡ଼ି ଯାଇଛି ।

ବାସୁକୁ ଦେଖିଲା ମାତ୍ରେ ଭୁବନର ଆଖି ଲୁହ ଛଳ ଛଳ ହୋଇ ଆସିଲା । ଅବସ୍ଥା କ'ଣ ବୁଝିବାକୁ ବାସୁକୁ ବେଶି ସମୟ ଲାଗିଲା ନାହିଁ । ନୀରବ ସେ, ଖାଲି ଏତିକି କହିଲା, ଧୈର୍ଯ୍ୟ ଧର, ଯାହା ହେବାର ହେଉଛି । ଆଉ ଗୁଡ଼ାଏ ନିଜକୁ ଜଳାଇ ପୋଡ଼ାଇ ମାରିବାକୁ ଦେ ନାଁ । ଆଛା କହିଲୁ, ସୁଜାତା କେମିତି ?

ହଁ ସେମିତି ଥିବ, ଭୁବନର କଣ୍ଠରେ ଦୁଃଖ ଓ ସମବ୍ୟଥାର ସ୍ପନ୍ଦନ ।

ଏଇ କଥାଟି—ବାସ୍ତୁ ହସି ହସି ପଚାରିଲା ।

ଭୁବନ ଗମ୍ଭୀର ରହିଲା । ସମ୍ପଦାଙ୍କ ରହସ୍ୟ ଭେଦ କରିବାକୁ ତାଙ୍କ ହଠାତ୍ ଚେଷ୍ଟା କଲା ନାହିଁ । ଏତିକି ଜାଣିଲା ଯେ କିଛି ନା କିଛି ଘଟି ଯାଇଛି ।

କହିଲା, ମୁଁ କହୁଛି ପଇ, ପ୍ରେମ, ପ୍ରଣୟ, ଆଦର୍ଶ,ଏଗୁଡ଼ାକ ବାଜେକଥା । ମଣିଷର ମୂଲ୍ୟ ଖର୍ବ କରିବାର ଛୋଟିଏ ଗୋଟିଏ ପଥାପଥ ଜଟିଳ ମୀମାଂସା । ତୁ ସେ ବାଜେ କଥା ଛାଡ଼ । ପାଠ ପଢ଼ । ମୂଲ୍ୟବାନ ସମୟ ଗୁଡ଼ାକ ନଷ୍ଟକରି ବାଜେ ଚିନ୍ତା କର ନାଁ ।

ତୁମେ କେବେ ଲଭ୍ କରିନା ବାପୁ—ଜାଣିଥିଲେ ବୋଧହୁଏ···

କିଏ କହିଲା ମୁଁ ଲଭ ଜାଣେନା ? ଫରକ ଏତିକି ଯେ ତୁ ଆଦର୍ଶ କହି ତା ପଛରେ ଦଉଡ଼ ଦଉଡ଼ ପ୍ରାଣାନ୍ତକ ହେଉଛୁ । ମୁଁ କାହୁଁ ମାରବ ନସ୍ତଳ । ତୋତେ ତ କହିନି ଭୁବନ, ଗଲା ଗ୍ରୀଷ୍ମଛୁଟିରେ ଯାହାଠା ଘଟିଗଲା···

ଆଗ୍ରହରେ ଭୁବନ ପଚାରିଲା, କଣ ଘଟିଲା—

ଘଟିଲା, ଯାହା ଘଟିବାର ନୁହେଁ—

କ'ଣ କହୁନ—

କ'ଣ କହିବି ରେ । କହିଲାବେଳକୁ ତ ପ୍ରେମ ଠାକୁର ଅଦ୍ଭୁତ—ତୁ ଯେବେ ସେପରି ପରିସ୍ଥିତିରେ ପଡ଼ିଥାନ୍ତୁ···

କ'ଣ ଏତେ ଭୂମିକା କରୁଚୁ, କହ ନାଁ ।

ଗ୍ରୀଷ୍ମ ଛୁଟିଟା ଲମ୍ବା ଜଣାଗଲା । ଉପନ୍ୟାସ ପଢ଼ି ବାହାର ନ ଥାଏ । ଏଣେ ମନ ବ୍ୟସ୍ତ । ଜାଣିଥିବୁ, ଏଣୁତେଣୁ ଗୋଟା ଗୋଟି କରି ଖଣ୍ଡେ 'ମାଟିର ଘର' ତିଆର କରିଦେଲି । ଘର ପ୍ରତିଷ୍ଠା ସରିଲା ଦିନ 'ମାଟିର ଘର' ଫିଲ୍ମଟାର ସଙ୍ଗୀତଟା ମନେ ପଡ଼ିଲା ।

କାଲ ସାଗରେର ମରଣ ଦୋଲାୟ ଯେଥାୟ ଝରେ ବାଲୁଚର
ତାର ବୁକେ ମାଟିର ମାନୁଷ ଆଶାୟ ବାନ୍ଧେ ମାଟିର ଘର ।

ମନ ଦୌଡ଼ିଲା ସମୁଦ୍ର କୂଳକୁ । ଗୁଲିଲି । ଜାଣିଥିବୁ, ସାଗରିକା ହୋଟେଲ ମେନେଜର ସେଦିନ ଆମକୁ କହିଥିଲେ ଆଉ ଥରେ ଆସିବାକୁ । ଯାଇଁ ପହଞ୍ଚିଲି । ସେଇଦିନ ଜଣେ ଭଦ୍ରଲୋକ ତାଙ୍କର କନ୍ୟାସହ ସେ ହୋଟେଲରେ ପହଞ୍ଚିଲେ । ମୁଁ ଗ୍ରେଟ ବଖରାଟି ନେଲି ଉପରେ । ମୋ ପାଖାପାଖି ବଖରାଟି ସେ ନେଲେ । ବୁଲି ବୁଲି କରି ଆସି ପହଞ୍ଚିଲି । ମେନେଜର ଓ ତାଙ୍କ ବନ୍ଧୁମାନେ ଆସିଲେ । ତାସ ଖେଳ ହେଲା । ଶୋଇଲି ପ୍ରାୟ ୨ଟାରେ । ନିଦ ଲାଗିଗଲା—ତନ୍ଦ୍ରୀ ଆରଦିନ ସକାଳୁ ଉଠି ଶୁଣିଲି ହଂଗାମା ହଂଗାମା କଥା । କୁଆଡେ଼ ଗଲିଣ ! ବସି ରହିଲି ।

ତୁ ତ ଟାକ ବସିଥିବୁ…

ନାଁ । ଭୁବନ । ତୀର୍ଥଯାତ୍ରୀ ସେମାନେ । ଆସିଥିଲେ । ମୁଁ ବି ଯାଇଥିଲି । ଜାଣିପାରିଲି । ଭଦ୍ରଲୋକଙ୍କୁ ଜର । ଝିଅଟି ବିଚାରୀ ବଡ଼ ବ୍ୟସ୍ତଥାଏ । କାହାକୁ କହିବ କଏ ଅବା ଡାକ୍ତର ଡାକିବ ? ମେନେଜରଙ୍କୁ ଖବର ଦେଲା । ସେ ବ୍ୟସ୍ତ ଥିଲେ ବୋଲି କହିଲେ । ତା'ପରେ ବୃକରଟା ଆସିଲା ତାଙ୍କୁ ଜଳଖିଆ ଦେବାକୁ । ମୁଁ ସବୁ ଦେଖୁଥାଏ ! ଶୁଣୁଥାଏ ! କିଛି କହୁ ନ ଥାଏ । ପରେ ବାହାରିଲି ବୁଲି । ଘର ଭିତରକୁ ଚାହିଁ ଦେଲି । ବୃକରଟା ସେଇ ମୁହୂର୍ତ୍ତରେ ଆସି ମୋତେ ଅଟକାଇ କହିଲା, ବାବୁ, ତମକୁ ଡାକୁଛନ୍ତି । ତା ପାଟିରୁ ଏକଥା ସରୁ ନ ସରୁଣୁ ସେ ଗାର୍ଲଟି ଆସି ବଡ଼ କାତର ସ୍ୱରରେ କହିଲା, ମହାଶୟ, କିଛି ଭାବିବେନ । ମୁଁ ବିପନ୍ନ, ଦୟା କରି ଜଣେ ଡାକ୍ତରର ବନ୍ଦୋବସ୍ତ କରି ଦିଅନ୍ତୁ ।

ଖୁବ୍ ସୁନ୍ଦର ଗାର୍ଲଟା—ଦୁଃଖ ଓ ଭୟରେ ତାର ମୁହଁଟା ମଳିନ ଦେଖା ଯାଉଥିଲା । ଆଖି ଲୁହରେ ଛଳଛଳ । ମୁଁ ଡାକ୍ତର ପାଢ଼ୀଙ୍କୁ ଡାକି ଆଣିଲି । ସେ ଦେଖି କହିଲେ, ଆଜି ରାତିଟା ଆପଣ ଜାଗ୍ରତ ରହିବେ । ପ୍ରତି ଦୁଇ ଘଣ୍ଟାରେ ଔଷଧ ଦେଉଥିବେ । ମୁଁ ଇଞ୍ଜେକ୍ସନ ଦେଇ ଯାଉଛି । ମୋର କମ୍ପାଉଣ୍ଡରକୁ ପଠାଇ ଦେଉଛି । ସେ ରାତି ୯ଟା ଯାଏ ରହିବ । ବାମ ପାଖ ଫୁସ୍ଫୁସ୍ ଆକ୍ରାନ୍ତ ହୋଇଛି—ତେବେ କେସଟା କଷ୍ଟ ସେମିତି ନୁହେଁ । ରୋଗୀର ଯେବେ ରାତି ସୁଦ୍ଧା ଉପଶମ ନ ହୁଏ ତେବେ କାଲି ସକାଳୁ ମୋତେ ଦେଖା କରିବେ ।

ଡାକ୍ତର ଚାଲିଗଲେ । ବିନା ଆପତ୍ତିରେ ମୁଁ ତାଙ୍କୁ ଫିସଟା ଦେଇ ଦେଲି । ମେନେଜରଙ୍କୁ କହିଲି, ଟିକିଏ ଚାକରଟିଏ ଦେବାକୁ । ସେ ମଧ୍ୟ ସାହାଯ୍ୟ ବନ୍ଦୋବସ୍ତ କଲେ । ଶାନ୍ତାକୁ ବୁଝାବୁଝି କରି ଦେଲୁ । ଡବଲ ନିଉମୋନିଆକୁ ଗତି କରୁଛି । ଶାନ୍ତା ବୁଝି ପାରିଲାଣି । ଏକମାତ୍ର ପିତା । ସେ ତାର ଦୁନିଆଁ । ଖାଉ ନ ଥାଏ । ଚାକର ଆଣି ଖାଦ୍ୟ ଥୋଇ ଦେଲା । ମୁଁ ତ ଖାଇ ଥାଏ । ତାକୁ ଯେତେ କହିଲି, ସେ ରାଜି ହେଲାନି ।

ଖାଲି କାନ୍ଦୁଥାଏ । ଶେଷରେ ବାଧ୍ୟ କରିବାରୁ ସେ କହିଲା, ଆପଣ ନ ଖାଇଲେ ମୁଁ ଖାଇବିନି...

ବାଧ୍ୟ ହୋଇ ଖାଇଲି ଦି'ଟା । ରାତିରେ କମ୍ପାଉଣ୍ଡର ଆସି ଦେଖିଲେ । କହିଲେ, ଅବସ୍ଥା ବେଶ ଭଲ । ମେନେଜର ରାତି ୧୨ଟାରେ ଗଲେ । ଏକାକୀ ରହିଲି ତା' ପାଖରେ ମୁଁ । କେବେ ତ ଝିଅଙ୍କ ମେଳରେ ନିପଟିଆ ହୋଇ ରହିନି । ଦେହ ସ୍ପନ୍ଦିତ ହୋଇ ଉଠିଲା । ଭଗବାନଙ୍କୁ ଡାକିଲି ଲୋକଟା କେମିତି ଭଲ ହୋଇଯାଉ ।

ରାତି ସାରା ଜାଗରଣ ରହିଲା । ବାରଣ୍ଡାରେ ଚାକରଟା ଶୋଇ ଘୁଙ୍ଘୁଡ଼ି ମାରୁଥାଏ । ଶାନ୍ତାକୁ ମୁଁ ଯେତେବେଳେ ଚାହେଁ, ଦେଖେ ତାର ଆଖି ଛଳ ଛଳ—ଯେତେବେଳେ ସେ ମୋତେ ଏକଧ୍ୟାନରେ ଚାହେଁ । ଭ୍ରୂକ୍ଷେପ ନ କରି ମୁଁ ରୋଗୀର ଅବସ୍ଥା ପ୍ରତି ଦୃଷ୍ଟି ଦେଉଥାଏ···

ରମେଶ ବାବୁ ଆଖି ଖୋଲିଲେ, ଶାନ୍ତାକୁ ପାଖକୁ ଡାକିଲେ । ଶାନ୍ତା କାନ୍ଦିଲା, ଦୁଇଟୋପା ଲୁହ ମଧ୍ୟ ତାଙ୍କ ଆଖିରୁ ବୋହି ପଡ଼ିଲା । ନିଜର କୋହ ସମ୍ଭାଳି ନ ପାରି ମୁଁ ଘର ଭିତରୁ ବାହାରକୁ ଚାଲି ଆସିଲି । ଶୁଣୁଥାଏ, ଶାନ୍ତା ମୋର ପରିଚୟ ଦେଉଛି । କିଛି ସମୟ ପରେ ଶାନ୍ତା ଡାକିଲା । ମୁଁ ଆସିଲି । ନମସ୍କାର କଲି । ହସ ହସ ମୁହଁରେ ସେ ମୋତେ ଆଶୀର୍ବାଦ କଲେ । ଦେଖିଲି ଉତ୍ତାପ ପ୍ରାୟ ୧୦୨ ରହିଛି । ଫଳ ରସ ଟିକିଏ ଦେଲି । ଶାନ୍ତାକୁ ମନା କଲି ଆଉ ବେଶି କଥାବାର୍ତ୍ତା ନ କରିବାକୁ ।

କରି ଲେଉଟାଇ ସେ ଶୋଇଲେ । ଶାନ୍ତାର ପରିଚୟ ନେଲି । ଧନୀ ଆଡ଼ଭୋକେଟର ଏକମାତ୍ର କନ୍ୟା ସେ । ମାତୃହୀନା । ପିଲାଦିନରୁ ପିତୃସ୍ନେହରେ ପରିପୁଷ୍ଟ ହୋଇ ଆସିଛି । ମାଟ୍ରିକ୍ ପଢ଼ୁଛି । ଭଲ ପଢ଼େ । ସେ ମୋର ପରିଚୟ ନେଲା । ଫେଲ୍ କଥା କହିଲି ନି । ବଡ଼ ଦୁଃଖିତ ହେଲା ମୋର ପିତୃହୀନ କଥା ଶୁଣି ।

ରାତି ପାହିଲା । ଡାକ୍ତରଙ୍କୁ ଡାକି ଆଣିଲି । ସେ କହିଲେ, କିଛି ଭୟ ନାହିଁ । କାଲି ସେ ମଧ୍ୟ କଲିକତା ଯିବା ପାଇଁ ସକ୍ଷମ ହୋଇ ପାରିବେ ।

ଘୁମ ଲାଗୁଥାଏ । ଟିକେ ଶୋଇ ପଡ଼ିଲି । ଉଠି ଦେଖେ ଦଶଟା ବାଜିଲାଣି । ଶାନ୍ତା ବସୁ ବସୁ ଢୁଳେଇ ପଡ଼ୁଛି । ରୋଗୀ ନିକଟରେ ବସିକରି ରହିଛି । ମେନେଜର ଆସି ଖବର ନେଇଗଲେ ।

ସୁକରଟା ଦୁଇଟା ମିଲ ଆଣି ଥୋଇ ଦେଇ ଶାନ୍ତାକୁ ଡାକିଲି । ସେ ଉଠିଲା । ପୁଣି ସେଇ ଘୃଣିତ ଚାହାଣି ଓ ଅଶ୍ରୁ ଛଳ ଛଳ ଆଖି ।

ମୁଁ ଚାହିଁଲି । କହିଲି, ବ୍ୟସ୍ତ ହୁଅନ୍ତୁ ନା—

ବ୍ୟସ୍ତ ମୁଁ ନାଁ ଆପଣ ?

ଛାଡ଼ନ୍ତୁ ସେ କଥା—ଚାଲନ୍ତୁ ମିଲ୍ ଶୁଖି ଯିବ ।

ସେ ମୋର ହାତ ଧରି ନେଇଗଲେ । ମୁଁ ହାତ ଧୋଇଲି ।

ବସିଲି । ଦେଖିଲି, ଶାନ୍ତା ଖାଲି ମଝିରେ ମଝିରେ ଛଳ ଛଳ ଆଖିରେ ବାରମ୍ବାର ଚାହୁଁଛି—

ଭୁବନ କହିଲା, ଉପରେ କଏ ନ ଚାହିଁବ ବାପୁ—ତୋର ସୋଜ ତମ୍ବା ତାର ପରି ପତଳା ରୋମାଣ୍ଟିକ୍ ଚେହେରା—କେବେ କ’ଣ ତୁ ଗରିବ ଚାଷ ପରି ଦେଖାଯାଉ ? ତୋତେ ତ ସେ ଚାହିଁଥିବ ହିଁଥିବ ।

ହଁ, ତା ପରେ ମୁଁ ଉଠି ଚାଲିଗଲି । ବାପା ତାଙ୍କର ଭଲ ଥାନ୍ତି । ସନ୍ଧ୍ୟା ହେଲା ; ଆସିଲା ରାତି । ଡାକ୍ତର ଆସି ଦେଖିଗଲେ । ସବୁ ଭଲ ଅଛି । ରାତି ୯ଟା ବେଳକୁ ରୋଗୀ ଶୋଇ ଆସିଲେ । ମତେ ନିଦ ଲାଗିଲା । ପଦାରେ ଆସି ମୁଁ ଶୋଇ ପଡ଼ିଲି ।

ଉଠି ଦେଖେ ଶାନ୍ତା ଆସି ମୋର ପାହାଣାରେ ଶୋଇ ଯାଇଛି । ଫୁଟନ୍ତା ଗୋଲାପ ପରି ମୁହଁ···ଅନିମେଷ ଆଖିରେ ମୁଁ ତାକୁ ଚାହିଁଲି । ଉଠି ପଡ଼ିଲି । ଭାବିଲି, କଏ କାଲେ କ’ଣ ଭାବିବ ? ଯଦି ତାଙ୍କ ବାପା ଦେଖିଥିବେ···

ଉଠିଗଲି ରମେଶ ବାବୁଙ୍କ ପାଖକୁ । ସେ ଗାଢ଼ ନିଦରେ ଶୋଇଛନ୍ତି । ନିଦ ଲାଗିଲା ନାହିଁ । ଦେହ ସାରା ଉତ୍ତେଜନା ଆଉଟା ଧାତୁ ପରି ଗରମ ଲାଗୁଥାଏ । ବସିଲି ।

ସ୍ୱସ୍ତି ପାଇଲି । ଶାନ୍ତା ଉଠିଲା । ସେ ଦିନ କଥା ହେଲା ତାଙ୍କ ମାମୁଁଙ୍କ ପାଖକୁ ତାର କରିବାକୁ ହେବ । ରବିବାର । ମୁଁ ତାର କଲି ।

ରମେଶ ବାବୁ ବେଶ୍ ସୁସ୍ଥ ହୋଇ ଗଲେଣି । ଭୟର ମାତ୍ରା ଆଉ ନାହିଁ । ଶାନ୍ତାକୁ ଡାକି କହିଲେ, 'ଯାଅ, ବାସୁବାବୁଙ୍କ ସାଙ୍ଗରେ ସନ୍ଧରଟା ବୁଲିଆସ । ସିନେମା ମଧ୍ୟ ଯାଇପାର । ଖଟିଖଟି ଅବସାଦ ଲାଗୁଥିବ ।

ମୁଁ ଅସମ୍ମତ ହେଲି । ଭଦ୍ରଲୋକ ବାରମ୍ବାର ଅନୁରୋଧ କଲେ । ସିନେମା ଗଲୁ ।

ଫେରି ଆସିଲୁ ସନ୍ଧ୍ୟାବେଳକୁ । ରମେଶବାବୁ ବାହାରେ ଟହଲୁଥିଲେ । ଦେଖିଲା ମାତ୍ରେ କହି ପକାଇଲେ କି ସିନେମା ଗଲ ନାହିଁକି ?

ହଁ, ମାଟିନି ଯାଇ ଫେରିଲୁ—ଶାନ୍ତା କହିଲା । ଲଗାତାର ଅନିଦ୍ରା ଫଳରେ ଦେହ ମୋର ଅଳସ ଲାଗୁଥାଏ । ମୁଁ ମୋ ରୁମ୍‌ରେ ଶୋଇ ପଡ଼ିଲି । ପ୍ରାୟ ୯ଟା ବେଳକୁ ରମେଶବାବୁ ଡାକିଲେ । ଉଠି ପଡ଼ି ପୁଣି ଶୋଇଲି । ଶାନ୍ତା ଆସି ଉଠାଇଲା । ଉଠିଲି । ନିଦ ମଳମଳ ଆଖିରେ ଦେଖିଲି ତା'ର କି ସୁନ୍ଦର ଚେହେରାରେ ?

ଆଉ ନିଦ ହେଲାନି । ରମେଶବାବୁ ଶୋଇ ନ ଥିଲେ । ମୁଁ ତଳକୁ ଆସିଲି ଟିକିଏ ବୁଲାଚଲା କରିବା ପାଇଁ । ଶାନ୍ତା ପଛରୁ ଡାକିଲା । ଫେରିଗଲି । ରମେଶଙ୍କୁ ପଚାରିଲେ, କୁଆଡେ ଯାଉଛନ୍ତି ଆପଣ ?

ଯାଉଛି ଟିକେ ସମୁଦ୍ର କୂଳକୁ ବୁଲି ।

ଶାନ୍ତାକୁ ସାଙ୍ଗରେ ନେଇଯାନ୍ତୁ । ତା'କୁ ଭଲ ଲାଗୁ ନ ଥିବ । ବହୁତ ପରିଶ୍ରମ କରିଛି ସେ···

ଶାନ୍ତା ଶାନ୍ତଶିଷ୍ଟ ପିଲାଟି ପରି ପଛେ ପଛେ ଆସିଲା । ସମୁଦ୍ର କୂଳକୁ ଚାଲିଲୁ । କି ସୁନ୍ଦର ରାତି···ଚାରିଆଡ଼େ ଚନ୍ଦ୍ର-ଚର୍ଚ୍ଚିତ ପୃଥିବୀ—ତରଙ୍ଗାୟିତ ନୀଳ ସମୁଦ୍ର—ଅସ୍ପଷ୍ଟ ମେଦୁର ଦିଗ୍‌ବଳୟ··· ସୁଶୀତଳ ପବନ···

ସ୍ମୃତି ଅଭୁଲା ମୋର । ମନଟା ଉତଳା ହୋଇ ଉଠିଲା । କେତେ କେତେ ଲୋକ ଯୋଡ଼ି ଯୋଡ଼ି ହୋଇ ବୁଲୁଥିଲେ । ନିଃସଙ୍ଗ ଜୀବନ ଧରି ଏକକ କେତେ ମଧ୍ୟ ପଦଚାରଣ କରୁଥିଲେ ।

ନିଃସଙ୍ଗ ଜୀବନଟା ମୋର ଏବେଶ ରାତିରେ ସେ ସାଥୀ ଜଣେ ପାଇଛି—ଭାଗ୍ୟବାନ ମୁଁ ।

ବୁଲୁଥାଉଁ । ଶାନ୍ତା କେତେ କେତେ ସୁନ୍ଦର କଥା କହୁଥାଏ । କ୍ରମେ ଲୋକ ପତଳା ଥାନରେ ହେଲୁଣି । କହିଲି, ଫେରିଯିବା—

ଶାନ୍ତା କହିଲା, କାହିଁକି, ଏପରି ବୁଲିବାକୁ କ'ଣ ଆପଣଙ୍କୁ ଭଲ ଲାଗୁନି···ଦିଗ୍‌ବଳୟକୁ ଚାଲିଯାନ୍ତେ—କଣ୍ଠର ସ୍ୱରରୁ ବୁଝିନେଲି; କହିଲି, ଶାନ୍ତା···ମୁଁ ତମକୁ ବୁଝିପାରୁଛି । ନିରର୍ଥକ ତୁମର କଳ୍ପନା—ଫେରିଚାଲ । ଜୀବନଟା ଏତେ ସହଜରେ ଦିଆ ନିଆ ହୁଏ ନାହିଁ । ମୁଁ ମୋର କର୍ତ୍ତବ୍ୟ ପାଳନ କରୁଛି । ତୁମେ ତୁମର କର୍ତ୍ତବ୍ୟ କରନାହିଁ···

ଭୁଲ ବୁଝୁଛନ୍ତି ଆପଣ । ମୁଁ ଦୁଇଥର ପୂର୍ବ ଆସିଛି । ଏ ସମୁଦ୍ର କୂଳ ମୋତେ ଜମାରୁ ନୂଆ ନୁହେଁ—ପରିଚିତ ଜାଗା । କେଜାଣି କାହିଁକି ଆଜି ଏସବୁ ନୂତନ ସୁନ୍ଦର ଲାଗୁଛି ।

ସେ ତୁମର ମନର ବିକାର ।

ଶାନ୍ତା କିଛି କହିଲାନି । ମୋର ହାତଧରି ଛଳଛଳ ଆଖିରେ ମୋତେ ଚାହିଁଲା । ଅଜଣା ଆବେଗରେ ମୁଁ ତା'ର ବାମ ହାତଟିକୁ

ଧରି ନିଜ ଆଡ଼କୁ ଟାଣି ଆଣିଲି । ବାଳିକା ଢୁଳି ଆସିଲା—ଲାଗି ଆସିଲା ଲୁତ ଆଡ଼କୁ । ଚୁମ୍ବନଟିଏ ଦେଲି ।

ତା'ପରେ ନିଜକୁ ଆୟତ୍ତ କରିବାକୁ ଚେଷ୍ଟା କଲି । ଦେହସାରା ଉତ୍ତର ତରଙ୍ଗ—ସାଧାରଣ ଉତ୍ତେଜନା । ସେହି ମୁହୂର୍ତ୍ତଟିକୁ ସମ୍ଭାଳି ନ ନେଇଥିଲେ, ଶାନ୍ତା ଯେପରି ମୋ ପ୍ରତି ଆକୃଷ୍ଟ ହୋଇ ପଡ଼ିଥିଲା, ସେଇଠି ସମୁଦ୍ର କୂଳେ ତ...... ?

ଭୁବନ ଶିତ୍କାର କରି ପାଦପୂରଣ କଲା "ଫାୟାର" Fire ତା'ପରେ—

ଆରମ୍ଭ କରୁଣ ବାସୁ, ନଧି ପଶିଆସିଲା । ନଧି ହଷ୍ଟେଲ ପିଅନ । କହିଲା, 'ବାବୁ, ସୁପରିଣ୍ଟେଣ୍ଡେଣ୍ଟ ଡାକୁଛନ୍ତି......

ଚାଲ ଯାଇଛି—ଭୁବନ କହିଲା ।

ବାସୁ ପଚାରିଲା, 'କାହିଁକି ଡାକୁଛନ୍ତି—

ମେସ୍ ଟଙ୍କା

ଘରୁ ଆସିନି—

ଭୁବନ ନୀରବ ରହିଲା । ବାସୁ କହିଲା, ମୁଁ ତ ତାହାହିଁ ଆଶଙ୍କା କରୁଥିଲି ! ମୁଁ ତମର ବାପାଙ୍କ ସ୍ୱଭାବ ଜାଣେ । ଏକଜିଦିଆ ଲୋକ । ବିବାହ ସମ୍ପର୍କରେ ତୁମର ମତାମତ ଶୁଣି ସେ ଟଙ୍କାପଇସା ଦେଇ ନ ଥିବେ କିନ୍ତୁ ତୁ ସେଥିପାଇଁ ପରୁଆ କର ନା ! Cross words puzzlରେ ମୁଁ ତ ଦୁଇଥର ସ୍ୱର୍ଣ୍ଣ ଲେଖାଏ ପାଇଥିଲି ! ପାଖରେ ଅଛି । ମେସ ଟଙ୍କା କାଲି ଦେବା—କିନ୍ତୁ ତୁ ସେ ସୁଜାତା କଥା ଏବେ ଭାବନା...ପଢ଼ । ଦେଖାଯିବ...

ଭୁବନର ଆଖି ସଜଳ ହୋଇ ଆସିଲା । କୃତଜ୍ଞତାର ବ ଏକ ସ୍ୱର୍ଗୀୟ ସ୍ପର୍ଶରେ ସେ ବାସୁ ଆଡ଼କୁ ଅନାଇଁ ରହିଲା ।

ବାପୁ କହିଲେ, ପାଗଳ···ଏ ବୟସର ଖାଦ୍ୟଙ୍କୁ ତୁ ଆଦର୍ଶ ସ୍ଥାନ ଦେଲୁ ସତ । କିନ୍ତୁ ଭୁଲ ହେଲନି—ଏତେ ବଡ଼ ବଗିଚ ଦୁନିଆଁର ଚୋର ତ୍ୟାଗ କଥା ଜାଣିବନି । ବରଂ ଦୁନିଆର ସୁଅରେ ଭାସି ନ ଗଲେ ଦେଖୁଚୁତ କ ବିପଦ···ନିଧି ପୁଣି ଆସି ଡାକିଲା । ଭୁବନ ଉଠି ଚାଲିଲା ହଷ୍ଟେଲ ଅଫିସକୁ । କେଜାଣି କାହିଁକି ବାପୁ ସାଙ୍ଗେ ସାଙ୍ଗେ ଦୀର୍ଘଶ୍ୱାସଟିଏ ପକାଇଲେ ।

## ✻ ଚୋର ✻

ସୁଜାତା ଖଟ ଉପରେ ଶୋଇ ରହି ଅଞ୍ଜଳିର ବିବାହ କଥା ଭାବୁଛି ।

ଏଇ ଅଞ୍ଜଳି···ଦିନେ କହୁଥିଲା, ହୃଦୟ ତା'ର ବିଚଳିତ ହୋଇ ପଡ଼ୁଛି । ମୋତେ କେତେ ଅବା ସାନ୍ତ୍ୱନା ନ ଦେଇଛି । ମୋରି ଆଗରେ ତା'ର ଜୀବନ ସୁରକ୍ଷିତ ହୋଇ ଉଠିଛି । ପ୍ରେମ ନାହିଁ, ଆଦର୍ଶ ନାହିଁ,—Love ନାହିଁ···ବାପା ମା' ତା'ର ଯାହାକୁ ଠିକ କରିଛନ୍ତି, ସେ ହେବେ ତା'ର ଜୀବନର ସର୍ବସ୍ୱ—ହୃଦୟର ଆରାଧ୍ୟ । କହୁଥିଲା, ସେ ତାଙ୍କୁ ଦେଖିଛି···ବେଶ ସୁନ୍ଦର ଚେହେରା । ଖୁବ ଭଲ ପଢ଼ନ୍ତି···ଥିଲାବାଲାର ସନ୍ତାନ ।

ଏମ୍. ଏ ପଢ଼ୁଛନ୍ତି । ଚିଠି ପତ୍ର ଦିଆ ନିଆ ହୋଇ ନ । ସମ୍ପୂର୍ଣ୍ଣ ସ୍ୱତନ୍ତ୍ର ଅଞ୍ଜଳିର ଜୀବନ ।

ଆଚ୍ଛା, ତରୁଣୀ ଏ ଆଧୁନିକ ଯୁଗଟାର କେମିତି Love Letter ଖଣ୍ଡେ ଲେଖିବାକୁ ହୁଏ, ଜାଣି ପାରିଲି ନି । ଖାଲି ମୋର ଚିଠି ପତ୍ରେ—ତା'ର ଆଗ୍ରହରେ ହ'ପୁର କଥା ଲେଖି ଦେଇଯାଏ···

ସେଇ ଅଞ୍ଚଳ ମୋର ଅନ୍ତରଙ୍ଗ । ତା'ର ଜୀବନରେ ନାହିଁ ଗ୍ରନ୍ଥିର ଉତ୍ତପ୍ତ କମ୍ପା ଦଙ୍ଗା ହେଙ୍ଗାମା, ବାଧାବନ୍ଧକ କିଛି । ମୁଁ କାହିଁକି ଏ ସବୁ ଜାଣିଶୁଣି ବରଣ କଲି ? ଜୀବନଟା ଖାଲି ତା ହତାଶରେ ଘୋଡ଼ି ଯାଉଛି । ଉଃ—

କରି ଲେଉଟାଇଲା । କି ଯନ୍ତ୍ରଣା ତା ହୃଦସ୍ତରେ । ତୁମ ସାଥି ଅନ୍ଧାର...ସ୍ଥିର୍ ଅପ୍...ସୁଜାତା ଭାବୁଛି, ହୁଏତ ବନେ ଏମିତି ତା'ର ଜୀବନର ସୁଇଚଟା ଅଫ୍ କରାଯାଇ ପାରିବ, ଅସରନ୍ତି ଅନ୍ଧକାର ଚେତଣିକ...କି ମାରାତ୍ମକ କଳ୍ପନା କରୁଛି ସୁଜାତା...

ଆଖିରୁ ଲୁହ ଝରି ଯାଉଛି—ଦେଖିବାକୁ କେହି ନାହିଁ— ପୋଛି ଦେବା ତ ଦୂରର କଥା ।

ମା ?—ଏଇ ମା' ବନେ ଭୁବନବାବୁଙ୍କୁ ଚୁପ୍‌ଚାପ୍ ଶୋଷଣା ଭଲ ପାଉଥିଲେ...ଆଜ ଦେଖୁଛନ୍ତି କି ଘୃଣା ଚକ୍ଷୁରେ—ସହି ପାରୁନ ସୁଜାତା, ଆଉ ସହି ପାରୁନ ।

ପ ଫୋଷ୍ଟି [redacted]...ସେ ହେଲେ ତା'ର ଜୀବନର କାଳ... କୁଆଡ଼ୁ ତା' ପାଇଁ ଯୋଗାଡ଼ କଲେ ଏକ ଏମ.ବି.ବି.ଏସ୍ ଯୁବକ । ତାଙ୍କ ଦାଦାଙ୍କ ସହିତ ବାବାଙ୍କର ଘନିଷ୍ଠତା ବଢ଼ୁଛି...ତାଙ୍କ ଭାଇ ତ ବାପାଙ୍କର ବଡ଼ ବନ୍ଧୁ...ଖିଆପିଆ, ଖେଳାବୁଲା, ମଦନିଶା... ସବୁଥିରେ । ଏତେ ବଡ଼ ପ୍ରତିବନ୍ଧକ ମୋର ଜୀବନରେ କ'ଣ ଆସିବାର ଥିଲା ପ୍ରଭୁ !

କ'ଣ ଶୁଣୁଛ ? ବହୁତ ଥର ଶୁଣିଲଣି ତ ବହୁତ କଥା ଭୁବନବାବୁଙ୍କ ବିରୁଦ୍ଧରେ । ସେ କୁଆଡ଼େ ଭଲ ପଢ଼ନ୍ତି ନାହିଁ... ଖେଳ ମଧ୍ୟ ସେତେ ଭଲ ବୁଝନ୍ତି । ଖାଲି ଡେହେବା ଫେସନ ଦେଖେଇ କଲେଜ ସାରା ବୁଲୁଥାନ୍ତି । ବଡ଼ ଦଳଟିଏ ଅଛି ତାଙ୍କର, ଏପରିକି ପ୍ରିନସ୍‌ପାଲ କୁଆଡ଼େ ସେ ଦଳ ଉପରେ ବଡ଼ କଡ଼ା ଆଖି ରଖିଥାନ୍ତି ।

ରମା ବଗରର ସବୁ କଥା ଆସି ଟୁପୁଟୁପୁ କହିଯାଏ । ସୁଜାତାର ହୃଦୟରେ ବାରମ୍ବାର ଆଘାତ ଲାଗେ । ସେ ଭାବେ, ଏଣିକି ଆଉ ସବୁ ଶୁଣିବା ଭଲ ନୁହେଁ । ମାତ୍ର କୌତୁହଳଟା ଆହୁରି ବଢ଼ି ଉଠେ ମନ ଭିତରେ···ସେ ଚୁପ୍‌ରେ···ରମା କହେ···

ରମା କହିଲା, ଦିନେ କୁଆଡ଼େ ଡାକ୍ତର ଦାସ ତା'ର ବାବାଙ୍କୁ କହୁଥିଲେ—ଆପଣ ଏ ସବୁ ବରଦାସ୍ତ କରୁଛନ୍ତି କିମିତି ? ଭୁବନ, ଗୋଟାଏ ଲଫଙ୍ଗା ଯୁବକ—ତାକୁ ଏତେଟା ପ୍ରଶ୍ରୟ ଦେବା ଉଚିତ ହୋଇନାହିଁ । ସେ ଯେ କାହିଁକି ଏଠାକୁ ଆସେ ?

ବାବା କୁଆଡ଼େ କିଛି ଉତ୍ତର ଦେଲେ ନାହିଁ । ସାଙ୍ଗେ ସାଙ୍ଗେ ଆସି ମା'ଙ୍କୁ ସବୁ କଥା କହିଲେ ଏବଂ ତାଗିଦ କରିଗଲେ, ଆଉ ଏଣିକି ଯେପରି ସେ ଟୋକାର ପାଦ ନ ପଡ଼େ ଏ ଘରେ ।

ବୋଉ ମଧ୍ୟ ବାବାଙ୍କୁ ମୁହେଁ ମୁହେଁ ଜବାବ ଦେଲା ପରି କହିଲା, କାହିଁକି, ତୁମେ ତାଙ୍କୁ କହି ଦେଉନ···ମୁଁ ମାଇପି ଲୋକ । କିମିତି କହିବି···

ବାବା ରାଗି ଉଠିଲେ । କହିଲେ, କିମିତି କହିବ···ଦେଖ, ସୁଜାତାକୁ ମନା କରିଦିଅ···

ବାପା ତମ ତମ ହୋଇ ଚାଲିଗଲେ । ବୋଉ ରମାକୁ କହିଲା ଏଣିକି ଭୁବନବାବୁ ଆସିଲେ କହିବୁ, ସେ ଏଠିକି ଆସନ୍ତି କାହିଁକି ?

ରମା କିନ୍ତୁ ପ୍ରଭୁର ଆଦେଶ ପାଳନ କରି ପାରି ନାହିଁ । ସୁଜାତାର ଦେହମନ ଜଳୁଚି । ଭାବିଲା, କି ଅଭାଗ୍ୟ ଜନ୍ମ ତା'ର, ତା'ର ଲାଗି ଏତେ କଥା—

ହଠାତ୍ ରୁମ୍‌ଟା ଆଲୋକିତ ହୋଇ ଉଠିଲା । କି କମନୀୟ ପ୍ରବାହ ଏ ଆଲୋକର ?

ସୁଜାତା !

ପରିଚିତ ଓ ଆକାଂକ୍ଷିତ କଣ୍ଠର ଡାକ ପରି ଶୁଭିଲା ! ସୁଜାତାର ଲୁହ ଛଳ ଛଳ ଆଖି ତୀବ୍ର ଆଲୋକରେ ବୁଜି ହେଲା ପରି ଜଣାଗଲା । ସ୍ୱପ୍ନୋତ୍ଥିତ ପରି ସେ କହିଲା, ଆପଣ···ଓଃ···ଏତେବେଳେ କାହିଁକି ?

ଚାଲି ଆସିଲି ଟିକେ···

ସୁଜାତାର ଆଖିରୁ ଧାର ଧାର ହୋଇ ଲୁହ ବହିବାକୁ ଲାଗିଲା । ଭୁବନ ପଚାରିଲା,··· ଏ କଣ···?

ଆପଣ ବସନ୍ତୁ ।

ଭୁବନ ବସି ପଡ଼ିଲା । ସୁଜାତାକୁ କୋଳକୁ ଟାଣିଆଣି ସେ ନିଜ ହାତରେ ତା'ର ଲୁହ ପୋଛିବାକୁ ହାତ ଉଠାଇଲା । ସୁଜାତା ମନା କଲା···

ଭୁବନ କହିଲା ଏ—କ'ଣ···

ଥାଉ···ଦୁଃଖକୁ ଆଉ ଦ୍ୱିଗୁଣିତ କରନ୍ତୁ ନାହିଁ କମ୍ପା ଜାଳାର ଦାହ ବଢ଼ାନ୍ତୁ ନାହିଁ ।

ତୁମ କଣ୍ଠରେ ଆଜି ଏ ଭାଷା କାହିଁକି ସୁଜାତା···

ସୁଜାତା ବ୍ୟାକୁଳ ଅଧୀର ଦୃଷ୍ଟିରେ ଭୁବନକୁ ଚାହିଁଲା ! ଭୁବନର ହୃଦୟ ସମବ୍ୟଥାରେ ପ୍ରତିଧ୍ୱନିତ ହୋଇ ଉଠିଲା ! ସେ କହିଲା, 'ମୁଁ ତ ତମକୁ ଥରେ କହିଛି, ସୃଷ୍ଟିର କୌଣସି ଶକ୍ତି ଆମର ମିଳନର ଛନ୍ଦ ଭଗ୍ନ କରି ପାରିବ ନାହିଁ—

ହଁ,

ତା' ହେଲେ—

ଅବୋଧ ଶିଶୁଟି ପରି ସୁଜାତା କାନ୍ଦିବାକୁ ଲାଗିଲା । ଭୁବନର କରୁଣ ହୃଦୟରେ ଗଭୀର ଆନ୍ଦୋଳନ···ଆଖିରୁ ଦୁଇଧାର ଲୁହ ଗଡ଼ି ପଡ଼ିଲା ।

ସୁଜାତା ଚାଲିଗଲା । ଖଟ ଉପରେ ଶୋଇ ରହି ଭୁବନ ଭାବିଲା ତାର ଅତୀତ ଭବିଷ୍ୟତ···କେତେ କ'ଣ···

ମୁଣ୍ଡ ବଥାଇଲାଣି ।

ସୁଜାତା ଫେରିଆସି କହିଲା, 'ଉଠନ୍ତୁ ଟିକେ ଚା' ନିଅନ୍ତୁ—ଭୁବନ ମନା କଲା, ଚା' ଦରକାର ନାହିଁ । ମୁଣ୍ଡଟା ବଡ଼ ବ୍ୟଥା କରୁଛି—ଟିକେ ଅମୃତାଞ୍ଜନ ଆଣ—

ସେଲ୍ଫରୁ ଅମୃତାଞ୍ଜନ ଶିଶି ଆଣିଲା ସୁଜାତା···ଖଟ ଉପରେ ବସି ଅଙ୍ଗୁଳି ସ୍ପର୍ଶରେ ତା'ର ମୁଣ୍ଡରେ ଲେପି ଦେଲା ଅମୃତାଞ୍ଜନ, ଘଷି ଦେଲା । ମୁଣ୍ଡଟା ବଥାଉଛି । ଲେପନର ଛୁଗୁଛୁଗୁ ଶିଞ୍ଜନ ଓ ମୃଦୁଗନ୍ଧରେ ତରୁଣ ତରୁଣୀ ନିଜର ଭବିଷ୍ୟତ ଭାବି ଯାଉଛନ୍ତି ।

ଭୁବନ କହିଲା, ଆଉ···
କ'ଣ କମିଲା—
କମି ଆସେ···
ଚା' ଟିକେ ଖାଆନ୍ତୁ···
ନାଁ···ଆଚ୍ଛା ତୁମେ କାନ୍ଦୁଥିଲ କାହିଁକି ?
କାନ୍ଦିବାର କଥା—ମୋର ଭାଗ୍ୟ ।
ନାଁ, ମୋର ଭାଗ୍ୟ···

ବାସ୍ତବରେ ପ୍ରଣୟ—ଭାଗ୍ୟକୁ ମଧ୍ୟ ତରୁଣ ତରୁଣୀ ଉଭୟେ ନିଜର ଭାବ ଦ୍ୱନ୍ଦ୍ୱ ସୃଷ୍ଟି କରି ପାରନ୍ତି ।

ଭୁବନ ବାବୁ···
କ'ଣ···ଅସହ୍ୟ ଏଣିକି ହେଉଛି ।
ସେଥିପାଇଁ ମୁଁ ତ କହିଲି,
ନାଁ, ତା ନୁହେଁ

ଆଜି କ'ଣ ? ଏଇ ଯେ ଡାକ୍ତର ବାବୁ କୁତ୍ସାରଟନା କରୁ-ଛନ୍ତି ଆପଣଙ୍କ ବିରୁଦ୍ଧରେ···

କ'ଣ ସୁଜାତା ! ଭୁବନ ବିଛଣାରୁ ହଠାତ୍ ଉଠି ପଡ଼ିଲା । ସୁଜାତା ବାଧା ଦେଲା ତାଙ୍କୁ । କହିଲା, ଶୁଅନ୍ତୁ ।

କ'ଣ, କ'ଣ କହୁଛନ୍ତି ?

ମୁଁ କହି ପାରିବି ନାହିଁ ।

କହିବ ନାହିଁ ନା କହି ପାରିବ ନାହିଁ ?

ଏ ତୁଣ୍ଡରେ ଧରିବ ନାହିଁ ।

ତେବେ କହିବ କିଏ ? କିଏ ସେ ଡାକ୍ତର—ଯେ ବର୍ତ୍ତମାନ ବାହାର ଘରେ ବସି ଖେଳୁଛନ୍ତି ?

ହଁ···

ମୁଁ ବର୍ତ୍ତମାନ ଯାଇଁ ତାଙ୍କୁ ପଚାରିବି । କ'ଣ ସେ ମୋ ନାଁରେ କହୁଛି—

ଉତ୍ତ୍ୟକ୍ତ ହେଲା ଭୁବନର ହୃଦୟ ଓ ମସ୍ତିଷ୍କ । ସେ ଉଠି ଆସିଲା । ସୁଜାତା ମନା କଲା । ଥାଉ, ସେ ଯାହା କହିବାର କହନ୍ତୁ—ତାର ଆଖିରେ ଲୁହ ।

ନାଁ ସୁଜାତା···ମୁଁ ବର୍ତ୍ତମାନ ତାଙ୍କୁ ମୁହେଁ ମୁହେଁ ପଚାରିବି—

ଯାଆନ୍ତୁ ନାହିଁ ତାଙ୍କ ପାଖକୁ—ସେ ମଦ୍ୟପ, ଦୁଷ୍ଟ ଓ ଦୁଶ୍ଚରିତ୍ର ।

ମୋର ସେଥିରେ ଯାଏ ଆସେନି କିଛି । ସିଧା ସିଧା କଥା-ବାର୍ତ୍ତା କରି ମୁଁ ଆସେ···

ଭୁବନ ବାହାରିଲା—ମସ୍ତିଷ୍କରେ ଉତ୍ତେଜନା, ମନରେ ଆକ୍ରୋଶ ଏବଂ ଦେହସାରା ଉତ୍ତପ୍ତ କମ୍ପନ । ସୁଜାତା ମନା କରୁଥିଲା । ସେ ଚାଲିଲା ସିଧା ବାହାର ଘରକୁ । ଉକ୍କେ ପକ୍କେ ହସିଲା ସୁଜାତା ।

ବାହାର ଘରେ ସ୍ୱଳ୍ପ ଜଣ···ରମେଶ ବାବୁ ଉପରେ ଅଛନ୍ତି । ଡାକ୍ତର ସାମନ୍ତରାୟ, ସେଠି କଣ୍ଟ୍ରାକ୍ଟର ଚଉଧୁରୀ, ଲୁମିନ୍ ବ୍ୟାଙ୍କର ହେଡ଼ ଆକାଉଣ୍ଟାଣ୍ଟ ମହାପାତ୍ର ଏବଂ ରମେଶ ବାବୁଙ୍କର ଜଣେ ମେନେଜର ବସି ଖେଳ କରୁଛନ୍ତି । ହସରେ ଘର ଫାଟି ପଡ଼ୁଛି ।

ଭୁବନ ଚେୟାରଟା ଭିଡ଼ି ଆଣି ବସି ପଡ଼ିଲା । ପଚାରିଲା, ଡାକ୍ତର ବାବୁ, ଆପଣଙ୍କ ସଙ୍ଗର ଟିକେ କଥାବାର୍ତ୍ତା ଥିଲା ।

ଖେଳ ବନ୍ଦକରି ସେ ପଚାରିଲେ, କ'ଣ କୁହନ୍ତୁ···ଆପଣତ ଅନ୍ୟମନସ୍କ ରହୁଛନ୍ତି, କେମିତି କହିବ ? ଡାକ୍ତର ସାମନ୍ତରାୟ ତା' ମୁହଁକୁ ଚାହିଁଲେ । ହାତରୁ ଗୋଟିଟା ଖସି ପଡ଼ିଲା । ମୁହଁଟା ଅତି ଅସ୍ୱାଭାବିକ ଶଙ୍କିତ ଦେଖାଗଲା ।

ଆଚ୍ଛା, କ'ଣ କୁହନ୍ତୁ···

କ'ଣ କହିବ ? ଶୁଣୁଚ, ଆପଣ ମୋ ପଛରେ ମୋ ବିରୁଦ୍ଧରେ କ'ଣ କିଛି ପ୍ରଚାର କରନ୍ତି ।

ଅପଦସ୍ଥ ହେଲା ପରି ସେ ଉତ୍ତର ଦେଲେ, ନାଁ···

ମୁଁ କହୁଚି ହଁ—

'ନାଁ, କେବେ ନୁହେଁ, ଆପଣ ପ୍ରମାଣ ଦେଇ ପାରିବେ,

ହଁ···ଦେବି ।

ତା' ହେଲେ ବୁଝନ୍ତୁ କଥା ମୁଁ କେବଳ ଏତିକି କହି ପାରେ ଯେ ଆପଣ ଏଠିକି ଆସି ଭୁଲ କରୁଛନ୍ତି କାହିଁକି ? ଆଉ ଆପଣ ତ ଏହିପରି କେତେଗୁଡ଼ିଏ କଥା ମୋ ପାଇଁ କହି ବୋଧହୁଏ ଠିକ୍ କରି ନାହାଁନ୍ତି—

ନାଁ, ଠିକ କରିଛି ।

ଉତ୍ତପ୍ତ କଣ୍ଠରେ ଭୁବନ ପଚାରିଲା, ଠିକ୍ କରିଛନ୍ତି···

ଛିଃ, ସେ ନାଲି ଆଖି ଯା’ଅ ତମ ପ୍ରନ୍‌ସପାଲଙ୍କୁ ଦେଖାଇବ— ସେ ତପି ଯିବେ । ଏଠି କାହାକୁ ଦେଖାଉଚ—

ଦେଖାଉଚ ଗୋଟାଏ ଦୁଷ୍ଟ ଦୁଶ୍ଚରିତ୍ର ମଦଖୋର ଡାକ୍ତରଙ୍କୁ ହିଁ···ଏତେ ସାହସ···

ଜୋରା କଣ୍ଠରୁ ଦେଇ ଭୁବନ କହିଲା, Shut up, ଅନ୍ୟମାନେ ଚମକ ଉଠିଲେ । ହାଁ ହାଁ···ଏ କ’ଣ···ବୋଲି ଚିତ୍କାର କରିବାକୁ ଲାଗିଲେ ।

ନିଜର ଉତ୍ତପ୍ତ ମସ୍ତିଷ୍କର ଆକ୍ରୋଶ ଓ ବ୍ୟକ୍ତିତ୍ୱର ଅପମାନ ସହି ନପାରି ଡାକ୍ତର ସାମନ୍ତରାୟ ଭୁବନ ଉପରକୁ ମାଡ଼ ପଡ଼ିଲେ । କ୍ରୋଧ ଏବଂ ଅପମାନରେ ଭୁବନ ତା’ର ଜୋତା ପଟେ କାହାରି କରି ହଠାତ୍ ଦେଲା ଏକ ପାହାର ତାଙ୍କ ମୁଣ୍ଡ ଉପରେ···

ହୁଁ ବୋଲି ଡାକ୍ତର ବାବୁ ଭୁବନର ହାତକୁ ଧରିନେଇ ଦେଲେ ଏକ ମୁଥ । ଖଣ୍ଡମତ ଧସ୍ତାଧସ୍ତି ମରାମରି ଚାଲିଲା । ଭୁବନକୁ ମାଡ଼ ବସିଲା ଡାକ୍ତର । କୌଶଳରେ ଭୁବନ ତା’ର ମୁଠି ଜଙ୍ଘକୁ ଚିପି ଦେଲାରୁ ଯନ୍ତ୍ରଣାରେ ଡାକ୍ତର ଟିକେ ତା’ର ମୁଷ୍ଟି କୋହଳ କଲା । ଭୁବନ ତାଙ୍କୁ ମାଡ଼ ବସିଲା । ଦେଖଣାହାରୀମାନେ ଛଡ଼ାଇବାକୁ ଯାଇ କଏ କ’ଣ କେତେ ଖାଇଲେ । ଶେଷରେ ଭୁବନ ରାଗରେ ଟେବୁଲଟା ଉଠାଇଆଣି ସେମାନଙ୍କ ଉପରକୁ ଲକ୍ଷ୍ୟ କରି ଫୋପାଡ଼ିଲା । ଅବ୍ୟର୍ଥ ତାର ଲକ୍ଷ୍ୟ । ଡାକ୍ତରର ମୁଣ୍ଡ ଉପରେ ବାଜିବାରୁ ସେ ଆଘାତରେ ଚିତ୍କାର କରି ଉଠିଲା ।

ଏତିକିବେଳେ ରମେଶ ବାବୁ ଓ ତାଙ୍କ ସ୍ତ୍ରୀ ଘର ଭିତରକୁ ଦୌଡ଼ି ଆସିଲେ ଗୋଳମାଳ ଶୁଣି । ଲଜ୍ଜା ଓ ଅପମାନରେ ସେ ଭୁବନକୁ ତିରସ୍କାର କଲାପରି କହିଲେ, ‘ନିର୍ଲଜ, ଆଉ ଯେବେ

ଏଠିକି ଆସ୍ତୁ, ତୋତେ ଜୋତା ମାଡ଼ ଦେବି । କିଏ ଅଛରେ, ଯିଏ୍ାକୁ ଧକକା ମାରି ଫାଟକ ପାରି କରାଇ ଦିଅ ?

ତାଙ୍କ ମେନେଜରର ବାହାର ପଡ଼ିଲେ । ତା'ପୂର୍ବରୁ ଭୁବନ କହିଲା, 'Alright···ଚାଲି ଆସିଲି । ଗୋଡ଼ରେ ପଟେ ଜୋତା ଲଗିଛି, ପଶାର ଗୁଟିବାକି ମୁଣ୍ଡରୁ ରକ୍ତ ବୋହୁଛି—ତାକୁ ଜଣା ନାହିଁ । ଉତ୍ତେଜନାରେ ତାର ଦେହସାରା ଉତ୍ତପ୍ତ ଝଙ୍କାର ।

ବାହାରେ ନବଡ଼ ଅନ୍ଧକାର । ଟିକେ ଦୂରରେ ମ୍ୟୁନିସିପାଲିଟିର ବକ୍ସ, କାଦୁଅ ରାସ୍ତା—

ଭୁବନ ଗେଟ୍ ବାହାରେ ଛିଡ଼ା ହୋଇ ଭାବିଲା, କ'ଣ ତାର ଏକ ମୁଷ୍ଟିରେ ସେ ଏତେ ବଡ଼ ବିଶାଳ ପ୍ରାସାଦକୁ ଭାଙ୍ଗି ଚୂରମାର କରିଦେଇ ସୁଜାତାକୁ ନେଇ ଚାଲିଯାଇ ପାରିବ ?

—ଓଃ···ସୁଜାତା—ସୁ—ଜା—ତା !

**❋ ତଭିଦ ❋**

ବାହାର ଘରେ ଏତେ ବଡ଼ ଗୋଳମାଳ ଚାଲିଥିଲା ବେଳେ ସୁଜାତା ପାଖ ଘରେ ମୁଣ୍ଡ ବାଡ଼େଇ ଦେଲା । ରାମା ନ ଥିଲେ ବୋଧହୁଏ ତାର ମୁଣ୍ଡଟା ବିଲ୍‌କୁଲ ଚୂରମାର ହୋଇ ଯାଇଥାନ୍ତା—

ପାଗଳ ଓ ଉଦ୍‌ଭ୍ରାନ୍ତଙ୍କ ପରି ସେ ଦୌଡ଼ି ଆସୁଥିଲା ଘଟଣା ସ୍ଥଳକୁ । ରାମା ଅଟକାଇ ନେଲା—ଝିଅର ଉଦବନ୍ଧ ବେଗପରି ପୁଣି ସୁଜାତା ଚାଲିଲା ବାଡ଼ପଟ କବାଟ ପାଖକୁ । ଉଦ୍ଦେଶ୍ୟ ଗୁଲିପିବ

ଭୁବନ ପାଖକୁ···ରାମା ଜବରଦସ୍ତ ଟେକି ନେଇ ତାକୁ ତାର ବିଛଣାରେ ଶୁଆଇ ଦେଇ ଡାକ ପକାଇଲା । 'ମା—ମା···

ତାର ପାଟି ଶୁଣି ସୁଜାତାର ଚେତା ଫେରି ଆସିଲା । ସେ କହିଲା, ରାମା—କିଛି ପାଟି ତୁଣ୍ଡ କରନା—ଯା, ଲୁଣପା—ଖବର ବୁଝ୍ କ'ଣ ହେଲା ତାଙ୍କର···ଜଲଦି ଯା,

ଆଉ ତୁମେ···କୁଆଡ଼େ ଯିବ ନାହିଁତ ?

ମୁଁ ଏଇଠି ଶୋଇ ରହୁଛି — ଯା—

ରାମା ଛୁଟ ମୁଠା ଆଣି ବାଡ଼ କବାଟରେ ପକାଇ ଦେଲା । ସୁଜାତା ମା ଆସି ଡାକୁଥିଲେ । ରାମା କ'ଣ ?

ନାଁ···ଏତେ ବଡ଼ ଗୋଳମାଳ କ'ଣ ହେଲା । ମୁଁ ତ ଶୁଣିଲି ସେଇ କି ଘଣ୍ଟା···

ହଁରେ ରାମା···ସେଇ ଯେ ଭୁବନ ବାବୁ — ଏଠିକି ଆସୁ ନ ଥିଲେ, ସେଇ ଏଠି ଡାକ୍ତର ବାବୁଙ୍କ ସହିତ ଦଙ୍ଗା ହେଙ୍ଗାମା କରିଦେଲେ । ମାନ ଗଲା, ମହତ ଗଲା । ଏଇ ପୋଡ଼ାମୁହିଁଟା ପାଇଁ ମୋ ଘରର ମାନ ମହତ ସବୁ ବୁଡ଼ିଲା ।

କ'ଣ ହେଲା···

କମିତି କମିତି କାନ୍ଦିଲା ପରି ସୁଜାତାର ମା କହିଲେ, ଡାକ୍ତର ବାବୁଙ୍କ ମୁଣ୍ଡ ଫାଟି ଯାଇଛି···ମଟରରେ ନେଇ ସେ ବର୍ତ୍ତମାନ ଯିବେ ତାଙ୍କ ଘରକୁ—କି ଦୁର୍ଯୋଗ—ପୋଡ଼ାମୁହିଁଟା ପାଇଁ ଆଜି ଏତେ ବଡ଼ କାଣ୍ଡ ଘଟିଗଲା — ସେ ଗଲା କୁଆଡ଼େ ?

ଘରେ ଥିବେ···ଦେଖେଁ···

ରାମା ଆସି ସମସ୍ତ କହିଲା । ସୁଜାତା ପଚାରିଲା, ଭୁବନ ବାବୁଙ୍କର କିଛି କ୍ଷତି ହୋଇନି ତ ?

ରାମା ଟିକେ ଗୁମ୍ ଖାଇଲା । କହିଲା, ନାଁ···ବୋଧହୁଏ କିଛି ହୋଇନି···

ତା'ପରେ ଶ୍ୟାମା ଚାଲିଗଲା । କହିଲା, ମା···ସେ ଶୋଇଛନ୍ତି···

ଏତିକବେଳେ ମେନେଜର ଆସି ପାଟିକରି କହିଲେ, ଭାଗ୍ୟ ଭଲ ! ନ ହେଲେ ଏଇଠି ପ୍ରେମର ସମାଧି ନେଇଥାନ୍ତା ।

ସୁଜାତା ବାହାରକୁ ଆସୁଥିଲା । ଏ ପଦକ କାନରେ ବାଜିଲା-କ୍ଷଣି ସେ ଲେଉଟିଗଲା । ଖଟ ଉପରେ ଶୋଇ ରହି ଛୋଟ ପିଲାଟି ପରି କଇଁ କଇଁ ହୋଇ କାନ୍ଦିବାକୁ ଲାଗିଲା । ମନେ ମନେ କହିଲା, ଭଗବାନ, ତୁମେ କ'ଣ ପ୍ରଭୁ ଏ ଦୁଃଖିନୀ ଭାଗ୍ୟରେ ଏହା ଲେଖି-ଥିଲ···

ଭାବିଲା, ଅଞ୍ଜଳି···ଅଞ୍ଜଳି କ'ଣ ଏ ବିପଦବେଳେ ଠିଆ ହୋଇ ପାରିବ । ଅସମ୍ଭବ । ଆଉ ଉଷା···

ମନେ ପଡ଼ିଲା, [redacted] କଥା । ବିନୋଦ ବାବୁ କାଳେ ତାଙ୍କୁ ଏ ବିପଦ ବେଳେ ବଡ଼ କିଛି ସାହାଯ୍ୟ କରିଥାନ୍ତେ ବୋଧ ହୁଏ···ଆହା···ସେ କାହାନ୍ତି ? ଦୁଇ ବର୍ଷ ହେଲା କେଉଁଠି ରହି-ଲେଣି ? ଠିକଣା ତ ସେ ଜାଣେ ନାହିଁ···ଘରର ଠିକଣାଟା ମନେ ଅଛି ।

ମନର ସମସ୍ତ ଅବସାଦ, ଅନ୍ଧୈର୍ଯ୍ୟ ଏବଂ ଅଭିଶୋଷକୁ କ୍ଷଣ-କାଳ ଚାପି ରଖି ସେ ଚିଠିଟିଏ ଲେଖିବାକୁ ବସିଲା । ଘରକୁ ଆଲୋକିତ କରି ସେ ସୁଟ୍‌କେଶରୁ ବାହାର କଲା ବିନୋଦର ଘର ଠିକଣା ।

ହାତ ଥରୁଥାଏ । ମୁଣ୍ଡ ଠିକ୍ ନାହିଁ । ତଥାପି ଲେଖିଲା ।

କଟକ
୨୩ । ୪

ହତଭାଗିନୀର ପ୍ରଣାମ ନେବେ । ଆପଣଙ୍କର ଯେବେ ମୋତେ ଜୀବନରେ ଦେଖିବାକୁ ଇଚ୍ଛାଥାଏ; ଚିଠି ପାଇଲା ମାତ୍ରେ ଆମ ଘରକୁ ଆସିବେ । ସର୍ବନାଶ ଉପସ୍ଥିତ । ଜାଣେ ନାଁ, ମୋର ଅନୁମାନ ଅବ୍ୟର୍ଥ କି ନାଁ । ଇତି ।

ସ୍ନେହର ଭଗ୍ନୀ
ସୁଜାତା

ଚିଠିଟି ଲଫାପାରେ ରଖି ସେ ଲେଖିଲା—

ବିନୋଦ ବିହାରୀ ପାଢ଼ି
ପୋ: ଅ: ବୈଦ୍ଧ, କଟକ

## * ପନ୍ଦର *

ଶରତ, କ'ଣ ହେଲା ··

ହେବ କ'ଣ···ଭାଇଙ୍କି ସମସ୍ତ ଘଟଣା କହିଲି । ସେ ନିର୍ଭିକ ଜବାବ ଦେଲେ ଯେ, ଯେ କୌଣସି ମୁହୂର୍ତ୍ତରେ ସେ ପୋଲିସ ସାହାଯ୍ୟ ଦେବାକୁ ପ୍ରସ୍ତୁତ—

ଏତିକ କହି ସେ ମଦନ ଓ ସୁଦାମକୁ ବାହାରକୁ ଡାକିଲା । ଉଭୟେ କ'ଣ ଗୁପଚୁପ କଥାବାର୍ତ୍ତା ହେଲେ ।

ଭୁବନ ଶୋଇଛି—ଜୀବନର ଏ ଅଦ୍ଭୁତ ଅଭିନୟ ଦେଖି ଭାବି ଭାବି ସେ ଖିନ୍ନ ହୋଇ ଗଲାଣି । ସ୍ୱାଭାବିକ ଚେହେରା ଆଉ ନାହିଁ । ମନର ପ୍ରସନ୍ନତା ମଉଳି ପଡ଼ିଛି ।

କାଲି କୋର୍ଟକୁ ଯିବାକୁ ପଡ଼ିବ । ଡାକ୍ତର ସାମନ୍ତଙ୍କ ତା' ବିରୁଦ୍ଧରେ କେଶ୍ କରିଛନ୍ତି । କି ସାଙ୍ଘାତିକ ପରିସ୍ଥିତି । ମୁଣ୍ଡ ଉପରେ ପୁଣି ଏ. ଏସ୍‌ସିର ଟେଷ୍ଟ ପରୀକ୍ଷା ।

ଜୀବନର ମନ୍ଦା ମନ୍ଦା ସଙ୍କଟ ଏ ମୁହୂର୍ତ୍ତରେ ଆସି ଦେଖା ଦେଇଛି ।

ବାସୁ ବସିଛି । ମୁହଁରେ ହସ ନାହିଁ । ତଥାପି 'orient' ର ନୂଆ ଓ୍ୟାଲ୍‌ଡସ ମଜ୍‌ଲ—ଧରିଛି, ଦେଖୁଛି । ପ୍ରାଇଜ ଝଙ୍କା ଘରି ଆସୁଛି । ଆଗକୁ ସମ୍ବଳ ନାହିଁ—ଓଃ, କି ବିପଦରେ ବାବା···

ସମସ୍ତେ ଚିନ୍ତିତ । ଭୁବନକୁ ଏ ବିପଦରୁ ରକ୍ଷା କରିବାକୁ ହେବ । ନହେଲେ ତାର ମାନସିକ ବିକୃତି ବଢ଼ୁଛି । ତାଙ୍କ ବାପାଙ୍କୁ ଲେଖିବାକୁ ହେବ ।

ବାସୁ କହିଲା, ଭୁବନ ପାଇଁ ସମସ୍ତେ ଲାଗିପଡ଼ । ନ ହେଲେ ସୁଜାତାର ମଧ୍ୟ ଜୀବନ ବିପନ୍ନ ହେବ···ଏଇ ସବୁ ତ Love Marriageର ଟ୍ରାଜେଡ଼ି—ସେଥିପାଇଁ ମୁଁ ଆଦୌ ଏଟ୍ରାକ୍ଟ କମ ପସ କରେ ନି । ନାରୀ ଜାତି, ଉନ୍ମତ ଯୌବନ···ରକ୍ତ ମାଂସର କ୍ଷୁଧା, ଆଦର୍ଶ କ'ଣ, ପ୍ରେମ କ'ଣ ?

ହୃଦାନନ୍ଦ ଯୁକ୍ତି କରିବାକୁ ଆରମ୍ଭ କଲା । ଗୋବର୍ଦ୍ଧନ ତା' ସହିତ ତାଳ ଦେଲା ।

ହୃଦାନନ୍ଦ କହିଲା, ଆଉ କ'ଣ ବାପ, ମା ଯୋଉଠି ନାଇଁ ସେଠି ଟୋକିଟିଏ ଜୁଟେଇ ଦେବେ—ବାହା ହେଇଁ ପଡ଼ିବାଠୁଁ କ'ଣ ଭଲ ? ମନ ମିଳୁ ନ ଥିବ । ଭବିଷ୍ୟତକୁ ଖାଲି ଜଞ୍ଜାଳ ଗୁଡ଼ାଏ ଉଠି ମଣିଷ ହନ୍ତସନ୍ତ ହୋଇ ମରିବ ।

ସୁଦାମ ଓ ମଦନ ଏ ଯୁକ୍ତିକୁ ସମର୍ଥନ କଲେ ।

ବାସୁ ମୁହଁରୁ ଏ ପ୍ରକାର କଥା ଶୁଣି ଭୁବନର ମୁଣ୍ଡ ଗରମ ହୋଇ ଆସିଲା । ସେ କ'ଣ କହିବାକୁ ଯାଉଥିଲା । ହଠାତ୍ ତା'ର ତୁଣ୍ଡ ଅଟକି ଗଲା । ସେ ଖାଲି ଏତିକି କହିଲା, 'Grapes are Sour' —ଅଙ୍ଗୁର ଖଟା ।

ମଦନ କହିଲା, 'ନାଁ, ଲାଙ୍ଗୁଳହୀନ ଶୃଗାଳ···ସମସ୍ତେ ହୋ ହୋ ହୋଇ ହସି ଉଠିଲେ । ବାସୁ ରାଗି ଆସିଲା । କହିଲା, ତା' ନୁହେଁ···Love କରି ବାହାଟା ହେଇ ପଡ଼ିଲେ ନାଁ ଥାଏ ସେଥିରେ ନୂତନତା, ନାଁ ମାଦକତା, ନାଁ ମାଧୁରୀ । ଆଗରୁ ତ ସବୁ କାମ ସରି ଯାଇଚି ମାନେ ସ୍ରେଫ୍ ବଜାର କାରବାରରେ । ଏଣିକି ଖାଲି ସମାଜରୁ ଗୋଟାଏ ଲାଇସେନ୍‌ସ ମିଳିଲେ ହେଲା । ଆଉ, ଦେଖ, ନୂଆ ଲୋକଟିଏ—ବିଲ୍‌କୁଲ ଅଜଣା ଅଶୁଣା···ଷୋଡ଼ଶୀ, ତନ୍ୱୀ କିଶୋରୀ···ତାଙ୍କୁ ରାତି ଦିନ ହୋମ ନଡ଼ିଆଟା ଗୁଞ୍ଜାଗୁଞ୍ଜି କେବେ ମୁହଁ ଟିକିଏ ଦେଖିବାକୁ ଯେ ପ୍ରବଳ ଆକାଂକ୍ଷା ଓ ସ୍ୱପ୍ନର ଲଜ୍ଜା··· କି ମଧୁର ଓ ନୂତନ ସେ···ଦେହମନରେ ନୂତନ ଶିହରଣ ଖେଳି ଯାଉଥିବ···କିଶୋରୀଟିଏ ରୋମାଞ୍ଚିତ ହୋଇ ଉଠୁଥିବ ଏ ପୁଲକ ସ୍ପର୍ଶ ପାଇଁ···ଏ କେଡ଼େ ମଜା—ଆଉ Love କରି ବିଲକୁଲ ଅତି ଜଣାଶୁଣା ତଣ୍ଡା ପସରା ମାଲ···

ଶରତ କହିଲା, 'ଅବଶ୍ୟ ବାସୁର କଥାଟା ଠିକ, ତେବେ ସବୁ ସମୟରେ ଏହା ସତ୍ୟ ନୁହେଁ ।

ନ ହେବ କାହିଁକି ଲେ ଶରତ, ଯାହାର ମନ ଯେମିତି, ଫଳ ସେମିତି ।

ତେବେ ଭୁବନର ମନର ଜୋର ତ କମି ନାହିଁ । ବାହାହଟା ହୋଇଗଲେ ଯାଆନ୍ତା ।

"ହଁ ଶରତ୍ Elopment ର ଚେଷ୍ଟା କର । ମୁଁ ସବୁ ଯାଇ ବାହାଘରର ସମସ୍ତ ବ୍ୟବସ୍ଥା କରିବ । ଶରତ କହିଲା ଆଜି ଚେଷ୍ଟାରେ ଆମର ତ୍ରୁଟି ନାହିଁ । ଏଣିକି ଭୁବନ ଉପରେ ଦାୟିତ୍ୱ । ସେ ସୁଜାତାକୁ ନେଇ ଆସିଲେ ହେଲା ।

ସୁଦାମ କହିଲା, ଏକା ଭଲ ଯୋଗାଡ଼ଟାଏ ହେବ ସେଦିନ । ମୁଁ ଧର୍ମଶାଳାର ମେନେଜରକୁ କହିଛି । ସେ ଦିନକୁ ସେ ଦୁଇଟି ରୁମ୍ ଛାଡ଼ି ଦେବେ ।

ବାହାପିଆ ମଦନ କହିଲା, 'ହଁ, ସେଦିନ ଗୋଟାଏ ଖାସି ଆସିବ । କଣାକଣି କଥା ନୁହେଁ । ଆଜଠାରୁ ଠିକ୍ କରି ରଖ ଖାସି କାହିଁ ଅଛି । ଅଖାରେ ପୂରାଇ ପିଠି ଉପରେ ପକାଇ ଶରତ ଆମର ନେଇ ଆସିବ । ମୁଁ ହଲାଲ କରି ଦେବି ।'

ସମସ୍ତେ ଅଜଣା ଆନନ୍ଦରେ ହସି ଉଠିଲେ । ହୃଦାନନ୍ଦ କହିଲା, ଆଜି କଲେଜର କେଉଁ କେଉଁଠି Love କରୁଛନ୍ତି ତ ସମସ୍ତଙ୍କୁ ଏକାଠି କରି ବିବାହଟା କରାଇ ଦିଅନ୍ତେ । ଆମେ ହୁଅନ୍ତେ ମାନେ Love marriageର ପୃଷ୍ଠ ପୋଷକ । ଏ ଦୁନିଆଁରେ ଯିଏ Love କରି ବିବାହ କରି ପାରୁ ନ, ପ୍ରତି ଦଣ୍ଡକର ଧକ୍କା ଖାଇ ଜୀବନକୁ ହାଁ ହତାଶମୟ କରୁଛି, ସେଇମାନଙ୍କୁ ନେଇ ଆମର ଗୁଲନ୍ତା ଦେଶ କାମ ଅର୍ଥାତ୍ କଳେ ବଳେ କୌଶଳେ ବିବାହ କରାଇ ଦେଇ ଆମେ ହୁଅନ୍ତେ ଆଦର୍ଶ ମନୁଷ୍ୟ । କ'ଣ କହୁଛୁ ମଦନ—

ମଦନ ସମର୍ଥନ ସ୍ୱରରେ କହିଲା, 'ଜରୁର୍, ଜରୁର୍ ...

ବାସୁ କହିଲା, ଅଚ୍ଛା, ମୁଁ ଏକ ନୋଟିସ୍ ଇସ୍ୟୁ କରୁଛି । ତୁମେ-ମାନେ ଶୁଣ ! କଲେଜ ନୋଟିସ୍ ବୋର୍ଡ, ଇଉନିଭରସିଟୀ ନୋଟିସ୍ ବୋର୍ଡ ଓ 'ସମାଜ'ରେ ଦିଆଯିବ ।

ଭୁବନ ଏତେବେଳେ କହିଲା, 'କ'ଣ ଘଣ୍ଟା ନାଁ କଣ ?

ତା' ନହେଁ···ତୋର ପର ତ କେତେଜଣ ବ୍ୟର୍ଥ ପ୍ରେମିକ ପ୍ରତି ମୁହୂର୍ତ୍ତରେ ଆତ୍ମହତ୍ୟା କରିବାକୁ ବସୁଥିବେ। ପ୍ରେମିକା କେତେ ତ ଭଗ୍ନ ହୃଦୟରେ ନାଟ୍ୟଲୀଳା ଶେଷ କରୁଥିବେ। ଆମର ଏଇ ସଂଘ ସେଇ ଦଳର ମନ୍ଦିର, ଲଞ୍ଛିତ ପ୍ରେମିକ ଜନତାର ସେବା କରିବ।

ଗୋବର୍ଦ୍ଧନ ଆଗେ ତାଳି ଦେଲା। ସମସ୍ତେ ତାଳି ଦେଇ ସମର୍ଥନ କଲେ।

ମଦନ କହିଲା, 'ଏଭଳି ମିଟିଂକୁ ଯା ବନବିହାରୀକୁ ଡକା ନ ଗଲା···

ସେ ଏଇକ୍ଷଣି ସୁରୁଙ୍ଗା ବାଟେଇ ଆସି ଉପସ୍ଥିତ କ—ମହାଧୂର୍ତ୍ତ ସେ···

ସୁଦାମ କହିଲା, ତେବେ ଏ ସଂଘର ନାମଟା କ'ଣ ହେବ ବାସୁ···

ବାସୁ କହିଲା, ଯାହା ଗୋଟେ ଠିକ୍ କରିଯାଉ।

ଗୋବର୍ଦ୍ଧନ ପ୍ରସ୍ତାବ ଦେଲା, Love topsyfurby redre—ssing ସଂଘ···

ଦଳର ମନକୁ ଏ ନାଁଟା ପାଇଲା ନ।

ବୃନ୍ଦାବନ କହିଲା, ପ୍ରଜାପତି ସଂଘ···

ନାଁ···ନାଁ···ଗୋବର୍ଦ୍ଧନ ମନା କଲା।

ଶରତ କହିଲା, ତେବେ ପ୍ରେମିକଙ୍କ ଦୁଃଖ ମୋଚନ ସଂଘ Lover's benificial ସଂଘ।

ହେ···ଏତେବଡ଼ ଲମ୍ବା ନାଁଟା ଭଲ ନୁହେଁ—ସେ ବନାଟା କୁ

ବାପ୍ କହିଲା, 'ଆଶ୍ଚର୍ଯ୍ୟ ପିଲା ସେ···ତିନି ବରଷ ତଳେ ଭୁବନକୁ ସେ ଅବଶ୍ୟ ଚିହ୍ନି ନ ଥିଲା । ତଥାପି କ'ଣ ଭାବି ଦେଖି ମୋତେ କହିଲା, ଏ ପିଲାଟା ପ୍ରେମରେ ତ ପଡ଼ିଗଲା । ସର୍ବନାଶ ···ତାହାହିଁ ଭୁବନ ଭାଗ୍ୟରେ ଘଟିଛି । କାହିଁ କି ଆସୁନି···ସିଏ

ବାହାରେ କାହାର ଜୋତା ଶବ୍ଦ ଶୁଣାଗଲା । ଦଳର ପ୍ରସ୍ତାବ ମଝିରେ ଆସି ଛିଡ଼ା ହେଲା ଧନ । ତାକୁ ଦେଖି ବାପୁ କହିଲା, 'ଅଜା, ତୁ ନ ଆସିଲେ ଏ କି ଏସବୁ କଥା ହୁଏ···ଏତେ ଡେରି କାହିଁକି ହେଲା ।

ସୁଦାମ କହିଲା, ତୋର ତ ଖାଲି ଆପୁଷମ—ତୋର କଥା ପଡ଼ୁ ପଡ଼ୁ ଆସି ହାଜର ।

ଶରତ କହିଲା, ଅଜା ··· ବସିଲ । କହିଲ ଏ ସଂଘର ନାଁ ଟା କ'ଣ ···

ଧନ ପଚାରିଲା, କି ସଂଘରେ··· ପ୍ରେମିକ ମାରଣୀ ନାଁ ପ୍ରେମିକା ତାରଣୀ ।

ଗୋବର୍ଦ୍ଧନ ତାଳି ଦେଇ ସମର୍ଥନ କଲା । କହିଲା, ଅଜା, ବିଲ୍‌କୁଲ ଏ ସଂଘର ନାଁ ହେବ ପ୍ରେମିକ ତାରଣୀ ସଂଘ—

ଧନ ପଚାରିଲା, କ'ଣ ଏ ସଂଘର ଜନ୍ମ ଆଜିର ଯୋଜନା ଭିତରୁ ।

ଶରତ କହିଲା, ହଁ···

ପୁଣି ପଚାରିଲା, 'ପ୍ରେମିକପ୍ରବର' କୁହତ—ଜନ୍ମ ଦିନରେ ତୁମର କିଛି ଆପତ୍ତି ନାହିଁ ତ ?

ଭୁବନ କହିଲା, ଅଜା, ମୋର ଅବା କି ଆପତ୍ତି । ତୋ ପରି ଅଜାଟାଏ ଯେବେ ମୋତେ ପ୍ରଥମରୁ ମିଳିଥାନ୍ତା, ମୁଁ କ'ଣ ଏତେ ହଇରାଣ ହୋଇଥାନ୍ତି କି ?

ବାସୁ କହିଲା, ଛଡ଼ ସେ କଥା । ବର୍ତ୍ତମାନ ଏ ସଂଘର ନାମଟା ବୁଝାଯାଉ ।

ବନ କହିଲା, ନାମଟା କହିବା ପୂର୍ବରୁ ମୁଁ କହି ରଖେ ଯେ ବାସୁ ହେଉ ଏ ସଂଘର କୋଷାଧ୍ୟକ୍ଷ । କାରଣ, ସେ Cross word puzzleରୁ ଟଙ୍କା ପାଇ ଏ ସଂଘକୁ ଦେବ । ପ୍ରେମିକ ପ୍ରେମିକାମାନେ ଏ ସଂଘଭୁକ୍ତ ହେବେ ଗୋଟେ ୫୦/ର ଡାକ ଟିକଟ ଦେଇ ।

ସଂଘଟାର ନାମଟା କହ···

ହଁ, ନାଁଟା ଯେମିତି ଚମତ୍କାରିଆ ନାଁ ହୁଏ···ତାର ବିଜ୍ଞାପନ ଦିଆଯିବ । ସୁଦାମ କହିଲା ।

ବନ ଟିକିଏ ଭାବିଲା । କହିଲା, ଆଚ୍ଛା 'କନ୍ଦର୍ପ···ରତି··· ନାଁ···ନାଁ, ସଂଘଟାର ନାଁ ହେବ, ପଞ୍ଚଶର ଇଉନିୟନ୍···ପ୍ରେମିକ ପ୍ରେମିକାଙ୍କର ଦୁଃଖଜ୍ୱାଳାକୁ ନିଭାଇଦେବା ଏହାର କର୍ତ୍ତବ୍ୟ ହେବ ।

କରତାଳିର ସମର୍ଥନ ଆସିଲା । ଭୁବନ କହିଲା, ଦେଖନ୍ତ ଅଜାକୁ···କେତେ ସୁନ୍ଦର ରୋମାଣ୍ଟିକ୍ ନାଁଟା ବାଛିଲା—

ବାସୁ ପଚାରିଲା, 'ଗୋବର୍ଦ୍ଧନ ହେବ ଏହା ସଂପାଦକ । ଆପତ୍ତି କଲା,—କହିଲା, ହେବ ମଦନ···ସମସ୍ତେ ହସି ଉଠିଲେ । ବାହାରୁ କଏ ଆସିବାର ସଂକେତ ମିଳିଲା । ସୁଦାମ ଉଠିଗଲା । ଆସି କହିଲା, 'ଭୁବନର ବାବା···

ସେ ଦିନ ଇଉନିୟନର କାର୍ଯ୍ୟ ବିବରଣୀ ଏତିକି । ଭୁବନର ବାବା ଆସି ପହଞ୍ଚିଲେ । ଲଜ୍ଜାନତ ଭୁବନ ପ୍ରଣାମ କଲା । ଅନ୍ୟମାନେ ପ୍ରଣାମ ଜଣାଇଲେ । ସୁନ୍ଦରବାବୁଙ୍କ ପଛରେ ତାଙ୍କର ବନ୍ଧୁ ଦିବାକର । ବନ କହିଲା, ଆଜ୍ଞା ବସନ୍ତୁ···

ସେମାନଙ୍କୁ ଦୁଇଟି ଚେୟାର ଦେଇ ବନ ଓ ଶରତ ଭୁବନର ଖଟ ଉପରେ ବସି ପଡ଼ିଲେ । ସୁନ୍ଦରବାବୁ ସମସ୍ତଙ୍କ ମୁହଁକୁ ପରସ୍ପରେ ଚାହିଁଗଲେ । ଅନୁମାନ କଲେ, ଏମାନେ ସମସ୍ତେ ବୋଧହୁଏ ଭୁବନର ଦୁଃଖରେ ଦୁଃଖୀ । କେହି କିଛି କହୁ ନାହାନ୍ତି ।

ସୁନ୍ଦରବାବୁ କହିଲେ, ବାବୁ ଭୁବନ, ତୁ ମୋର ସୁପୁତ୍ର, ନାଁ କୁପୁତ୍ର, ଏତିକି ମୋତେ କହ—ଭୁବନ ନିରୁତ୍ତର ।

ସୁନ୍ଦରବାବୁଙ୍କ ଆଖି ଲୁହ ଛଳ ଛଳ, ମୁହଁ ଗମ୍ଭୀର ; ସେ ଉତ୍ତର ଚାହୁଁଥାନ୍ତି ।

ଉତ୍ତର ମିଳିଲା ନାହିଁ । ପଞ୍ଚଶର ଭଜନଅନରୁ କୌଣସି ସଙ୍କେତ ମଧ୍ୟ ଆସିଲା ନାହିଁ ।

ଜବାବ ଦେ ବାପା···ତୋତେ ଉଚ୍ଚ ଶିକ୍ଷା ପାଇବା ପାଇଁ ପଠାଇଥିଲି । ବହୁତ କିଛି ଉଚ୍ଚ ଶିକ୍ଷା ପାଇଚି ମୁଁ—ଜବାବ ଦେ, ମୋ କଥାର ଜବାବ ଦେ—

ବନ କହିଲା, ଥାଉ ଆଜ୍ଞା···ଆପଣଙ୍କ ପିତା···ଆକାଶ ଭଳି ଉଦାର ଆଉ ମହାନ···କାହିଁକି ଆଉ ସେ ଗତ କଥାଗୁଡ଼ା ମାପୁଛନ୍ତି, ଯାହାତ ହେବାର ହେଲାଣି···

ସୁନ୍ଦରବାବୁ କହିଲେ, ତୁଅଁ ଯା କହିଲୁ ସତ କଥା···କିନ୍ତୁ ଏଇ କୁଳାଙ୍ଗାରଟା ସକାଶେ ମୋର ବଂଶର ଗୌରବରେ କଳଙ୍କ ଲଗିଲା । ଆଶା କରିଥିଲି, ପିଲା ଦୁଇଟିଙ୍କି ଉଚ୍ଚ ଶିକ୍ଷା ଦେବି । ଜଣେ ହେବ ଇଞ୍ଜିନିୟର ଓ ଜଣେ ହେବ ଡାକ୍ତର । ଏ କୁଳାଙ୍ଗାର ମୋର ସେ ଆଶାକୁ ଚୂରମାର କରି ଦେଇଛି । ଗୋଟାଏ ଜାତିହୀନ ନୀଚ ଶ୍ରେଣୀର ଲୋକଟା ସହିତ ସମ୍ବନ୍ଧ ସ୍ଥାପନ କରି ଭୁବନ, ତୁ କ'ଣ କରିଛୁ ଜାଣୁ ? ତୋର ବଂଶର ମାନ ସମ୍ଭ୍ରମରେ ଓ ତୋର ନିଜର ମର୍ଯ୍ୟାଦାରେ କଳଙ୍କ ନିଜେ ଲଗାଇ ଦେଇଛୁ ।

ସୁନ୍ଦରବାବୁଙ୍କ କଥା ଶୁଣି ଲଏ ତା ମୁଁହକୁ, ସିଏ ଆଁ ମୁହଁକୁ ଚାହିଁଲେ ।

ସୁନ୍ଦରବାବୁ କହି ଚାଲିଲେ, ପାଠ ଶାଠ ପଢ଼ି ତୁମେମାନେ ଯେବେ ଏପରି ମ୍ଳାନ ଓ କୁତ୍ସିତ ବ୍ୟାପାରରେ ନିଜର ଭବିଷ୍ୟତକୁ କଳଙ୍କିତ କର, ତେବେ ଅନ୍ୟମାନେ କଣ ଆପଣମାନଙ୍କୁ ଆଉ ଖାତିର କରିବେ । ତୁ କାଲି ମୋଠାରୁ ଜନ୍ମ । ମୋର ବିନା ଅନୁମତିରେ ତୁ କାହିଁକି ରମେଶବାବୁ ଘରକୁ ଯାଇଥିଲୁ କହତ ?

ସୁନ୍ଦରବାବୁ ରାଗି ଉଠିଲେ । କହିଲେ, କହ କାହିଁକି ତୁ ସେଠାକୁ ଯାଉ । ଛାର ସାମାନ୍ୟ ଗୋଟାଏ ସ୍ତ୍ରୀ ଲୋକ ସକାଶେ ଆଜି ତୁ ତୋର ଜୀବନର ସର୍ବନାଶ କଲୁଣି, ତୋର ବଂଶର ମାନମହତ ଗଲାଣି । କି ହୋ ମହାପାପୀ, ତୋର ଯେବେ ବିବାହ କରିବାର କଥା ଥିଲା, ତୁ କାହିଁକି ମତେ ନ କହିଲୁ ? ଆରେ, ମାସକ ୩୦ ଦିନ । ସୁନ୍ଦରବାବୁ ଚାହିଁଲେ ୩୦ଟା ଷୋଳବର୍ଷୀ ଟୋକୀ ୩୦ ଟି ଦିନ ପାଇଁ ସେ ତୋତେ ବାହା ଦେଇ ପାରିବ । ସେ କ୍ଷମତା ଓ ପ୍ରତିପତ୍ତି ସୁନ୍ଦରବାବୁର ଅଛି । ତୋ ପାଇ କେତେ କୁଳ କନ୍ୟା ଚାହିଁ ବସିଛନ୍ତି । ଆଉ ତୁ···

ଛାର ଝିଅଟା ପାଇଁ ଯାଇ ତା'ଘରେ ଅପଦସ୍ତ ହେଉଛୁ । ଆରେ ତତେ ସେ ଡାକ୍ତର ମାଡ଼ ମାରି ଜୋତା ଦେଲା ଶେଷକୁ । ତୋତେ ପୁଣି ଧକ୍କା ମାରି ତା ଫାଟକ ପାର କରାଇ ଦେଲା । ତୁ ସହିଲୁ କିମିତି ସେଠି । ଆତ୍ମହତ୍ୟା କଲୁ ନାହିଁ । ତୋର ଅପମାନ, ତୋ ବଂଶର ଅପମାନ, ପୁଣି ମୋତେ ଦେଖିବାକୁ ପଡ଼ିଲା । ନିର୍ଲଜ, କୁଳାଙ୍ଗାର······

ତାଙ୍କର ମୁହଁ ଗମ୍ଭୀର, ଉଗ୍ର ଓ ଆରକ୍ତ ବର୍ଣ୍ଣ ଧାରଣ କଲା । ଚକ୍ଷୁଦ୍ୱୟ ନାଲି ଓ ସଧାସ୍ତ ହୋଇ ଉଠିଲା । କେହି ସାହସ କଲେ

ନାହିଁ, ଏ ପରିସ୍ଥିତିରେ କ'ଣ କରିବାକୁ ପଡ଼ିବ । ବନ ଠାରି ଦେଲେ ମହାପାତ୍ରଙ୍କୁ···ମହାପାତ୍ରେ ସୁନ୍ଦରରାୟଙ୍କୁ କହିଲେ, ଆପଣଙ୍କ ଘର ଲୋକ ଯେତେବେ···

ସୁନ୍ଦରରାୟଙ୍କ ତୀବ୍ର ଆକ୍ରୋଶ ଓ ରାଗ ଶେଷରେ ଅଶ୍ରୁରେ ପରିଣତ ହେଲା । ତାଙ୍କର କଣ୍ଠ ରୁଦ୍ଧ ହୋଇ ଆସିଲା । ସେ ଆଉ କିଛି କହି ପାରିଲେ ନାହିଁ । ତଳକୁ ମୁହଁ ପୋତି ଲୁହ ଢାଳିବାକୁ ଲାଗିଲେ ।

ଭୁବନ କାନ୍ଥ ପଟରେ କାନ୍ଦିବାକୁ ଲାଗିଲା । ସେ ବୁଝି ପାରିଲା, ତରୁଣ ସୁଲଭ ପ୍ରଗଳ୍ଭ ପ୍ରବୃତ୍ତିରେ ତାର ଜୀବନରେ ଯାହା ଯାହା ଘଟିଗଲା ସେଥିପାଇଁ ସେ ଦାୟୀ ନୁହେଁ । ଦାୟୀ ଅଦୃଷ୍ଟ ମାତ୍ର ଅଦୃଷ୍ଟର କୁଟିଳ ଗତିରେ ଘଟଣାର ଆବର୍ତ୍ତନ ଗୁଡ଼ିକ ପିତାଙ୍କ ହୃଦୟରେ କି ଦାରୁଣତମ ଆଘାତ ନ ଦେଇଛି ! ! ହୃଦୟର ସମସ୍ତ ଦୁର୍ବଳତାକୁ ସେ ଉପେକ୍ଷା କରି ପାରିଲା ନାହିଁ । ମନେ ମନେ କହିଲା, କଣ କଲି···

ସାଥୀମାନଙ୍କର ଆଖି ଲୁହରେ ଛଳଛଳ ।

ଶରତ କହିଲା, ବାପୁ କହ···

ବାପୁ ମରିବ !

କେହି ଯେପରି ଭୁବନ ପାଇଁ ତାଙ୍କ ବାପାଙ୍କୁ ଅନୁରୋଧ କରି-ବାକୁ ସାହସ କରିବାକୁ ଅକ୍ଷମ । ବନ ସାହସ କଲା । କହିଲା, ଆଜ୍ଞା, ଯାହା ତ ହେବାର ହେଲାଣି । ବର୍ତ୍ତମାନ କ'ଣ କରାଯାଇ ପାରେ ? ସୁନ୍ଦରରାୟ କହିଲେ, କ'ଣ କରାଯିବ । ଡାକ୍ତରଟା କେସ୍ ଜଟିଳ । ପୂର୍ବର ସୂର୍ଯ୍ୟ ବରଂ ପଶ୍ଚିମରେ ଉଦୟ ହେବେ, ତଥାପି ସୁନ୍ଦରରାୟ କୋର୍ଟକୁ ଯିବ ନାହିଁ, ତା'ର କୁଳାଙ୍ଗାର ପୁଅକୁ ସାହାଯ୍ୟ କରିବାକୁ । ସେ କୁଳାଙ୍ଗାର ଭଲ ବୁଝାଉଛି ? କାହିଁ-ତାନ୍···ପ୍ରାଣ ତ ଖାଲି ଜଳଣି ଉଠୁଣି···

ସୁନ୍ଦରାମ୍ବଙ୍କ ଆଖିରୁ ତେବେ ସୁଦ୍ଧା ଲୁହଧାର ବନ୍ଦ ହୋଇ ନ ଥାଏ ।

ସେ ପଚାରିଲେ, ଭୁବନ, ବର୍ତ୍ତମାନ କହ, ତୁ ଆଉ ତାକୁ ଛାଡ଼ିବୁ ନାହିଁ...

ଭୁବନ ଆଖି ଉଠାଇଲା । ଭାରାକ୍ରାନ୍ତ ମୁଣ୍ଡଟା ଆଉ ଉପରକୁ ଉଠାଇ ହେଉ ନାହିଁ ।

କହ, କହ,...

ଭୁବନ ନୀରବ ।

ସୁନ୍ଦରାମ୍ବ ତଥାପି ଚଡ଼ା କଣ୍ଠରେ ପଚାରିଲେ, 'କହ, ଜବାବ ଦେ...ଭୁବନ ଏତିକି କହିଲା, ବାପା, ମୁଁ ତାକୁ ଜବାବ ଦେଇ ସାରିଛି ।...

ହୁଁ...ତୁ, ତୋର ପୁଣି ଗୋଟାଏ ଜବାବ...ନା, ପୁଣି ଭାବିଚିନ୍ତି କହ । ଯଦି ତୋର ଜବାବ ସେଠାରେ ହୁଏ, ଜାଣିରଖ ସୁନ୍ଦରାମ୍ବର ପୁଅ ତୁ ଆଉ ନୋହୁ...ତ୍ୟାଜ୍ୟପୁତ୍ର ହୋଇଯିବ । ସମସ୍ତ ସଂପତ୍ତିରୁ ବଞ୍ଚିତ ହେବୁ ତୁ—

ଭୁବନ କହି ପକାଇଲା, ସେଥିପାଇଁ ଆପତ୍ତି ନାହିଁ ବାପା— ମୁଁ ମୋର ଜବାବ ରଖିବାକୁ ଚାହେଁ...

ଆଚ୍ଛା...

ସୁନ୍ଦରାମ୍ବ ପୁଣି ରାଗି ଉଠିଲେ । ବନ କହିଲା, ବାସୁ, ସେ ଇଡ଼ିଅଟ୍‌କୁ ଏଠୁ ନେଇଗଲୁ ପଦାକୁ । ଘର ଗୋଟାଏ ଏ ଦେଖେଇଛନ୍ତି ।

ଶରତ ଓ ବାସୁ ଟାଣି ଟାଣି ଭୁବନକୁ ପଦାକୁ ନେଇଗଲେ ।

ସୁନ୍ଦରାମ୍ବ କହିଲେ, ଦେଖିଲଣି ମଣ୍ଡାପାଟେ...

ଏମାନେ ଆଉ ବାପର ପୁଅ ହୁଅନ୍ତି...

ମଦନ କହିଲା, ଆଜ୍ଞା, ଛାଡ଼ନ୍ତୁ ସେ କଥା···

କ'ଣ କହୁଛୁ ତୁ ପୁଅଟରେ—ସେ କଣ ଆଉ ରହିଛି ମୋତେ ? ହୃଦୟ ଭିତରଟା ଆଜ ଦାହା ହେଉଛି···ଏ ଭଳି ପୁଅ ମୋର ନ ଥିଲେ କ'ଣ ହୋଇଥାନ୍ତା ?' ସୁନ୍ଦରସୁଙ୍କ କଣ୍ଠରେ ଉତ୍ତେଜନା, ଆବେଗ ଓ କରୁଣ ଝଙ୍କାର ।

ବନ କହିଲା, 'ଅଜ୍ଞା, ଆମ୍ଭମାନଙ୍କୁ ସେ କ'ଣ ଆଉ ରହିଛି । ତା' ପାଇଁ ଆପଣଙ୍କ ପରି ଆମର ମାନମହତ ସବୁଯାକ ପଦାରେ ବକ ସାରିଲାଣି ।

ମହାପାପେ, ଶୁଣୁଚ ଏ ସବୁ ଘଟଣାତ ? ବନ୍ଧୁ ବୋଉକୁ ଆମର ଟିକେ କହିବ । ଆମ ଭୁବନ ପାଇଁ ଏମାନେ ଆମ ଅପେକ୍ଷା ଏଠି କେତେଦୁର କଷ୍ଟ ନ କରୁଛନ୍ତି । ଅଉ କୁଳାଙ୍ଗାର, ଏମାନଙ୍କର ଥିବା କ'ଣ ଉପକାର ତୁ କରିବୁ ଜୀବନରେ—

ଆଜ୍ଞା, ଅମର ସେ କଥା ପଚ୍ଚରେ କଏ ? ବର୍ତ୍ତମାନ କପର ଆମେ ମାନ୍ ପାଇବା—

କହୁଛୁ ପୁଅ, ତାକୁ ସେଠି ବାହା ଦେବା କଥା ? ତା ଏଜନ୍ମରେ ହେବ ନାହିଁ—ସେଇ ଅଲକ୍ଷଣି, ଚଣ୍ଡାଳୀ ଯା ପାଇଁ ମୋ ବଂଶର ମାନ ମହତ ଗଲା—ସେ ପୁଣି ଯାଇ ମୋର ପୂର୍ବ ପୁରୁଷଙ୍କୁ ପାଣି ଦେବ···ନାଁ···ନାଁ ତା ସୁନ୍ଦର ଦେହାନ୍ତେ ହେବ ନାହିଁ ।

ବନ ଦେଖିଲା, ଉପାୟ ଠିକ୍ ଧରିଛି । ନତ କଣ୍ଠରେ କହିଲା, ନାଁ ଆଜ୍ଞା, ମୁଁ ତ ତାହା କହୁନାହିଁ । ମୁଁ କହୁଛି, ସେ କଣ୍ଠାଳର ହେଲା ବୋଲି କ'ଣ ଏତେ ବଡ଼ ହୋଇଗଲା । ଆପଣଙ୍କୁ ଏ ଅପମାନ ଭୁବନକୁ ଏ ଅପମାନ···ଏ ଅପମାନ କ'ଣ ଆମର ନୁହେଁ ।

ମହାପାପେ ଶୁଣ···

ଆଜ ଆମେ ସମସ୍ତେ ଚେଷ୍ଟା କରୁଛୁ । ଏହାର ପ୍ରତିଷେଧ ଗ୍ରହଣ ପାଇଁ, ଆପଣଙ୍କୁ ମାନ ଦେବା ପାଇଁ । ମୁଁ ପ୍ରିନ୍‌ସିପାଲଙ୍କୁ ଆଜରେ ସମସ୍ତ ଘଟଣା ନିଜେ ଯାଇ ଘରେଗଲ ଭାବରେ କହି ଦେଇଚି, ସେ ଜିଲ୍ଲା ମାଜିଷ୍ଟ୍ରେଟଙ୍କୁ ଫୋନରେ କହିଦେବେ । କେସ ଫେସ କୁଆଡ଼େ ଉଡ଼ିଯିବ । ଆଜ ଆପଣ ଦେଖିବେ, ସେ କଣ୍ଟ୍ରାକ୍ଟରର ସାତପୁରୁଷ ଆସି ଆପଣଙ୍କ ପାଦ ଯଦି ନ ଧରିଛନ୍ତି···

ସୁନ୍ଦରବାବୁ ଓ ମହାପାତ୍ରେ ପରସ୍ପର ମୁହଁ ଚାହାଁ ଚାହିଁ ହେଲେ । ବନ କହି ଚାଲିଲା, ଆଜି ତା'ର ଝିଅ, ତାର ବାପର ମହତ ଉପରେ । ବଦୋବାସ୍ତ କରି ଦୁନିଆଁ ଆଗରେ ଚାଲି ଆସିବ ଦାନ୍ତ ଗୋଡ଼ି କାଢ଼ି । ଆପଣଙ୍କ ଘରେ କେତେ ଦାସୀ ପରିବାରୀ ଥିବେ । ତାର ଆସନ ହେବ ସମସ୍ତଙ୍କ ତଳେ···ଦୁନିଆଁ ଦେଖିବ କଣ୍ଟ୍ରାକ୍ଟର···ତାର ଝିଅକୁ ସୁନ୍ଦରବାବୁ ପ୍ରତିଶୋଧ ପାଇଁ ନିଜର ଗୁହାଳ ପୋଛିବା କାମରେ ରଖି ପାରନ୍ତି ।

ମହାପାତ୍ରେ କହିଲେ, ହଁ ହଁ···ଠିକ୍ ଠିକ ! ଏଭଳି କାମକୁ ଏଇଆ ନ କଲେ ଆମ୍ଭର ମୁଣ୍ଡ ରହିବ ନାହିଁ ।

ସୁନ୍ଦରବାବୁଙ୍କ ମୁହଁରେ ନୂତନ ଶିହରଣ ଦେଖା ଦେଲା । ସୁଦାମ ଓ ବୃନ୍ଦାବନ ବନର ଆଶ୍ଚର୍ଯ୍ୟ ବୁଦ୍ଧିରେ ଅତି ବିସ୍ମିତ ହୋଇ ଠିଆ ଠିଆ ହେଲେ ।

ବିସ୍ମୟ ଓ ଆନନ୍ଦ ଶାଣିତ ଚକ୍ଷୁରେ ସୁନ୍ଦରବାବୁ ବନବିହାରୀର ଗମ୍ଭୀର ଆକୃତିକୁ କ୍ଷଣକାଳ ପାଇଁ ଅପଲକ ଦୃଷ୍ଟିରେ ଚାହିଁ ରହିଲେ ।

## ❋ ଷୋହଳ ❋

ମୁଁ କହୁଛି, ଏ ଲଗ୍ନଟା ଠିକଏ ଗଡ଼ାଇ ଦେଲେ ଚଳନ୍ତା ନ—ଝିଅଟା ଝୁରି ଝୁରି ଆସି କଣ୍ଢା ହେଲାଣି ।

ସୁଜାତାର ମା ଏତକ କହି ଦେଲେ । ରମେଶ ବାବୁ କହିଲେ, ଦେଖନା, ବିବାହଟା ସରିଗଲେ ତାର ମନର ପରିବର୍ତ୍ତନ ଆସିଯିବ । ଭୁବନ···ଅମରେନ୍ଦ୍ର ରାଜବଂଶର ପିଲା । କି ଚେହେରା ସୁନ୍ଦର ଚେହେରା ତାର । ଏମ୍. ଏଲ୍. ପଢ଼ୁଛି । ବାରିଷ୍ଟର ହେବ । ତୁମେ ତ ତାର ଫଟୋ ଦେଖିଛ । ସେଇଥିପାଇଁ ମୁଁ କେତେକେତେ ଆୟୋଜନ ଅବା ନ କରିଛି । ଜବାବ୍ ଦେଇଛି, ନଗଦ ୧୫ହଜାର ଟଙ୍କା ବାଦ ଖରଚ ଦେବି । ଆଜି ଦେଖିବି ସେ ସୁନ୍ଦରପୁର ମହାରାଜଙ୍କୁ···ସେ ମୋର ଜାତି ବାଛୁଥିଲା । କୁଳ ବାଛୁଥିଲା··· ଏବେ ଦେଖୁ, ତାରି ଆଗରେ ମୋର ଝିଅ ହେବ ରାଜ୍ୟର ରାଣୀ—ଆଜି ବିବାହ ଦିନ ତାର ପୁଅ ଥିବ ଜେଲ ଭିତରେ···ହା ! ହା !

ହଁ, ସତ କଥା ।

ଆଚ୍ଛା, ତୁମେ ସୁଜାତାର ମନଟାକୁ ବଦଳାଇ ଦେଲ ତ ?

ହଁ···ସେ କହିଲା, ବାପାଙ୍କର ଅପମାନ କ'ଣ ମୋର ଅପମାନ ନୁହେଁ ?

ହଁ, ସେ ଖୁବ୍ ଭଲ ପିଲା ନା···ଶୀଘ୍ର ବୁଝିଗଲା । ନୋହିଲେ ଏବ କାଳର ଟୋକା ପୁଅ ଝିଅ··· ଗୁରୁ ତାଙ୍କ କଥା ଛାଡ଼, ଯେବେ ଝୁଙ୍କ ଉଠେ, ତେବେ ବାପ ମା' କୁଳ ମାନ ସବୁ ଗଲେ କ'ଣ ହେଲା ?

ହଁ ତେବେ ସୁଦ୍ଧା ସୁଜାତା କହୁଛି—ବର୍ତ୍ତମାନ ତାର ବିବାହ କରିବା ଉଚିତ ନୁହେଁ । କଲେଜ ପଢ଼ା ଚଳିଥାନ୍ତା···

ତୁମେ କ'ଣ ବୁଝିଚ ସୁର ତୋଷ···ଦାୟିତ୍ୱ ଗଲେ ଗଲା । ତା'ପରେ ପୁଣି ଲୋକଙ୍କର ଚଢ଼ା ପଡ଼ି ବିଷୟ ଦେଖିବା ?

ସୁଜାତାର କୋଉ କଥା ନ କହି ନୀରବ ହେଲେ । ରମେଶ ବାବୁ ପଚାରିଲେ, ସୁଜାତା କୁଆଡେ ଗଲା ? ଯିବ କୁଆଡ଼େ । ତାର ସାଙ୍ଗ ଅଞ୍ଜଳି ଓ ଉଷା ଆସିଥିଲେ ଆମ ଘରକୁ । ମୁଁ ସେମାନଙ୍କୁ କହିଲି, ସୁଜାତାକୁ ଆମର ଟିକେ ବୁଝ୍‌ବୁଝି କରିଦିଅ । ସେମାନଙ୍କ ସାଙ୍ଗରେ ସେ ବୁଲି ଯାଇଛି ।

ହଁ···ମୁଁ ନିମନ୍ତ୍ରଣପତ୍ର ଯୋଗାଡ଼ରେ ଲାଗିଲି, ଆରେ ରାମା, ଡ୍ରାଇଭରବାବୁଙ୍କୁ ଟିକେ ଡାକ ତ, ଯିବା ଲଛମନ ଚାନ୍ଦ ସୁନା ଦୋକାନକୁ···

× × × ×

ବାଟରେ ଅଞ୍ଜଳି ପଚାରିଲା, ଉଷା, ବର୍ତ୍ତମାନ କର୍ତ୍ତବ୍ୟ···

କର୍ତ୍ତବ୍ୟ ତ ଆଜି ଆରମ୍ଭ···ଏବଂ ଶେଷ । ଶୁଣିଛ ଭୁବନବାବୁ ପୋଲିସ ସାହାଯ୍ୟ ନେଇଛନ୍ତି···ସୁଜାତା, କ'ଣ କହୁ ନାହୁଁ କାହିଁକି ।

ଅଶ୍ରୁ ଛଳ ଛଳ ନେତ୍ରରେ ସୁଜାତା କହିଲା, ଭାଗ୍ୟ ହୀନ ଜୀବନର କଥା କହିବି କ'ଣ ? କି ଯୋଗରେ ଜନ୍ମ ମୋର ଯେ ଏ କୁଳ ହେଲି ନା କି ସେ କୁଳ ହେଲିନି । ନିଜର ବଂଶ ଗୌରବ, ମାନମହତ ସବୁ କୁଆଡ଼େ ମୋର ପାଇଁ ଜଳି ପୋଡ଼ିଗଲା ଆଉ ଜୀବନର ସର୍ବସ୍ୱ ବୋଲି ଯାହାକୁ ଭାବିନେଲି, ମୋ ସକାଶେ

ତାଙ୍କର ଜୀବନକୁ ଛାରଖାର କରି ପକାଇଲା । ଊଷା ଅଠା,ମୋତେ ଶୀଘ୍ର ମରଣ ହେଉ···

ଊଷାର ଘର ପାଖେଇଲଣି । ଅଞ୍ଜଳି କହିଲା, ସେ କଥା ପାଟିରେ ଧରନା—ଭୁବନବାବୁ ଆସିଥିବେ ନା ଊଷା ?

ହଁ ବୋଧହୁଏ ଆସିଥିବେ···

ଊଷା, ଅଞ୍ଜଳି ଓ ସୁଜାତା ଘର ମଧ୍ୟରେ ପ୍ରବେଶ କଲେ । କାହାରି ମନରେ ସରାଗ ନାହିଁ । ଅନାଗତ ଆଶଙ୍କାର ଦୂରତରେ ସ୍ପୃହା ପ୍ରତିବନ୍ଧିତ ହୋଇଛି । ଊଷାର ମା ଓ ଭଉଣୀ, ସୁଜାତାକୁ ଦେଖିଲେ । ସୁଜାତା ତାଙ୍କୁ ନମସ୍କାର କଲା ।

ସୁଜାତାର ଚେହେରା, ଊଷା ଓ ଅଞ୍ଜଳିର ଆଶଙ୍କାକୁଳ ଆଖିକୁ ଦେଖି ଊଷାର ମା ସମସ୍ତ ଘଟଣା ବୁଝିନେଲେ । କହିଲେ, ଭୁବନବାବୁ ଏ ଘରେ ଅଛନ୍ତି···

ଶଙ୍କିତ ପଦରେ ସୁଜାତା ଅନ୍ୟ ରୁମ୍‌କୁ ପ୍ରବେଶ କଲା । ପାଦତଳେ ପ୍ରଣାମ କଲାବେଳେ ଭୁବନର ତରୁଣ ହସ୍ତରେ ତାର ବାହୁ ଦୁଇଟି ଉଚ୍ଛ୍ୱଳିତ ହୋଇ ଉଠିଲା । ଆଖିରୁ ଲୁହ ଧାର ଧାର ବୋହି ପଡ଼ିଲା । ଊଷା, ଅଞ୍ଜଳି, ଊଷାର ମା ଓ ସାନ ଭଉଣୀ ଏ ଦୃଶ୍ୟରେ ବିଚଳିତ ଓ ଅଶ୍ରୁଳ ହୋଇ ଉଠିଲେ । ଊଷାର ମା ଆଶୀର୍ବାଦ କଲେ, ଭଗବାନ ତୁମର ମନୋବାଞ୍ଛା ପୂରଣ କରନ୍ତୁ···

ଭୁବନ ଡାକିଲା···ସୁଜାତା !

ନତନେତ୍ରକୁ ଉନ୍ମୀଳିତ କରି ସୁଜାତା ନୀରବ ଓ ଲୋତକସିକ୍ତ ଭାଷାରେ ଉତ୍ତର ଦେଲା ଆଖିରେ ।

ଶୁଣ···

ଆଖିରୁ ଲୁହ ଧାର ସର ନାହିଁ । ସୁଜାତା କହିଲା, କେଉଁ-ଆଡ଼େ...

ସେଉଁଠିକି ମୁଁ ଯିବ ।

ନାଁ ଭୁବନବାବୁ...ତା' ହୋଇ ପାରବ ନାହିଁ । ମୋର ଜନମଯୂରେ ଆପଣ ଲାଞ୍ଛନା, ନର୍ଯ୍ୟାତନା ଓ ଦାରିଦ୍ର୍ୟ ବରଣ କରନ୍ତୁ ନାହିଁ । ସ୍ୱାର୍ଥପରା ମୁଁ, ଆପଣଙ୍କର ସର୍ବନାଶ କର ଦେଇଛ । ସେଥିପାଇଁ ମୋତେ କ୍ଷମା ଦିଅନ୍ତୁ ଏବଂ ଭୁଲିଯାନ୍ତୁ ସୁଜାତାକୁ । ଅଜ୍ଞାତରେ କୌଣସି ଏକ ଇନ୍ଦ୍ରଜାଲ ଖେଳ ପର ଆପଣ ମୋର ସମସ୍ତ ସ୍ମୃତି ଭୁଲି ଯାଆନ୍ତୁ । ବିବାହ କରନ୍ତୁ । ମୋତେ ନେଇ ନଜର ଭବିଷ୍ୟତକୁ ପୋଡ଼ିଜାଳି ପାଉଁଶ କର ଦିଅନ୍ତୁ ନାହିଁ... ମୋ ପାଇଁ ଆପଣଙ୍କ ବଂଶର ମର୍ଯ୍ୟାଦାରେ କଳଙ୍କ ରଖନ୍ତୁ ନାହିଁ । ବିବାହ କରନ୍ତୁ ।

ଏ କ'ଣ କହୁଛ ସୁଜାତା ! ଏତିକି କହି ଭୁବନ ତାର ହାତୁଲି ଦୁଇଟି ଧର ପକାଇଲା । ଚମକ ପଡ଼ି କହିଲା, ଏ କଣ ତୁମ ଦେହରେ ଜ୍ୱର...

ଶୁଣି ନ ଶୁଣିଲା ପର ରହିଲା ସୁଜାତା । ଅଞ୍ଜଳି ଓ ଉଷା ତାର ଦେହରେ ହାତ ଦେଲେ ।

ସତେ ତ ଦେହଟାରେ ଏତେ ଉତ୍ତାପ ?

ସୁଜାତା କହିଲା, ମୋର ପାଇଁ ଆପଣ ନଷ୍ଟକଲେ ଆପଣଙ୍କର ଭବିଷ୍ୟତ । ମୋର ପାଇଁ ଡାକ୍ତର ସାମନ୍ତସପୁ କ୍ଷତ ବିକ୍ଷତ ହୋଇ ନିଃସ୍ୱ ହେଲେ । ଏ ଦୁଇଟି ବଂଶର ଅଭିଶାପ ମୁଁ ନେଇ ପାରିବ । ଏଣିକି ଆଉର ବିବାହ ପରେ ଅଭିଶାପ ବହନ କରିବ ଆଉ ଏକ

ଯୁବକର…କ ଯୋଗରେ ଜନ୍ମ ହେଲ…ମୋର ଭାଗ୍ୟରେହିଁ ଘଟିଲା ଏଇସବୁ ଲାଞ୍ଛନା…

ଅବୋଧ ଶିଶୁପରି ସୁଜାତା କାନ୍ଦି ଉଠିଲା । ଉଷା ତାର ଲୁହ ପୋଛି ଦେଲା । ତାର ମା ସୁଜାତାକୁ ପ୍ରବୋଧନା ଦେଇ କହିଲେ, ମାଆ ପରା…ଏ ସବୁ କଥା କହନ୍ତୁ ନାହିଁ…ତୋର ବାଟ ଚୁ ଧରିଛୁ । ଦୁନିଆଁ ଗଲେ କେତେ ଥିଲେ କେତେ, ତୋର ସେଥିରେ ଯାଏ ଆସେ କଣ ?

କହିଁ କହିଁ କାନ୍ଦି ଉଠିଲ କହିଲା, କଣ କହୁଚ ସୁଜାତା… ମୁଁ ତୁମକୁ କଥା ଦେଉଛି ସତ୍ୟ କରୁଛି—ଦେହ ମନ ପ୍ରାଣରେ ସୁଜାତା ବ୍ୟତୀତ ମୁଁ ଅନ୍ୟ କାହାରିକୁ ସ୍ଥାନ ଦେଇନାହିଁ । ମୁଁ ପୁଣି ତୁମକୁ ବା ଭୁଲିଯିବି କପରି ଓ କାହିଁକି ? ତୁମେ ସେ ସବୁ କଥା ଛାଡ । ବାହାରେ ଟ୍ୟାକ୍ସି ଅପେକ୍ଷା କରିଛି—ଆସ…ଚାଲ…

କ୍ଷୀଣ କଣ୍ଠରେ ସୁଜାତା ଉତ୍ତର ଦେଲା, ଧୀରେ କହିଥିଲ ପରା ଆମର ପ୍ରଣୟର ଇତି ନାହିଁ । କ୍ଷୁଦ୍ର ବୋଲି ଏତେ କାହିଁକି ଏହାକୁ ଧରି ନେଉଛନ୍ତି । ବିବାହ କରନ୍ତୁ । ଦେହର କ୍ଷୁଧା ଧରି ମଣିଷ ବେଶୀଦିନ ଆଦର୍ଶକୁ ସ୍ଥାନଦେଇ ପାରେ ନା…ବିବାହ କରନ୍ତୁ । ସୁଖୀ ହେବେ…

ଉଷା ଓ ଅଞ୍ଜନ କହିଲେନି କିଛି । ଅବାକ୍ ହୋଇ ଏ ତା ମୁହଁକୁ ଓ ସେ ତା ମୁହଁକୁ ଚାହିଁଲେ । ଉଷା ପଚାରିଲା, ସୁଜାତା…

ନାଁ ଉଷା ଅପା…ମତେ କିଛି ବୁଝନାହିଁ । ଏତିକି କହି ସେ ବିକଳ ଭାବରେ କାନ୍ଦିବାକୁ ଲାଗିଲା ।

କରୁଣ ଆବେଦନରେ ଭୁବନ କହିଲା, ସୁଜାତା, ମନେ ରଖ ଦେହ ମନପ୍ରାଣ ଦେଇ ମୁଁ ତମକୁ ଭଲ ପାଇଛି—ସମାଜର ଆଖିରେ ଆଙ୍ଗୁଠି ମାରି ମୁଁ ତମକୁ ଦେହ ମନ ପ୍ରାଣରେ ମିଶାଇ ଚିର ଆନନ୍ଦ ଉପଭୋଗ କରିବି । ଯିଏ ଗୋଟିଏ ଦାଗ ଧରି ଗଲେ ସେ ଚୋର, ବଦମାସ ଓ ଅସତ—ଭ୍ରମର କଣ୍ଠରେ ଆଜି ଦିନର ଏ ସବୁ ଅପ୍ରାକୃତ ଭାଷା ଜାଣିନ ସୁଜାତା···

ହୃଦୟ ତାର ଭାଙ୍ଗି ହେଲା । ସେ ସୁଜାତା ଆଡ଼କୁ ଚାହିଁ ରହିଲା । କିଛିକ୍ଷଣ ପାଇଁ କେହି ଆଉ ପଲକ ପକାଇ ପାରିଲେ ନାହିଁ । ଭୁବନ ସୁଜାତାର ବାହୁଧରି କହିଲା, ଚାଲ······

ଝାଉଁଳିଲା ଲତାଟି ପରି ସେ ଲେଟି ପଡ଼ିଲା ଭୁବନ କୋଳରେ । ଦେହରେ ଉତ୍ତାପ ପୂରି ରହିଛି···ସଂଜ୍ଞା ନାହିଁ, ଚେତନା ନାହିଁ ।

କ'ଣ ହେଲା ବୋଲି ଉଷା ଓ ଅଞ୍ଜଳି କାନ୍ଦି ଉଠିଲେ । କ୍ଷଣକ ପାଇଁ ଭୁବନ କିଂକର୍ତ୍ତବ୍ୟବିମୂଢ଼ ହୋଇ ଠିଆ ହେଲା । ତାକୁ କିଛି ଦେଖାଗଲା ନାହିଁ । ମୁଣ୍ଡ ଉପରେ ଶତ ସହସ୍ର ହିମାଳୟ ଭାଙ୍ଗି ପଡ଼ିଲା । ଧମନୀର ସ୍ପନ୍ଦନ ସବୁ ଯେମିତି ରୁଦ୍ଧ ହୋଇ ଆସିଲା ।

ଧୀରେ ଧୀରେ ସେ ସୁଜାତାକୁ ଉଠାଇ ନେଇ ଚାଲିଲା ଟ୍ୟାକ୍ସି ପାଖକୁ, କାନ୍ଦି କାନ୍ଦି ପଛରେ ଉଷା, ତାର ମା ଓ ଅଞ୍ଜଳି··· । ଡ୍ରାଇଭର ଦରଜା ଖୋଲି ଦେଲା । ସୁଜାତାକୁ କୋଳରେ ଧରି ଭୁବନ ବସିଲା । ଉଷା ଓ ଅଞ୍ଜଳି ମଧ୍ୟ ସାଙ୍ଗେ ସାଙ୍ଗେ ବସିଲେ

କାହାର ତୁଣ୍ଡରେ ଭାଷା ନାହିଁ ।

ହଠାତ୍ ଭୂକମ୍ପ କମ୍ପିଲା, ଟଳିଉଠେ ମେଡ଼ିକାଲ୍...

ଷ୍ଟାର୍ଟ୍ ମାରି ଅଷ୍ଟିନ୍‌ଟା ଛୁଟି ଚାଲିଲା ମେନରୋଡ଼ରେ ମେଡ଼ି-କାଲ୍ ଅଭିମୁଖେ......

ଠିକ ସେତିକିବେଳେ ପାଖ ଦେଇ ଚାଲି ଯାଉଥିଲା ବିନୋଦ—ନ୧୭ ନମ୍ବର ସାଇକେଲ ରିକ୍ସାରେ......

# ପ୍ରିୟଜନମାନଙ୍କୁ ଉପହାର
## ଦେବାଭଳି ବହି

**ଉପନ୍ୟାସ**

- ପରକାୟୀ — ଟ ୧୫
- ବିଦେଶ ବାହୁଡ଼ା — ଟ ୧୫
- ହଂଡ଼ି ଓ ହଂସ ଫୁଲ — ଟ ୧।
- ମନର ଯେତେ ଆଶା — ଟ ୧୬
- ନନ ନରଣୀ କାନ୍ଦେ — ଟ ୨୯
- ପ୍ରିୟା ଓ ପରକୀୟା — ଟ ୨୫
- ଝୁଲି ଧାସି — ଟ ୧।
- ଲଭ୍ ମ୍ୟାରେଜ୍ — ଟ ୨୯

**ଗଳ୍ପ ସଂଗ୍ରହ**

- ଗାଁମାଟି ଡାକେ — ଟ ୧୯
- [illegible] — ଟ ୧୯
- [illegible] — ଟ ୧୫

**କବିତା**

- ପ୍ରେମସ୍ୱନ — ଟ ୦ ୫୦
- ଭଲୁ ନୁଆଙ୍କା — ଟ ୦ ୬

**ଡିଟେକ୍ଟିଭ**

- ସର୍ବହରାର ଅଟ୍ଟହାସ୍ୟ — ଟ ୧୯
- ନିମାଦ୍ରି ରହସ୍ୟ — ଟ ୨୯

ପ୍ରାପ୍ତିସ୍ଥାନ :

**ପ୍ରକାଶ ବୁକ୍ ଷ୍ଟୋର**

**କଲେଜ ରୋଡ଼, କଟକ-୩**


ମୁଦ୍ରାପଣି ସୁବିଧା : ମନମୋହନ ପ୍ରେସ, କଟକ-୨